# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, September 6/2023 Page 16 ₹ 7.00

୪୯ଶ ଭାଗ ୨୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 282 ମୂଲ୍ୟ ₹୭/-







## ସଂକ୍ଷେପରେ

### ଆଦିତ୍ୟ ଏଲ୍‌୧ର ଦ୍ୱିତୀୟ କକ୍ଷ ପରିବର୍ତ୍ତନ

**ବେଙ୍ଗାଲୁରୁ,୫।୯(ପି.ଟି.):** ଭାରତର ପ୍ରଥମ ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍‌୧ର ଦ୍ୱିତୀୟ ପୃଥିବୀ କୈନ୍ଦ୍ରିକ କକ୍ଷ ପରିବର୍ତ୍ତନ ମଙ୍ଗଳବାର ସଫଳତାର ସହ ସମ୍ପନ୍ନ ହୋଇଛି। ମଙ୍ଗଳବାର ଭୋର ସମୟରେ ଇସ୍ରୋର ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ (ଆଇଏସ୍‌ଟିଆର୍‌ଏସି) ଆଦିତ୍ୟ-ଏଲ୍‌୧ର କକ୍ଷ ଉତ୍ଥାନ କରାଇଥିଲା। ଏହି ସମୟରେ ଇସ୍ରୋ ଏବଂ ଆଇଏସ୍‌ଟିଆର୍‌ଏସିର ମରିସସ୍, ବେଙ୍ଗାଲୁରୁ ଏବଂ ପୋର୍ଟ ବ୍ଲେୟାରରେ ଥିବା ଗ୍ରାଉଣ୍ଡ ଷ୍ଟେଶନଗୁଡ଼ିକ ଅପରେଶନ ଉପରେ ନଜର ରଖିଥିଲେ। ଦ୍ୱିତୀୟ ମାନୋଭର ଫଳରେ ପୃଥିବୀଠାରୁ ଆଦିତ୍ୟ-ଏଲ୍‌୧ର ସର୍ବନିମ୍ନ ଦୂରତା ୨୮୨ କିଲୋମିଟର ଏବଂ ସର୍ବାଧିକ ଦୂରତା ୪୦,୨୨୫ କିଲୋମିଟରରେ ପହଞ୍ଚିଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ଆଦିତ୍ୟ-ଏଲ୍‌୧ର ତୃତୀୟ ମାନୋଭର ଆସନ୍ତା ୧୦ ତାରିଖ ରାତି ୨ଟା ୩୦ ମିନିଟ ସମୟରେ ହେବ। ସେପ୍ଟେମ୍ବର ୨ରେ ଭାରତ ଆଦିତ୍ୟ-ଏଲ୍‌୧କୁ ସୂର୍ଯ୍ୟ ଅଭିମୁଖେ ଛାଡ଼ିଥିବାବେଳେ ୩ ତାରିଖରେ ପ୍ରଥମ କକ୍ଷ ଉତ୍ଥାନ କରାଯାଇଥିଲା।

### ରାହୁଲଙ୍କ ଏମ୍‌ପି ପଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୫।୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହେବା ସତ୍ତ୍ୱେ ଲୋକ ସଭା ସଦସ୍ୟତା ଫେରିପାଇବାର ବୈଧତାକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ରାହୁଲଙ୍କ ଏମ୍‌ପି ପଦ କାଏମ୍ ରହିଲା ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ଖାରଜ କରାଯିବାକୁ ଲକ୍ଷ୍ନୌର ଜଣେ ଆଇନଜୀବୀ ପିଟିଶନରେ ନିବେଦନ କରିଛନ୍ତି। ଜଣେ ଆଇନ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇ ଲୋକ ସଭା ସଦସ୍ୟତା ହରାଇବା ପରେ ସେ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ଏମ୍‌ପି ଭାବେ ଫେରିପାରିବେ ନାହିଁ ବୋଲି ପିଟିଶନରେ କୁହାଯାଇଛି। ଆପରାଧିକ ମାନହାନି ମାମଲାରେ ରାହୁଲଙ୍କୁ ୨ ବର୍ଷ ଜେଲଦଣ୍ଡ ହେବା ପରେ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିଲା। ସୁପ୍ରିମକୋର୍ଟ ତଳକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇବା ପରେ ତାଙ୍କ ସଦସ୍ୟତାକୁ ପୁନର୍ବାର କାଏମ ରଖାଯାଇଛି। ଏନେଇ ବାଚସ୍ପତିଙ୍କ ନିଷ୍ପତ୍ତି ଠିକ୍ ନ ଥିଲା ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

### ଗେଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରଫ



କେ.ବି. ସିଂ

**ନୂଆଦିଲ୍ଲୀ,୫।୯:** ଲାଞ୍ଚ ନେବା ମାମଲାରେ କେନ୍ଦ୍ରୀୟ ଅପରାଧ ତଦନ୍ତ ବ୍ୟୁରୋ(ସିବିଆଇ) ଗ୍ୟାସ୍ ଅଥରଟି ଅଫ୍ ଇଣ୍ଡିଆ ଲିମିଟେଡ୍(ଜିଏଆଇଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ବି. ସିଂଙ୍କ ସମେତ ଅନ୍ୟ ୪ ଜଣଙ୍କୁ ଗିରଫ କରିଛି। ଦୁଇ ପାଇପ୍ ଲାଇନ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଦେବା ଲାଗି ଘରୋଇ କମ୍ପାନୀଠାରୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦିଲ୍ଲୀ, ମୁମ୍ବାଇ ଏବଂ ବିଶାଖାପାଟଣାରେ ଚଢ଼ାଉ କରିଛି। ଅଭିଯୁକ୍ତମାନେ ଶ୍ରୀକାକୁଲମ୍‌ଠାରୁ ଅନୁଗୋଳ ଏବଂ ବିଦ୍ୟାପୁର ଠାରୁ ଅଯୁରିଆ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରୋଜେକ୍ଟର କଣ୍ଟ୍ରାକ୍ଟ ଲାଗି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।

### ପ୍ରଜ୍ଞାନ ପଠାଇଥିବା ଫଟୋରେ ଚନ୍ଦ୍ରର ନୂଆ ରଙ୍ଗ

**ବେଙ୍ଗାଲୁରୁ,୫।୯:** ଚନ୍ଦ୍ରଯାନ-୩ର ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠ ଏବଂ ଲ୍ୟାଣ୍ଡର ବିକ୍ରମର ଫଟୋ ପଠାଇଥିଲା। ଇସ୍ରୋ ଉକ୍ତ ଫଟୋର ୩ଡି ଭିଜୁଆଲାଇଜେଶନ ମଙ୍ଗଳବାର ଛାଡ଼ିଛି। ଏହାକୁ ଲାଲ୍ ଓ ସ୍ୟାନ୍ ରଙ୍ଗର ଚଷମାରେ ଦେଖାଯାଇପାରିବ। ନେଭିଗେଶନ କ୍ୟାମେରା ଷ୍ଟେରିଓ ଇମେଜ୍ ବ୍ୟବହାର କରି ଏହି ଆନାଗ୍ଲିଫ୍ ପ୍ରସ୍ତୁତ କରାଯାଇଛି। ଏଥିରେ ଚନ୍ଦ୍ରର ନୂଆ ରଙ୍ଗ ଦେଖିବାକୁ ମିଳିଛି।



ଜି-୨୦ ଆୟୋଜନ ସ୍ଥଳ ଭାରତ ମଣ୍ଡପମ୍‌ରେ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର, ପାଖରେ ଅଛନ୍ତି ବହିର୍ବ୍ୟାପର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଓ ଅନ୍ୟ ଅଧିକାରୀ।




ନୂଆଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଜି୨୦ ଲୋଗୋ ଲଗାଯାଇଛି।

# ଅନ୍ତର୍ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ମିନି-ଇଣ୍ଡିଆ

G20 भारत 2023 INDIA

**ନୂଆଦିଲ୍ଲୀ,୫।୯(ପି.ଟି.)**

ଜି୨୦ ନେତାମାନଙ୍କ ସମ୍ମିଳନୀ ଆସନ୍ତା ୯ ଓ ୧୦ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସେଠାରେ ବିଶାଳ ଅନ୍ତର୍ଜାତୀୟ ଗଣମାଧ୍ୟମ କେନ୍ଦ୍ର ସ୍ଥାପନ ହେବ, ଯେଉଁଠି ମିନି-ଇଣ୍ଡିଆକୁ ଜୀବନ୍ତ ଦେଖିବାକୁ ମିଳିବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର କହିଛନ୍ତି। ଜି୨୦ ସମ୍ମିଳନୀର ସମସ୍ତ ବିବରଣୀକୁ ସାରା ବିଶ୍ୱରେ ପ୍ରସାରିତ କରିବାକୁ ଥିବା ଏହି ମିଡିଆ ସେଣ୍ଟରର ପ୍ରସ୍ତୁତିକୁ ଅନୁରାଗ ସମୀକ୍ଷା କରିଥିଲେ। ଜି୨୦ ସମିଟ୍‌ର ଖବର ସଂଗ୍ରହ ଲାଗି ରାଜଧାନୀ ଦିଲ୍ଲୀରେ ଦେଶ ବିଦେଶର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମିଡିଆ ସେଣ୍ଟରର ଆୟୋଜନ କରାଯାଉଛି। ସେଠାରେ ଦେଶର ତଥା ଅନ୍ତର୍ଜାତୀୟ ଗଣମାଧ୍ୟମ ଲାଗି ବ୍ରଡ୍‌ବ୍ୟାଣ୍ଡ ସଂଯୋଗ, ମିଡିଆ ଲାଉଞ୍ଜ, କିଓସ୍କ ଆଦି ବିଭିନ୍ନ ସୁବିଧା ରହିବ। ଉକ୍ତ ସେଣ୍ଟରରେ ୩,୦୦୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କ ରହିବା ବ୍ୟବସ୍ଥା ହେଉଛି। ୱାନ୍-ଅନ୍-ୱାନ୍ ସାକ୍ଷାତ୍‌କାର ଲାଗି ଛୋଟ ମିଡିଆ ବୁଥ୍ ଏବଂ ୫୦, ୧୦୦ ତଥା ୩୦୦ ଲୋକ ବସିବା ପାଇଁ ବିଭିନ୍ନ ସାମର୍ଥ୍ୟର ମିଡିଆ ବ୍ରିଫିଙ୍ଗ୍ ରୁମ୍ ରହିବ। ଜି୨୦ ସମିଟ୍‌ର ସମସ୍ତ ବିବରଣୀ ଅଲ୍‌ଟ୍ରା ହାଇ ଡେଫିନେଶନ (ୟୁଏଚ୍‌ଡି) ଏବଂ ୪କେ ବ୍ରଡ୍‌କାଷ୍ଟ ପ୍ରଯୁକ୍ତିରେ ରେକର୍ଡ କରାଯିବ, ଯାହା ଦେଶରେ ପୂର୍ବରୁ କେବେ ହୋଇ ନ ଥିଲା ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।

ଡିଜିଟାଲ ଅର୍ଥନୀତିରେ ଭାରତର ପ୍ରଗତି, ସାଂସ୍କୃତିକ ବିବିଧତା, ହସ୍ତଶିଳ୍ପ ଓ କାରିଗରୀକୁ ପ୍ରଦର୍ଶିତ କରିବା ଲାଗି ସମ୍ମିଳନୀ ଅବସରରେ 'ଗୋଟିଏ ଜିଲା ଗୋଟିଏ ଉତ୍ପାଦ' ଇନିସିଏଟିଭ୍‌ରେ ଅନେକ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସେହିପରି ମାନବ ଇତିହାସରେ ପ୍ରଥମ ସଂସଦ ଅନୁଭବ ମଣ୍ଡପମ୍ ସମୟରୁ ଦେଶରେ ଗଣତନ୍ତ୍ରର କ୍ରମବିକାଶକୁ ମଧ୍ୟ ପ୍ରଦର୍ଶିତ କରାଯାଉଛି। ତେଣୁ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସରେ ମିନି-ଇଣ୍ଡିଆ ଆବିର୍ଭାବ ହୋଇଛି। ଏଠାରେ ଅତିଥିମାନେ ତାମିଲନାଡୁର ମନ୍ଦିରଠାରୁ ଆରମ୍ଭ କରି ରାଜସ୍ଥାନର ସଂସ୍କୃତି, ହିମାଚଳପ୍ରଦେଶର ପର୍ବତମାଳାକୁ ଦେଖିବାର ସୁଯୋଗ ପାଇବେ। ଏଠାରେ ପ୍ରତି ରାଜ୍ୟ ସେମାନଙ୍କ ସଂସ୍କୃତି ପ୍ରଦର୍ଶିତ କରିବେ। ଏହା ବ୍ୟତୀତ ସେଠାରେ ଏକ ଗ୍ରୀନ୍ ୱାଲ୍ ପ୍ରସ୍ତୁତ କରାଯାଇଛି, ଯେଉଁଠି ଯେକେହି ଦେଶର ଯେକୌଣସି ଭାଗକୁ ବାଛି ସେଠାରେ ନିଜ ଫଟୋ ଉଠାଇପାରିବେ ବୋଲି ମନ୍ତ୍ରୀ ଅନୁରାଗ କହିଛନ୍ତି।

### ଅତିଥିଙ୍କୁ 'ଏଆଇ ଅବତାର' ସ୍ୱାଗତ କରିବ

ଜି୨୦ ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ସଜେଇ ହୋଇଛି। ଏହି ସମ୍ମିଳନୀରେ ଜି୨୦ ରାଷ୍ଟ୍ରସମୂହର ନେତାମାନେ ଯୋଗଦେବେ। 'ଏଆଇ ଅବତାର' ଏହି ବିଶ୍ୱସ୍ତରୀୟ ନେତାମାନଙ୍କୁ ସ୍ୱାଗତ କରିବ। ଜି୨୦ ସମ୍ମିଳନୀ ଅବସରରେ 'ଗଣତନ୍ତ୍ରର ଜନନୀ' ନାମକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀରେ ବୈଦିକ ଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗର ଭାରତୀୟ ଗଣତାନ୍ତ୍ରିକ ପରମ୍ପରା ବିଷୟରେ ପ୍ରଦର୍ଶନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଇଂଲିଶ, ଇଟାଲୀୟ, କୋରିଆନ, ଜାପାନିଜ୍ ସମେତ ୧୬ ଭାଷାର ଲେଖା ଓ ଅଡିଓ ସ୍ଥାନ ପାଇବ। ସେହିପରି ଭାରତୀୟ ଗଣତନ୍ତ୍ରର ଇତିହାସ ବିଷୟରେ ଥିବା ବିଭିନ୍ନ କଥାବସ୍ତୁକୁ ୨୬ଟି ସ୍କ୍ରିନ୍ ଜରିଆରେ ପ୍ରଦର୍ଶିତ କରାଯିବ। ବିଭିନ୍ନ ରାଷ୍ଟ୍ର ମୁଖ୍ୟ, ସେମାନଙ୍କ ପ୍ରତିନିଧି ଏବଂ ଅନ୍ୟ ଅତିଥିମାନେ ଏହି ପ୍ରଦର୍ଶନୀ ସ୍ଥଳକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କୁ 'ଏଆଇ ଅବତାର' ସ୍ୱାଗତ କରିବା ସହ ପ୍ରଦର୍ଶନୀ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବ। ଜଣେ ହରପ୍ପା ବାଳିକାଙ୍କ ମୂର୍ତ୍ତି ପୋଡିୟମ ନିକଟରେ ସ୍ଥାନ ପାଇବ। ଏହି ପ୍ରତିମୂର୍ତ୍ତି ୧୨୦ କେ.ଜି. ତମ୍ବାରେ ନିର୍ମିତ ହୋଇଥିବାବେଳେ ଏହାର ଉଚ୍ଚତା ୫ ଫୁଟ ରହିଛି। ସେହିପରି ସ୍ୱାଧୀନତା ପରଠାରୁ ଆଧୁନିକ ଯୁଗର ଭାରତୀୟ ନିର୍ବାଚନ ପରମ୍ପରା(୧୯୫୧ ରୁ ୨୦୧୯ ଲୋକ ସଭା ନିର୍ବାଚନ) ବିଷୟରେ ମଧ୍ୟ ଏଥିରେ ପ୍ରଦର୍ଶିତ ହେବ। ସେହିପରି ଜି୨୦ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନଙ୍କ ଆତିଥେୟତା ଲାଗି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଅତିଥିଙ୍କୁ ୫ଶହ ପ୍ରକାର ଖାଦ୍ୟ ପରଷାଯିବ। ଏଥିରେ ମାଣ୍ଡିଆରୁ ଆରମ୍ଭ କରି ଲିଟି ଚୋଖା ସ୍ଥାନ ପାଇବ। ୨୦୨୩କୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ପାଳନ କରାଯାଉଥିବାରୁ ଅତିଥିଙ୍କୁ ମାଣ୍ଡିଆରୁ ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ ପରସାଯିବ।

### ଜି୨୦ ସମିଟ୍‌ରେ ଯୋଗଦେବାକୁ ଥିବା ରାଷ୍ଟ୍ରନେତା

**ନୂଆଦିଲ୍ଲୀ,୫।୯**

ଭାରତ ଆସନ୍ତା ୯ ଓ ୧୦ ତାରିଖରେ ଜି୨୦ ସମିଟ୍ ନୂଆଦିଲ୍ଲୀରେ ଆୟୋଜନ କରିବାକୁ ଯାଉଛି। ବିଶ୍ୱର ୨୦ଟି ବୃହତ୍ ଅର୍ଥବ୍ୟବସ୍ଥାର ନେତାମାନେ ଏହି ସମ୍ମିଳନୀରେ ଯୋଗଦେଇ ଡିଜିଟାଲ୍ ପରିବର୍ତ୍ତନ, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପାଣ୍ଠି ଯୋଗାଣ, ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଖାଦ୍ୟ ସୁରକ୍ଷା ସମେତ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଏହାର ସମାଧାନର ସୂତ୍ର ବାହାର କରିବେ। ସମ୍ମିଳନୀରେ ଯୋଗ ଦେଉଥିବା ନେତାଙ୍କ ମଧ୍ୟରେ ଅଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ, ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡ଼ା, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍-ୟେଓ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ପ୍ରମୁଖ ଯୋଗଦେବେ।

### ସଫଳତା ପାଇଁ ସବୁ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ: ଚାଇନା

**ବେଜିଂ,୫।୯(ପି.ଟି.)**

ଜି୨୦ ସମ୍ମିଳନୀ ଆୟୋଜକ ଭାରତକୁ ଚାଇନା ସମର୍ଥନ କରେ। ନୂଆଦିଲ୍ଲୀରେ ହେବାକୁ ଯାଉଥିବା ଏହି ହାଇପ୍ରୋଫାଇଲ୍ ସମ୍ମିଳନୀର ସଫଳତାକୁ ଆଗେଇ ନେବା ଲାଗି ସମସ୍ତ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ ବୋଲି ଚାଇନା ମଙ୍ଗଳବାର କହିଛି। ଜି୨୦ ସମିଟ୍‌ରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଯୋଗଦେବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିବାର ଦିନକ ପରେ ବେଜିଂ ପକ୍ଷରୁ ଉପରୋକ୍ତ ସଫେଇ ଦିଆଯାଇଛି। ଚାଇନା ଜି୨୦ ରାଷ୍ଟ୍ରଗୋଷ୍ଠୀ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ଜି୨୦ ସମିଟ୍‌କୁ ଆମେ ସମର୍ଥନ ଜଣାଇ ସଫଳତା ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## '୩୭୦' ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୫।୯**



ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। କ୍ରମାଗତ ୧୬ ଦିନର ଶୁଣାଣି ପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଖଣ୍ଡପୀଠରେ ଜଷ୍ଟିସ ସଞ୍ଜୟ କିଶନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ଶୁଣାଣିର ଶେଷ ଦିନରେ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଗୋପାଳ ସୁବ୍ରମଣ୍ୟମ, ରାଜୀବ ଧାୱନ, ଜାଫର ଶାହ, ଦୁଷ୍ୟନ୍ତ ଡାଭେଙ୍କ ଯୁକ୍ତି ଶୁଣିଥିଲେ। କେନ୍ଦ୍ର ତରଫରୁ ଆର୍ଟର୍ନିଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ରାକେଶ ଦ୍ୱିବେଦୀ ଯୁକ୍ତି ଉପସ୍ଥାପନ କରିଥିଲେ। ୩୭୦ ଉଚ୍ଛେଦ ଲାଗି କେନ୍ଦ୍ର ୨୦୧୯ ଅଗଷ୍ଟ ୫ରେ ନେଇଥିବା ନିଷ୍ପତ୍ତିର ସାମ୍ବିଧାନିକ ବୈଧତା, ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିବା ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନର ବୈଧତା ଉପରେ ଆଇନଜୀବୀମାନେ ଯୁକ୍ତି ରଖିଥିଲେ। ଏହା ବ୍ୟତୀତ ଜମ୍ମୁ-କଶ୍ମୀରରେ ୨୦୧୮ ଜୁନ୍ ୨୦ରେ ରାଜ୍ୟପାଳ ଶାସନ ଲାଗି ଏବଂ ସେହିବର୍ଷ ଡିସେମ୍ବର ୧୯ରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ସହ ଏହାର ଅବଧିକୁ ୨୦୧୯ ଜୁଲାଇ ୩ରେ ବଢ଼ାଇବାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ସପକ୍ଷ ଓ ବିପକ୍ଷରେ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ।

## ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଶିଷ୍ଟ ନାଗରିକ

**ନୂଆଦିଲ୍ଲୀ,୫।୯(ପି.ଟି.)**

### ଉଦୟନିଧିଙ୍କ ସନାତନ ଧର୍ମ ବିରୋଧୀ ମନ୍ତବ୍ୟ

ସନାତନ ଧର୍ମର ବିଲୋପ ଲାଗି ମନ୍ତବ୍ୟ ଦେଇଥିବା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ୨୬୨ ଜଣ ବିଶିଷ୍ଟ ନାଗରିକ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ସ୍ୱାକ୍ଷର କରିଥିବା ଖ୍ୟାତନାମା ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ବିଚାରପତି, ପ୍ରଶାସନିକ ଅଧିକାରୀ ପ୍ରମୁଖ ରହିଛନ୍ତି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରା କହିଛନ୍ତି, ଉଦୟନିଧି କେବଳ ଘୃଣିତ ମନ୍ତବ୍ୟ ଦେଇ ନାହାନ୍ତି, ଏଥିପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ତାଙ୍କ ମନ୍ତବ୍ୟରେ ନିମ୍ନସ୍ୱାକ୍ଷରକାରୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତର ଏକ ବୃହତ୍ ଜନସଂଖ୍ୟା ବିରୋଧରେ ଏହା ନିଶ୍ଚିତ ଭାବେ ଘୃଣିତ ମନ୍ତବ୍ୟ ଏବଂ ଭାରତକୁ ଧର୍ମନିରପେକ୍ଷ ଭାବେ ପରିକଳ୍ପିତ କରିଥିବା ସମ୍ବିଧାନ ଉପରେ ଆକ୍ରମଣ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶର ଧର୍ମନିରପେକ୍ଷତାକୁ ସୁରକ୍ଷିତ ରଖିବାକୁ ହେଲେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ପତ୍ରରେ କୁହାଯାଇଛି। ଏହି ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗରେ ଯଦି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରନ୍ତି, ତେବେ ଏହାକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରାଯାଇପାରିବ ବୋଲି ସ୍ୱାକ୍ଷରକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ, କାର୍ଯ୍ୟାନୁଷ୍ଠାନ ନେବାକୁ ତାମିଲନାଡୁ ସରକାର ମନା କରିଦେଇଥିବାରୁ ଏହା କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଏବଂ ଆଇନର ଶାସନକୁ ପରିହାସ। ତେଣୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଅବମାନନା ନୋଟିସ ଭାବେ ଗ୍ରହଣ କରି ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିବା ସହ ଘୃଣା ମନ୍ତବ୍ୟ ରୋକିବା ସହ ସାର୍ବଜନିକ ବ୍ୟବସ୍ଥା ଓ ଶାନ୍ତି ରକ୍ଷା ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନିଅନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ନିବେଦନ କରିଛନ୍ତି।

# ଦେଶ ନାଁରେ ରାଜନୀତି

**ନୂଆଦିଲ୍ଲୀ,୫।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**




ଶାସକ ଓ ବିରୋଧୀଙ୍କ ରାଜନୀତିର ପଶାପାଲିରେ ଭୂଖଣ୍ଡ ଦୁଇଭାଗରେ ବିଭାଜିତ। ଦେଶ ଗୋଟିଏ କିନ୍ତୁ ଦୁଇଟି ନାମରେ ବିଭକ୍ତ। ଗୋଟିଏ ଭାରତ ଓ ଅନ୍ୟଟି ଇଣ୍ଡିଆ। ଦୁଇଟିଯାକ ସମାନ ହୋଇଥିଲେ ବି ବିରୋଧୀ ଦଳଗୁଡ଼ିକ ନିଜ ମଞ୍ଚର ନାମ ଇଣ୍ଡିଆ (ଭାରତୀୟ ଜାତୀୟ ଗଣତାନ୍ତ୍ରିକ ସମାବେଶୀ ମେଣ୍ଟ) ରଖିବା ପରେ ମନେହେଉଛି ସତେଯେମିତି ଶାସକଙ୍କ ପାଇଁ ଅସ୍ପୃଶ୍ୟ ହୋଇଯାଇଛି 'ଇଣ୍ଡିଆ' ଶବ୍ଦ। ସମ୍ଭବତଃ ଏଇଥିପାଇଁ ସେମାନେ ଦେଶର ନାମ କେବଳ 'ଭାରତ' ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତାହା ପୁଣି ରାଷ୍ଟ୍ରପତିଙ୍କ ଜରିଆରେ। କୁହାଯାଉଛି, କେନ୍ଦ୍ର ଡାକିଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଏନେଇ ବିଧେୟକ ଆସିବ।

ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)ର ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବ ସଂଘ (ଆର୍‌ଏସ୍‌ଏସ୍) ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତେ 'ଭାରତ' ରଖିବାକୁ ପ୍ରସ୍ତାବ ଦେଇଥିଲା। ଗତ ଶୁକ୍ରବାର ଗୁଆହାଟୀରେ ସରସଂଘଚାଳକ ମୋହନ ଭାଗବତ କହିଥିଲେ, ଆମେ 'ଇଣ୍ଡିଆ' ବ୍ୟବହାର ବନ୍ଦ କରି 'ଭାରତ' କହିବା ଆରମ୍ଭ କରିବା ଉଚିତ। ବେଳେବେଳେ ଇଂଲିଶ ବୁଝୁଥିବା ଲୋକଙ୍କ ସହ କଥା ହେବା ସମୟରେ ଆମେ 'ଇଣ୍ଡିଆ' ବୋଲି କହିଥାଉ। ଏହା ଆପେ ଆପେ ଆସିଯାଇଥାଏ। ତେବେ ତୁମେ ବିଶ୍ୱର ଯେଉଁଆଡ଼େ ଗଲେ ବି ଆମ ଦେଶର ନାମ 'ଭାରତ' ହୋଇ ରହିଥିବ। ଲେଖାପଢ଼ା ହେଉ କି କଥୋପକଥନ ସବୁଠି 'ଭାରତ' ବ୍ୟବହାର କର ବୋଲି ଭାଗବତ ପରାମର୍ଶ ଦେଇଥିଲେ। ଦେଶରେ 'ଇଣ୍ଡିଆ ବନାମ ଭାରତ'କୁ ନେଇ ରାଜନୀତି ଗତ ଜୁଲାଇରେ ଆରମ୍ଭ ହୋଇଥିଲା, ଯେତେବେଳେ ବିରୋଧୀ ଦଳଗୁଡ଼ିକ ନିଜ ମେଣ୍ଟର ନାମ 'ଇଣ୍ଡିଆ' ରଖିଥିଲେ। ଏହା ହେଉଛି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ଇଣ୍ଡିଆ ମଧ୍ୟରେ ବୈଚାରିକ ଲଢ଼େଇ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୨୬ ଅଣଭାଜପା ଦଳର ନେତାଙ୍କ ମଧ୍ୟରେ ଭୋଟ ରାଜନୀତି ପାଇଁ ନିର୍ବାଚନୀ ଯୁଦ୍ଧ। ଖବରଦାତା ସମ୍ମିଳନୀରେ ମେଣ୍ଟର ନାମ ଘୋଷଣା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ମନ୍ତବ୍ୟ ଏଠାରେ ଉଲ୍ଲେଖଯୋଗ୍ୟ। ରାହୁଲ କହିଥିଲେ, ଯଦି କେହି ଇଣ୍ଡିଆ ବିରୋଧରେ ଛିଡ଼ାହୁଏ ତେବେ କାହାର ବିଜୟ ହେବ।

### ଅମିତାଭଙ୍କ 'ଭାରତ ମାତା' ପୋଷ୍ଟ



ଜି୨୦ ସମ୍ମିଳନୀ ପାଇଁ ଡିନର ଇନ୍‌ଭାଇଟେଶନ୍‌ରେ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଉଲ୍ଲେଖକୁ ନେଇ ରାଜନୀତି ସରଗରମ ହୋଇଥିବାବେଳେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ଏକ ପୋଷ୍ଟ ଚର୍ଚ୍ଚା ସାଉଣ୍ଟୁଛି। ଏକ୍ସ'ରେ ବିଗ୍ ବି ଲେଖିଛନ୍ତି, ଭାରତ ମାତା କୀ ଜୟ।

### ଇଣ୍ଡିଆ ବନାମ ଭାରତ

ଅକ୍ସଫୋର୍ଡ ଡିକ୍ସନାରି (ତୃତୀୟ ସଂସ୍କରଣ ୨୦୦୯) ଅନୁସାରେ 'ଇଣ୍ଡିଆ' ନାମ କ୍ଲାସିକାଲ ଲାଟିନ୍ ଇଣ୍ଡିଆରୁ ଉଦ୍ଧୃତ। ଦକ୍ଷିଣ ଏସିଆ ଏବଂ ଏହାର ଏକ ପୂର୍ବରେ ଥିବା ଏକ ଅନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏବଂ ପାର୍ସୀ ଭାଷାରେ ହିନ୍ଦୁକୁଶ (ତ୍ରୟୋଦଶ ଶତାବ୍ଦୀରେ ଆଚମେନିଦ ସାମ୍ରାଜ୍ୟର ଏକ ପୂର୍ବାଞ୍ଚଳ ପ୍ରଦେଶ)କୁ ବୁଝାଇବା ପାଇଁ 'ଇଣ୍ଡିଆ' ବ୍ୟବହାର କରାଯାଏ। ସଂସ୍କୃତରେ ସିନ୍ଧୁନଦୀକୁ ଇଣ୍ଡସ୍ ରିଭର କୁହାଯାଏ। ଏହି ନଦୀ ଅବବାହିକାରେ ସ୍ଥାପିତ ବସତିର ନାମ 'ଇଣ୍ଡିଆ' ରଖାଯାଇଥିଲା। ପ୍ରାଚୀନ ଗ୍ରୀକ୍‌ମାନେ ଇନ୍ଦସ୍‌ରେ ବସବାସ କରୁଥିବା ଲୋକଙ୍କୁ 'ଇଣ୍ଡୋଇ' କହୁଥିଲେ। ଅନ୍ୟପକ୍ଷେ 'ଭାରତ' ଶବ୍ଦ ଉଭୟ ପ୍ରାଚୀନ କାବ୍ୟ ଓ ଭାରତୀୟ ସମ୍ବିଧାନରେ ସ୍ଥାନିତ। ଆଧୁନିକ ଯୁଗରେ ଯେଉଁ ଭୂଖଣ୍ଡକୁ ଐତିହାସିକ ନାମ 'ଭାରତବର୍ଷ' ରୂପେ ଉଚ୍ଚାରଣ କରାଯାଉଛି, ତାହା ମୂଳତଃ କେବଳ ଉତ୍ତର ଭାରତ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା। ସେହିପରି ପ୍ରାଚୀନ କାଳରେ ଭାରତ ଜମ୍ବୁଦ୍ୱୀପ, ଭାରତଖଣ୍ଡ, ହିମବର୍ଷ, ଅଜନାଭବର୍ଷ, ଆର୍ଯ୍ୟାବର୍ତ୍ତ, ହିନ୍ଦ ଓ ହିନ୍ଦୁକୁଶ ନାମରେ ମଧ୍ୟ ପରିଚିତ ଥିଲା। ସତ୍ୟଯୁଗର ରାଜା ଦଶରଥଙ୍କ ପୁଅ ଭରତଙ୍କ ନାମାନୁସାରେ ଏହି ଭୂଖଣ୍ଡର ନାମ ଭାରତ ହୋଇଥିବା ମଧ୍ୟ ଅନେକ ଐତିହାସିକ ମତ ଦିଅନ୍ତି।

### ଆସ, 'ଇଣ୍ଡିଆ'କୁ ଭୁଲିଯିବା: ଭିଏଚ୍‌ପି

ଆମେ ଆମ 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ'ଙ୍କୁ ନେଇ ଗର୍ବିତ। ଆସନ୍ତୁ, 'ଇଣ୍ଡିଆ'କୁ ଭୁଲିଯିବା ବୋଲି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ନେଟିଜେନ୍‌ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୟୁଜର୍ସମାନେ ପ୍ରଶ୍ନ କରିଛନ୍ତି, ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ), ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ), ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଆଇ) ପ୍ରତିଷ୍ଠାନଗୁଡ଼ିକର ନାମ ମଧ୍ୟ ବଦଳାଯିବ କି?

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୬/୨୦୨୩ | Bhubaneswar, Wednesday, September 6/2023 | ପୃଷ୍ଠା-୧



**ଶଙ୍ଖ ଶେଖରଙ୍କ ହ୍ୟାଟ୍ରିକ**

ଶଙ୍ଖ ଶେଖର ହେମ୍ବ୍ରମଙ୍କ ହ୍ୟାଟ୍ରିକ ଗୋଲ ବଳରେ ଓଡ଼ିଶା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି।

୧୪

୧୦

**ଶୁଟିଂ ବେଳେ ଶୁଣିଥିଲେ ଗାଳି**

ଅଭିନେତ୍ରୀ କ୍ରିତି ସାନନ୍ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ କରିବାବେଳେ ଜଣେ କୋରିଓଗ୍ରାଫରଙ୍କଠାରୁ ତାଙ୍କୁ ବେଶ୍ ଗାଳି ଶୁଣିବାକୁ ପଡ଼ିଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।



# ‘ପ୍ରେସିଡେଣ୍ଟ ଅଫ୍ ଭାରତ’କୁ ନେଇ ବିବାଦ

**ଚଳିତବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଉକ୍ତ ସମିଟ୍‌କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ଜି୨୦ ରାଷ୍ଟ୍ର ସମୂହର ନେତା ଓ ପ୍ରତିନିଧିମାନେ ଆସିବେ। ଏହି ପରିପ୍ରେକ୍ଷୀରେ ୯ ତାରିଖ (ଶନିବାର) ରାତି ୮ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଦେଶୀ ଅତିଥିମାନଙ୍କ ଉଦ୍ଦେଶ୍ୟରେ ଏକ ନୈଶଭୋଜିର ଆୟୋଜନ କରିବେ। ଡିନର ପାର୍ଟି ପାଇଁ ଛପାଯାଇଥିବା ନିମନ୍ତ୍ରଣପତ୍ରରେ ‘ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ’ ପରିବର୍ତ୍ତେ ‘ପ୍ରେସିଡେଣ୍ଟ ଅଫ୍ ଭାରତ’ ଉଲ୍ଲେଖ କରାଯାଇଛି। ପୂର୍ବରୁ କୌଣସି ସରକାରୀ କାର୍ଯ୍ୟକ୍ରମରେ ଦେଶର ଏଭଳି ନାମକରଣ ଦେଖାଯାଇ ନ ଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଏକାଠି ହୋଇଥିବା ୨୬ ବିରୋଧୀ ଦଳ ସେମାନଙ୍କ ବ୍ଲକ୍‌ର ନାମ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ରଖିଥିବାରୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ମୋଦି ସରକାର ନିମନ୍ତ୍ରଣପତ୍ରରେ ଏଭଳି ପରିବର୍ତ୍ତନ କରାଇଥିବା କୁହାଯାଉଛି। ଏହାକୁ ନେଇ ରାଜନୈତିକ ବିବାଦ ଉଠିଛି। ସରକାର ଦେଶର ଇତିହାସକୁ ନଷ୍ଟ କରିବା ପାଇଁ ଉଦ୍ୟମ ଚଳାଇଥିବା କଂଗ୍ରେସ ଅଭିଯୋଗ ଆଣିଛି।**




ନୂଆଦିଲ୍ଲୀ,୫।୯ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

କେନ୍ଦ୍ର ସରକାର ‘ଏକ ଦେଶ, ଏକ ନିର୍ବାଚନ’ ବ୍ୟବସ୍ଥା ପାଇଁ ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ଚର୍ଚ୍ଚା ହେଉବେଳେ ରାଷ୍ଟ୍ରର ଦୁଇଟି ନାମକୁ ନେଇ ବିବାଦ ଉପୁଜିଛି। ଗୋଟିଏ ହେଲା ଇଣ୍ଡିଆ ଓ ଅନ୍ୟଟି ଭାରତ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧ ଅନୁସାରେ ‘ଇଣ୍ଡିଆ’ ହେଉଛି ‘ଭାରତ’, ଯାହାକି ରାଜ୍ୟଗୁଡ଼ିକର ସଂଘ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଏକକାଳୀନ ନିର୍ବାଚନକୁ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ’ରେ ଲେଖିଥିଲେ, ଇଣ୍ଡିଆ ହେଉଛି ଭାରତ, ଯାହାକି ରାଜ୍ୟଗୁଡ଼ିକର ସଂଘ। ‘ଏକ ଦେଶ, ଏକ ନିର୍ବାଚନ’ ଯୋଜନା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ। ରାହୁଲଙ୍କ ଏହି ସମାଲୋଚନା ପରେ କେନ୍ଦ୍ର ସରକାର ଜି୨୦ ଅଧ୍ୟକ୍ଷତା ସମ୍ପର୍କିତ ଦସ୍ତାବିଜଗୁଡ଼ିକରେ ଦେଶର ନାମ ‘ଇଣ୍ଡିଆ’ ପରିବର୍ତ୍ତେ ‘ଭାରତ’ ଉଲ୍ଲେଖ କରିଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଜି୨୦ରେ ଯୋଗଦେବାକୁ ଥିବା ବିଦେଶୀ ଅତିଥିମାନଙ୍କୁ ଦେଶର ନାମ ‘ଇଣ୍ଡିଆ’ ନୁହେଁ, ବରଂ ‘ଭାରତ’ ବୋଲି ଜଣାଇବାକୁ ଭରପୂର ଉଦ୍ୟମ କରାଯାଇଛି। ଏହାର ଆଉ ଏକ ଉଦାହରଣ ହେଲା, ବିଦେଶୀ ପ୍ରତିନିଧିମାନଙ୍କୁ ଦେବା ପାଇଁ ଏକ ବୁକ୍‌ଲେଟ୍ ବା ପୁସ୍ତିକା ଛପାଯାଇଛି। ତା’ର ଶୀର୍ଷକ ରଖାଯାଇଛି, ‘ଭାରତ, ଦି ମଦର ଅଫ୍ ଡେମୋକ୍ରାସି’ ଅର୍ଥାତ୍ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଏଥିରେ ଉଲ୍ଲେଖ କରାଯାଇଛି, ଭାରତ ହେଉଛି ଦେଶର ସରକାରୀ ନାମ, ଯାହାକି ସମ୍ବିଧାନରେ ଲିପିବଦ୍ଧ। ୧୯୪୬-୪୮ ଆଲୋଚନା ବେଳେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥିଲା।

ରାଷ୍ଟ୍ରପତିଙ୍କ ଅଫିସରୁ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣପତ୍ର ପଠାଯାଇଛି। ଭାଜପା ଶାସିତ ଉତ୍ତର-ପୂର୍ବ ରାଜ୍ୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପାଇଥିବା ନିମନ୍ତ୍ରଣପତ୍ରରେ ଏହି ପରିବର୍ତ୍ତନକୁ ଦେଖି ଗଦ୍‌ଗଦ୍ ହୋଇଯାଇଛନ୍ତି। ଏକ୍ସ’ରେ ହିମନ୍ତ ଲେଖିଛନ୍ତି, ‘ରିପବ୍ଲିକ୍ ଅଫ୍ ଭାରତ’- ଆମ ସଭ୍ୟତା ସାହସିକତାର ସହ ‘ଅମୃତକାଳ’ ଆଡ଼କୁ ଅଗ୍ରସର ହେଉଥିବାରୁ ଖୁସି ଓ ଗର୍ବ ଲାଗୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ବହୁ ପୂର୍ବରୁ ନିଆଯିବା ଦରକାର ଥିଲା। ଏହା ମନକୁ ବଡ଼ ସନ୍ତୋଷ ଦେଇଛି। ‘ଭାରତ’ ଆମ ପରିଚୟ। ଏହାକୁ ନେଇ ଆମେ ଗର୍ବିତ। ରାଷ୍ଟ୍ରପତି ‘ଭାରତ’କୁ ପ୍ରାଥମିକତା ଦେଇଛନ୍ତି। ଉପନିବେଶବାଦୀ ମାନସିକତାରୁ ବାହାରିବା ପାଇଁ ଏହା ହେଉଛି ସବୁଠୁ ବଡ଼ ଉକ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଫ୍ରିକାରୁ ପରିବର୍ତ୍ତନ**

**ଦିନିକିଆ କ୍ରିକେଟ ବିଶ୍ୱକପ୍**

# ଭାରତୀୟ ଦଳ ଘୋଷିତ

- ଅକ୍ଟୋବର ୫ରେ ଆରମ୍ଭ, ନଭେମ୍ବର ୧୯ରେ ଶେଷ
- ତିଳକ ବାଦ୍, ଅଶ୍ୱିନଙ୍କୁ ଅଣଦେଖା
- ରାହୁଲ, କିଶନଙ୍କୁ ସୁଯୋଗ

ପାଲିକେଲେ(ଶ୍ରୀଲଙ୍କା),୫।୯(ପି.ଟି.)

ବାଜିଛି ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଗୁଲ। ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବାକୁଥିବା ଆଇସିସିର ଏହି ମେଗା ଇଭେଣ୍ଟ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୧୫ ଜଣିଆ ଦଳର ନେତୃତ୍ୱ ନେବେ ରୋହିତ ଶର୍ମା। ହାର୍ଦ୍ଦିକ ପାଣ୍ଡ୍ୟା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ଦ୍ୱିତୀୟ ଉଇକେଟକିପର ଭାବେ ଯୁବ ଖେଳାଳି ଇଶାନ କିଶନଙ୍କୁ ନିଆଯାଇଛି। ଏସିଆ କପ୍ ଗ୍ରୁପ୍ ମ୍ୟାଚ ଖେଳିବା ପାଇଁ ଶ୍ରୀଲଙ୍କା ଯାଇ ନ ଥିଲେ ହେଁ ରାହୁଲଙ୍କ ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଜାତୀୟ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ବିପକ୍ଷ ଭାରତର ସୁପର-୪ ଏସିଆ କପ୍ ମ୍ୟାଚ ଖେଳିବା ପାଇଁ ରାହୁଲ ଚଳିତ ମାସ ୯ ତାରିଖରେ ଶ୍ରୀଲଙ୍କାରେ ପହଞ୍ଚିବେ। ଜାତୀୟ କ୍ରିକେଟ ଏକାଡେମୀରେ ସେ ☞ପୃଷ୍ଠା-୨

ICC MEN'S CRICKET WORLD CUP INDIA 2023

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପରଷିବେ ସୁବାସା, ରାଇମତୀ

ବାରିପଦା/କୁନ୍ଦୁରା ୫।୯, (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସନ୍ତୋଷ ପ୍ରହରାଜ)

ନୂଆଦିଲ୍ଲୀ ଭାରତ ମଣ୍ଡପଠାରେ ଆସନ୍ତା ୯ ଏବଂ ୧୦ତାରିଖ ଦୁଇଦିନ ଧରି ଜି୨୦ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ପ୍ରମୁଖ ୨୦ଟି ଦେଶର ରାଷ୍ଟ୍ରମୁଖ୍ୟ ଏବଂ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ନେତା ଓ ପ୍ରତିନିଧିମାନଙ୍କୁ ମିଲେଟ(ମାଣ୍ଡିଆ)ରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ପରଷାଯିବ। ଏହାକୁ ପରଷିବା ସହ ମାଣ୍ଡିଆ ଚାଷ ଉପରେ ନିଜର ଅନୁଭୂତି ବଖାଣିବା ପାଇଁ ଓଡ଼ିଶାରୁ ୨ ମହିଳା ଚାଷୀ ମଙ୍ଗଳବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକ ଗୋଇଲି ଗ୍ରାମର ସୁବାସା ମହାନ୍ତ ଓ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ରାଇମତୀ ଘିଉରିଆ। ମୟୂରଭଞ୍ଜ ଜିଲାର ମାଣ୍ଡିଆ ମା’ ବୋଲାଉଥିବା ସୁବାସାଙ୍କ ଏହି ସଫଳତା ନେଇ ଜିଲାରେ ଖୁସିର ଲହରି ଖେଳିଯାଇଛି। ଜି୨୦ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇ ମିଲେଟ ମିଶନର ସଫଳତା ☞ପୃଷ୍ଠା-୨

**ଜି୨୦ ସମ୍ମିଳନୀ**



ସୁବାସା ମହାନ୍ତ ଏବଂ ରାଇମତୀ ଘିଉରିଆ






# ଅବସର ନେଲେ ବିଚାରପତି ବିଶ୍ୱନାଥ ରଥ

**କଟକ,୫।୯ (କାର୍ତ୍ତିକ ସାହୁ)**

ମଙ୍ଗଳବାର ପୂର୍ବାହ୍ନରେ ହାଇକୋର୍ଟରେ ୨ ବିଚାରପତି ଶପଥ ଗ୍ରହଣ କରିଥିବାବେଳେ ଅପରାହ୍ନରେ ବିଚାରପତି ବିଶ୍ୱନାଥ ରଥ ଅବସର ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିପିନ୍ ବିହାରୀ ରଥ ଓ ହେମାବତୀ ରଥଙ୍କ ପୁତ୍ର ବିଶ୍ୱନାଥ ୧୯୬୧ ସେପ୍ଟେମ୍ବର ୭ରେ ଜନ୍ମଗ୍ରହଣ କରିଥିଲେ। ପରେ ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ସେ ୧୯୮୫ରେ ନିଜ ପିତାଙ୍କ ଅଧୀନରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ସେ ଓକିଲାତି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବା ସହ ବିଚାରପତି ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଛନ୍ତି।

# ବିଦ୍ୟୁତ୍ ଫାଶରେ ପଡ଼ି ୨ ହାତୀ ମୃତ


ଘଟଣାସ୍ଥଳରେ ମରି ପଡ଼ିଥିବା ଗୋଟିଏ ଦନ୍ତା ଓ ଗୋଟିଏ ମାଈ ହାତୀ।

**ଅନୁଗୋଳ,୫।୯ (ଅମିତ କୁମାର ସାମଲ)**

- ■ ୪ ଦିନ ତଳୁ ମୃତ୍ୟୁ ହୋଇଥିବା ସନ୍ଦେହ
- ■ ସାତକୋଶିଆରେ ପାଟ୍ରୋଲିଂକୁ ନେଇ ପ୍ରଶ୍ନବାଚୀ

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟାଇଁସି ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ୨ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ଏହି ଘଟଣା ୪ ଦିନ ତଳେ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ଏତେ ବିଳମ୍ବରେ ବନ ବିଭାଗ ଖବରପାଇବା ଅଭୟାରଣ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ଓ ଭୁବନେଶ୍ୱରରୁ ଯାଇଥିବା ଜଏଣ୍ଟ ଟାସ୍କ ଫୋର୍ସ ଟିମ୍ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଟାଇଁସି ସଂରକ୍ଷିତ ଜଙ୍ଗଲ ମଧ୍ୟକୁ କେତେଜଣ ଗାଈଚରାଳି ମଙ୍ଗଳବାର ଯାଇଥିବା ବେଳେ ସେଠାରେ ୨ଟି ହାତୀର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବନ ବିଭାଗ ଟିମ୍ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ କିଛି ବିଦ୍ୟୁତ୍ ତାର ମିଳିଥିବାରୁ ଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ୧୫ ବର୍ଷୀୟ ଦନ୍ତା ହାତୀ ଓ ଆଉ ଏକ ୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ହାତୀ ୨ଟିର ମୃତଦେହ ଗଳିତ ଅବସ୍ଥାକୁ ଆସିଯାଇଥିବାରୁ ୪ ଦିନ ପୂର୍ବରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଜଙ୍ଗଲ ଉପରେ ଦେଇ କେବୁଲ ମାଧ୍ୟମରେ ବିଦ୍ୟୁତ୍ ତାର ଯାଇଥିବା ବେଳେ ଶିକାରୀମାନେ କିପରି ସେଥିରେ ହୁକ ପକାଇ ତାର ବିଛାଇଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ବିଦ୍ୟୁତ ବିଭାଗ, ଭୁବନେଶ୍ୱରର ଯାଇଥିବା ଜଏଣ୍ଟ ଟାସ୍କଫୋର୍ସ ଟିମ୍ ମଧ୍ୟ ଟିକିନିଖି ଯାଞ୍ଚ କରୁଛି। ସାତକୋଶିଆ ଡିଏଫଓ ସରୋଜ କୁମାର ପଣ୍ଡା କହିଛନ୍ତି, ସାତକୋଶିଆ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ସବୁ ଅଞ୍ଚଳରେ ପାଟ୍ରୋଲିଂ ହୋଇପାରୁ ନାହିଁ। ତଥାପି କୌଣସି କର୍ମଚାରୀଙ୍କ ଅବହେଳା ଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏକକ ନୃତ୍ୟ ସହ ବେହେଲା ବାଦନର ଯୁଗଳବନ୍ଦୀ

## ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ


‘୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ’ର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର,୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ ଅନୁଷ୍ଠାନର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ‘୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ’ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା, ପୂର୍ବତନ ରାଜସ୍ୱ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍.ଜି.ଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦେବୀ ମହାମାୟାଙ୍କ ପ୍ରାର୍ଥନାରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏକକ ଓଡ଼ିଶୀ ନୃତ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ତାଙ୍କର ପ୍ରଥମ ପରିବେଷଣ ରଖିଥିଲେ। ତାଙ୍କର ଦୁର୍ଗାବତାର ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲେ। ପରବର୍ତ୍ତୀ ପରିବେଷଣ ଶ୍ରୀକୃଷ୍ଣକର୍ଣ୍ଣାମୃତମ୍‌ରେ ତାଙ୍କର ଯଶୋଦା ମା’ ନୃତ୍ୟାଭିନୟ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଶର୍ମିଳା ବିଶ୍ୱାସ। ତାଙ୍କୁ ବେହେଲାରେ ସୁରମଣୀ ରମେଶ ଚନ୍ଦ୍ର ଦାସ, ମର୍ଦ୍ଦଳରେ ବୁଦ୍ଧନାଥ ସ୍ୱାଇଁ, ବଂଶୀରେ ଶ୍ରୀନିବାସ ଶତପଥୀ ଓ କଣ୍ଠରେ ରାଜେଶ କୁମାର ଲେଙ୍କା ସହଯୋଗ କରିଥିଲେ। ଏକକ ନୃତ୍ୟ ପରେ ଆରମ୍ଭ ହୋଇଥିଲା ବେହେଲା ବାଦନର ଯୁଗଳବନ୍ଦୀ। କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଉପରେ ଆଧାରିତବିଭିନ୍ନ ରାଗ ଓ ତାଳରେ ବେହେଲା ବାଦନ କରିଥିଲେ ଲାଲ୍‌ଗୁଡ଼ି ଜି.ଜେ.ଆର୍ କ୍ରିଷ୍ଣନ୍ ଓ ଲାଲ୍‌ଗୁଡ଼ି ବିଜୟଲକ୍ଷ୍ମୀ। ଏହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେମାନଙ୍କୁ ମୃଦଙ୍ଗରେ କୁଚିଭୋତ୍ଲା ସାଇ ଗିରିଧର ଓ କଞ୍ଜିରାରେ ଏସ୍. ସୁନିଲ କୁମାର ସହଯୋଗ କରିଥିଲେ। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ପରିକଳ୍ପନା ଏବଂ ଶ୍ରୀ ସି. ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ୍ ଇଞ୍ଜିନିୟରିଂ ମଧ୍ୟରେ ଶିଳ୍ପୀମାନେ କଳା ପ୍ରଦର୍ଶନ କରିଥିଲେ। ଦର୍ଶକମାନେ ସୃଜନର ଫେସ୍‌ବୁକ ପେଜ୍ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍ ଦେଖିପାରିବେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଉତ୍ସବଟି ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ମିଡିଆ ପାର୍ଟନର୍ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ରହିଛି।


ଓଡ଼ିଶୀ ନୃତ୍ୟାଙ୍ଗନା ଶାଶ୍ୱତୀ ଗରାଇ ଘୋଷ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ଶପଥ ନେଲେ ୨ ହାଇକୋର୍ଟ ବିଚାରପତି

**କଟକ,୫।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ମଙ୍ଗଳବାର ପୂର୍ବାହ୍ନରେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ପୁରୁଣା ବିଲ୍ଡିଂସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଉଭୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଶପଥପାଠ ଉତ୍ସବରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଭିଜିଲାନ୍ସ ଡିଜି ଯଶୱନ୍ତ କୁମାର ଜେଠୱା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଡ୍‌ଭୋକେଟ୍ ଜେନେରାଲ ଅଶୋକ କୁମାର ପରିଜାଙ୍କ ସମେତ ହାଇକୋର୍ଟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।


ବିଚାରପତି ଶିବଶଙ୍କର ମିଶ୍ର ଓ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଶପଥ ପାଠ କରାଉଛନ୍ତି।

୧୯୬୮ ମେ’ ୩ ତାରିଖରେ ବିଚାରପତି ଶିବଶଙ୍କର ଜୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଅନଙ୍ଗଭୀମ ମିଶ୍ର ଓ ସ୍ୱର୍ଗତ ଶଶିରେଖା ମିଶ୍ରଙ୍କ ପୁଅ ଶିବଶଙ୍କର କୋରାପୁଟର ଜୟପୁର ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ଶିବଶଙ୍କର ୧୯୯୧ ଡିସେମ୍ବର ୭ରେ ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଦେୱାନୀ, ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ସେହିପରି ଅନ୍ୟତମ ନୂତନ ବିଚାରପତି ଆନନ୍ଦଚନ୍ଦ୍ର ବେହେରା ୧୯୬୪ ମେ’ ୨୩ରେ ଜନ୍ମଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ରାଜ୍ୟ ଭିଜିଲାନ୍ସରେ ଲିଗାଲ ଆଡଭାଇଜର ଭାବେ କାର୍ଯ୍ୟରତ ଥିଲେ। ହାଇକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ୩୩ ହୋଇଥିବାବେଳେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ବିଚାରପତି ସଂଖ୍ୟା ୨୦ ଥିଲା। ଏବେ ଏହି ଦୁଇ ବିଚାରପତିଙ୍କ ଶପଥଗ୍ରହଣ ଓ ବିଚାରପତି ବିଶ୍ୱନାଥ ରଥଙ୍କ ଅବସର ପରେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି।




# ଏ ବର୍ଷ ୭ ସ୍ଥାନରେ ଇକୋ ରିଟ୍ରିଟ୍

**ଭୁବନେଶ୍ୱର,୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

**୫ମ ସଂସ୍କରଣର ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର**

ଚଳିତ ବର୍ଷ ରାଜ୍ୟର ୫ ସ୍ଥାନରେ ଇକୋ ରିଟ୍ରିଟ୍ ହେବ। ଏଥିପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଇକୋ ରିଟ୍ରିଟ୍‌ର ପଞ୍ଚମ ସଂସ୍କରଣ ପାଇଁ ବାର୍ଷିକ କ୍ୟାମ୍ପେନ୍ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଯାଉଛି। କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୋନାପୁର ଓ ପୁଟସିଲ୍‌ଠାରେ ଇକୋ ରିଟ୍ରିଟ୍ ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଡିସେମ୍ବର୧ରୁ ଏହା ଆରମ୍ଭ ହୋଇପାରେ। ତେଣୁ ପର୍ଯ୍ୟଟକମାନେ ସେପ୍ଟେମ୍ବର ୧୫ରୁ ବୁକିଂ ଆରମ୍ଭ କରିପାରିବେ। ବିଳାସପୂର୍ଣ୍ଣ ଟେଣ୍ଟ ହାଉସ୍ ସହିତ ଦୁଃସାହସିକ କ୍ରୀଡ଼ା, ବିଚ୍, ମନ୍ଦିର, ଜଙ୍ଗଲ ଆଉ ଅନେକ ସ୍ଥାନ ଏକ୍ସପ୍ଲୋର କରିବେ ପର୍ଯ୍ୟଟକ। ତେବେ ଏ ସଂକ୍ରାନ୍ତ ସମସ୍ତ ସୂଚନା ଆସନ୍ତା ସପ୍ତାହରେ ପର୍ଯ୍ୟଟକମାନେ ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରେ କୋଣାର୍କ ଚନ୍ଦ୍ରଭାଗାଠାରୁ ଆରମ୍ଭ ହୋଇଥିବା ଏହି ଇକୋ ରିଟ୍ରିଟ୍ ପରବର୍ତ୍ତୀ ସମୟରେ ୫ଟି ସ୍ଥାନରେ ହେଉଥିବାବେଳେ ଏବେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଗତବର୍ଷ କୋଣାର୍କ ରାମଚଣ୍ଡୀ ବେଳାଭୂମିର ସୁନ୍ଦର ପରିବେଶ ଉପଭୋଗ କରିବା ପାଇଁ ୨୦ରୁ ଅଧିକ କାର୍ଯ୍ୟକ୍ରମ ସହ ୭୦ରୁ ଅଧିକ ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା। ସାତକୋଶିଆଠାରେ ୨୫ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ବ୍ୟାଘ୍ର ସଂରକ୍ଷଣ, ରତ୍ନଗିରି ଜଳପ୍ରପାତ, ସାତକୋଶିଆ ଗଣ୍ଡ ପ୍ରମୁଖ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିଛି। ସେହିପରି ଭିତକନିକାଠାରେ ୨୫ ବିଳାସପୂର୍ଣ୍ଣ ଟେଣ୍ଟ ଓ ୧୨ରୁ ଅଧିକ କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟଟକମାନେ ଭିତରକନିକା ନ୍ୟାଶନାଲ୍ ପାର୍କ, କ୍ରିକ୍‌ରେ ବୋଟିଂ, ନେଚର୍ ୱାକ୍ ଆଦିର ମଜା ନେବାର ସୁଯୋଗ ରହିଛି। ଦାରିଙ୍ଗବାଡ଼ିଠାରେ କଫି ଗାର୍ଡେନ୍, ମିଦୁବନ୍ଧା ୱାଟର୍‌ଫଲ୍, ସୂର୍ଯ୍ୟାସ୍ତ ପଏଣ୍ଟ , ହୀରାକୁଦ୍‌ଠାରେ ମା ସାଲେଶ୍ୱରୀ ମନ୍ଦିର, ଦେବୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ହୀରାକୁଦ୍ ଡ୍ୟାମ୍, ସୋନାପୁରଠାରେ ସୁବର୍ଣ୍ଣମେରୁ ଶିବମନ୍ଦିର, ଲଙ୍କେଶ୍ୱରୀ ମନ୍ଦିର, ସୁରେଶ୍ୱରୀ ମନ୍ଦିର ଏବଂ ପୁଟସିଲ୍‌ଠାରେ ଶାବର ଶ୍ରୀକ୍ଷେତ୍ର, ଟ୍ରାଇବାଲ୍ ମ୍ୟୁଜିୟମ୍, ଡୁମ୍‌ଡୁମା ଜଳପ୍ରପାତ ଭଳି ପ୍ରମୁଖ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସାଜିଛି। ସନ୍ଧ୍ୟା ମନୋରଞ୍ଜନ, କ୍ୟୁଲିନାରି ଏକ୍ସପେରିଏନ୍ସ, ରାଇଫଲ୍ ଶୁଟିଂ, ଆର୍ଚେରି, ସାଇକେଲିଂ ଭଳି କାର୍ଯ୍ୟକ୍ରମ କରାଯାଉଛି।



କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଷାମି ବୋଲି ନିନ୍ଦା କରନ୍ତା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। –ଶ୍ରୀଅରବିନ୍ଦ

# ଆଫ୍ରିକାରୁ ପରିବର୍ତ୍ତନ

ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟା ମଧ୍ୟରୁ ବିସ୍ଥାପନ ଓ ଜଳବାୟୁ ପରିବର୍ତ୍ତନ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ପ୍ରଭାବ ଉଦ୍ଭିଦ ଓ ପ୍ରାଣିଜଗତ ଉପରେ ପ୍ରତ୍ୟକ୍ଷ ପଡ଼ିଚାଲିଛି। ବର୍ଷରେ ଅନୁଭୂତ ହୋଇଆସୁଥିବା ୬ ଋତୁ ମଧ୍ୟରୁ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତକୁ ମଣିଷ ଅନୁଭବ କରିପାରୁଛି। ବିଡ଼ମ୍ବନାର ବିଷୟ ଯେ, ଆଫ୍ରିକା ମହାଦେଶରେ ଥିବା ସାହାରା ମରୁଭୂମିରେ ଅତ୍ୟଧିକ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିବା ଜଳବାୟୁ ପରିବର୍ତ୍ତନର ଗମ୍ଭୀରତାକୁ ସୂଚାଇଦେଉଛି। ଅନ୍ୟପକ୍ଷରେ ସେହି ମହାଦେଶର ବ୍ୟାପକ ଚାଷୋପଯୋଗୀ ଜମି ମରୁଭୂମି ପାଲଟିବାରେ ଲାଗିଛି। ପ୍ରକୃତିର ଏପରି ବିଚିତ୍ର ରୂପ ଏହି ମହାଦେଶକୁ ଅସ୍ୱାଭାବିକ କରିଦେଉଥିବାରୁ ଏହାର ଅନେକ ରାଷ୍ଟ୍ର ପ୍ରତିକାର ଖୋଜିବାକୁ ଯାଇ ପ୍ରଥମ ଥର ପାଇଁ ଆଫ୍ରିକା ଜଳବାୟୁ ସମ୍ମିଳନୀ-୨୦୨୩ (ଏସିଏସ୍୨୩)ର ଆୟୋଜନ କରିଛନ୍ତି। ୪ରୁ ୬ ସେପ୍ଟେମ୍ବର ଯାଏ କେନିଆ ରାଜଧାନୀ ନାଇରୋବିଠାରେ ଏହା ଅନୁଷ୍ଠିତ ହେଉଛି। କେନିଆ ସହିତ ଆଫ୍ରିକୀୟ ସଂଘ (ଏୟୁ) ଏହାକୁ ଆୟୋଜନ କରୁଛନ୍ତି। ସବୁଜ ଅଭିବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ପାଣ୍ଠି ସଂଗ୍ରହକୁ ଏହାର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ଏଥିରେ ଆଦିମ ଜନଜାତି, ମହିଳା ଓ ଯୁବପିଢ଼ିର ସକ୍ରିୟ ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ମହିଳାଙ୍କ ନେତୃତ୍ୱରେ ଜଳବାୟୁ ପରିବର୍ତ୍ତନ ମୁକାବିଲାଜନିତ ପଦକ୍ଷେପ ଅଗ୍ରାଧିକାର ପାଇଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଆଫ୍ରିକା ମହାଦେଶର ଅଧିବାସୀମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ବୋଲି ସୁଇଡେନ୍‌ର ଯୁବ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ୨୦୨୦ରେ ଏକ କାର୍ଯ୍ୟକ୍ରମରେ କହିଥିଲେ। ଏଥିସହିତ ଉଦ୍‌ବେଗ ପ୍ରକାଶ କରିଥିଲେ ଯେ, ବିକଶିତ ରାଷ୍ଟ୍ରଗୁଡ଼ିକ ଏ ଦିଗରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରୁନାହାନ୍ତି। କେବଳ ବଡ଼ ବଡ଼ କଥା କହିଦେଲେ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ନାହିଁ ବୋଲି ସେ ଦେଇଥିବା ମନ୍ତବ୍ୟ ସେତେବେଳେ ଚର୍ଚ୍ଚାକୁ ଆସିଥିଲା। ଏଠାରେ ମନେପଡ଼େ ଡେନ୍‌ମାର୍କ ରାଜଧାନୀ କୋପେନହାଗେନ୍‌ରେ ୨୦୦୯ରେ ଅନୁଷ୍ଠିତ ଜାତିସଂଘର କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ (କପ୍)-୧୫ରେ ବିକଶିତ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ୨୦୨୦ ସୁଦ୍ଧା ବାର୍ଷିକ ୧୦୦ ବିଲିୟନ ଡଲାର ଦେବା ଲାଗି ଦେଇଥିବା ପ୍ରତିଶ୍ରୁତି। ଦେଖିଲା ବେଳକୁ ଧନୀ ଦେଶଗୁଡ଼ିକ ସେମାନଙ୍କ କଥା ରକ୍ଷାକରିନାହାନ୍ତି। ଏହି ଅବଧି ୨୦୨୫କୁ ଘୁଞ୍ଚାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ ନିମନ୍ତେ ଧନୀ ଦେଶଗୁଡ଼ିକ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଥିବାରୁ ସେଗୁଡ଼ିକ ଉପରେ ବିକାଶଶୀଳ ଓ ଗରିବ ରାଷ୍ଟ୍ରଗୁଡ଼ିକର ଭରସା ପାଉନାହିଁ। ସମ୍ଭବତଃ ଏହି କାରଣରୁ ଆଫ୍ରିକା ଜଳବାୟୁ ସମ୍ମିଳନୀ ଆୟୋଜନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଏବର ସ୍ଥିତି ଦେଖିଲେ ଅନେକ ବିକଶିତ ରାଷ୍ଟ୍ର ଯୁଦ୍ଧ, କ୍ଷମତା ବିସ୍ତାର ଆଦି ସ୍ୱାର୍ଥହାସଲ ଦିଗରେ ବୁଡ଼ିରହିଛନ୍ତି। ଉଦାହରଣ ସ୍ୱରୂପ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଚାଇନା-ତାଇୱାନ ଉତ୍ତେଜନା ଭଳି ପ୍ରସଙ୍ଗକୁ ନେଇ କିଏ କେଉଁ ଦେଶକୁ ସମର୍ଥନ କରିବେ ସେଥିରେ ଲାଗି ପଡ଼ିଛନ୍ତି। ବିକଶିତ ରାଷ୍ଟ୍ରଗୁଡ଼ିକର ବିସ୍ଥାପନ ବୃଦ୍ଧିରେ ପ୍ରତ୍ୟକ୍ଷ ହାତ ଥିଲେ ମଧ୍ୟ ଏହାର ମୁକାବିଲା ଦିଗକୁ ଅଣଦେଖା କରିଚାଲିଛନ୍ତି। ସମସ୍ତେ ଜାଣନ୍ତି ଆଫ୍ରିକା ମହାଦେଶ ଜୈବ ବିବିଧତାରେ ଭରପୂର। ତେବେ ଜାତିସଂଘ ରିପୋର୍ଟ ଅନୁଯାୟୀ ଏହି ମହାଦେଶ ମାତ୍ର ୨ରୁ ୩ ପ୍ରତିଶତ ବୈଶ୍ୱିକ ଅଙ୍ଗାରକାମ୍ଳ ନିର୍ଗମନ କରୁଥିବା ବେଳେ ଏହା ବିସ୍ଥାପନ ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ବିଶ୍ୱଶାଳୀ ରାଷ୍ଟ୍ରଗୁଡ଼ିକ ପ୍ରାକୃତିକ ସମ୍ବଳକୁ ଅବିଚାରିତ ଭାବେ ବ୍ୟବହାର କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ବଢ଼ାଉଥିବାରୁ ତାହାର ପ୍ରଭାବ ବିଶ୍ୱବ୍ୟାପୀ ପଡ଼ୁଛି। ଏଥିପାଇଁ କ୍ଷତିଗ୍ରସ୍ତ ହେଉଥିବା ଗରିବ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର କ୍ଷତିଭରଣା କରିବା ସକାଶେ ଆର୍ଥିକ ପାଣ୍ଠି ବ୍ୟବସ୍ଥା ଜରୁରି ହୋଇପଡ଼ିଛି। ସେଥିରୁ ବଞ୍ଚିତ ହେବାରୁ ଆଫ୍ରିକା ଏବେ ନିଜ ତରଫରୁ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ଅଣ୍ଟା ଭିଡ଼ିଛି ବୋଲି କୁହାଯାଉଛି। ଏହାର ପ୍ରଥମ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍, ପୂର୍ବତନ ମହାସଚିବ ବାନ୍-କି-ମୁନ୍, ଆଫ୍ରିକାର ୨୦ ଦେଶର ରାଷ୍ଟ୍ରମୁଖ୍ୟ ଏବଂ ଆଦିବାସୀ, କୃଷକଙ୍କ ସମେତ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଜଡ଼ିତ ପ୍ରାୟ ୨୦ ହଜାର ପ୍ରତିନିଧି ଯୋଗଦେବା ନିଶ୍ଚିତ ଭାବେ ଉତ୍ସାହଜନକ ପଦକ୍ଷେପ। ଧନୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ବାହାନା କରୁଥିବା ବେଳେ ଗରିବ ରାଷ୍ଟ୍ରଗୁଡ଼ିକ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଯେତେବେଳେ ମଞ୍ଚ ଗଠନ କଲେଣି, ତାହାର ପ୍ରଭାବ ଅନ୍ତର୍ଜାତୀୟ ସମୁଦାୟ ଉପରେ ପଡ଼ିବା ସ୍ୱାଭାବିକ। ଯଦି ଏହି ସମ୍ମିଳନୀରୁ କିଛି ସକାରାତ୍ମକ ନିଷ୍କର୍ଷ ବାହାରେ ଓ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟରେ ପ୍ରତିଫଳିତ ହୁଏ, ନିଶ୍ଚିତ ଭାବେ ଆଫ୍ରିକା ଜଳବାୟୁ ସମ୍ମିଳନୀ ଏକ ନିଆରା ଉଦାହରଣ ସୃଷ୍ଟି କରିବ।

ଧନୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାକୁ ନେଇ ବାହାନା କରୁଥିବା ବେଳେ ଗରିବ ରାଷ୍ଟ୍ରଗୁଡ଼ିକ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଯେତେବେଳେ ମଞ୍ଚ ଗଠନ କଲେଣି, ତାହାର ପ୍ରଭାବ ଅନ୍ତର୍ଜାତୀୟ ସମୁଦାୟ ଉପରେ ପଡ଼ିବା ସ୍ୱାଭାବିକ

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | 9 | | | |
| | | 6 | 7 | | | | 2 | 9 |
| | | | | | | 7 | | 8 |
| | 7 | | 2 | | 5 | 1 | | |
| | | 3 | | | | | 8 | |
| 5 | | | 8 | 7 | | | | 6 |
| 7 | | | | 5 | | | | |
| | | | 9 | | 1 | | | |
| | | 1 | | 4 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 5 | 6 | 8 | 4 | 2 | 3 | 1 |
| 3 | 6 | 2 | 9 | 5 | 1 | 7 | 8 | 4 |
| 4 | 1 | 8 | 7 | 3 | 2 | 5 | 9 | 6 |
| 6 | 5 | 1 | 3 | 2 | 8 | 4 | 7 | 9 |
| 2 | 8 | 4 | 1 | 7 | 9 | 6 | 5 | 3 |
| 7 | 3 | 9 | 4 | 6 | 5 | 1 | 2 | 8 |
| 1 | 2 | 7 | 8 | 4 | 3 | 9 | 6 | 5 |
| 5 | 9 | 3 | 2 | 1 | 6 | 8 | 4 | 7 |
| 8 | 4 | 6 | 5 | 9 | 7 | 3 | 1 | 2 |

ଗତକାଲିର ଉତ୍ତର

# ପାନୀୟ ଜଳର ସମାଧାନ ନୁହେଁ ପାଣି ବୋତଲ



ବିଚିତ୍ର ବିଶ୍ୱାଳ

ଜନସାଧାରଣଙ୍କ ପାଖରେ ସ୍ୱଚ୍ଛ ନିରାପଦ ପାନୀୟଜଳ ଉପଲବ୍ଧ ହେବା ଜାତିସଂଘର ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍ ବା ଚିରନ୍ତନ ବିକାଶ ଲକ୍ଷ୍ୟର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେଣୁ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପାନୀୟଜଳ ପହଞ୍ଚାଇବା ବିଶ୍ୱର ପ୍ରତ୍ୟେକ ଦେଶର ସରକାରଙ୍କ ଦାୟିତ୍ୱ। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ବୁଝାପଡୁଛି, ଏବେ ବି ବିଶ୍ୱର ଅନେକ ଦେଶ ଏହି ଲକ୍ଷ୍ୟ ହାସଲ ଦିଗରେ ପଛରେ ଅଛନ୍ତି। ଜାତିସଂଘ ତଥ୍ୟ ଅନୁସାରେ ୨୦୨୦ ସୁଦ୍ଧା ବିଶ୍ୱର ୭୪% ଲୋକ ସ୍ୱଚ୍ଛ ପାନୀୟଜଳ ପାଇବାକୁ ସକ୍ଷମ ହୋଇପାରିଛନ୍ତି। ବିଗତ ଦୁଇ ଦଶନ୍ଧିରେ ୬୪% ଲୋକଙ୍କ ପାଖରେ ସ୍ୱଚ୍ଛ ପାନୀୟଜଳ ପହଞ୍ଚିପାରିଥିବା ବେଳେ ଚଳିତ ଦଶନ୍ଧିରେ ଏଥିରେ ମାତ୍ର ଦଶ ପ୍ରତିଶତ ବୃଦ୍ଧିହୋଇଛି। ଏହି ଅଭିବୃଦ୍ଧି ଅତ୍ୟନ୍ତ ନିରୁତ୍ସାହଜନକ। ଗୋଟିଏ ପଟେ ଦେଶଗୁଡ଼ିକ ବିଜ୍ଞାନ ଓ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ରୁତଗତିରେ ବିକାଶ କରୁଥିବାବେଳେ ପାନୀୟଜଳ ପରି ଏକ ମୌଳିକ ଆବଶ୍ୟକତାକୁ ନାଗରିକମାନଙ୍କ ପାଖରେ ପହଞ୍ଚାଇ ନ ପାରିବା ମାନବିକତାର ସାମୂହିକ ବିଫଳତାକୁ ପ୍ରକାଶ କରୁଛି। ଏକବିଂଶ ଶତାବ୍ଦୀରେ ଏବେ ବି ବିଶ୍ୱର ୨୦୦ କୋଟି ଲୋକଙ୍କ ପାଖରେ ପିଇବା ପାଇଁ ସ୍ୱଚ୍ଛ ପାନୀୟଜଳ ନାହିଁ। ଜାତିସଂଘର ଏହି ତଥ୍ୟ ଭିନ୍ନ ଭିନ୍ନ ଦେଶର ସରକାରମାନେ ପ୍ରଦାନ କରିଥିବା ତଥ୍ୟ ଉପରେ ପର୍ଯ୍ୟବସିତ। ବାସ୍ତବରେ ଆହୁରି ଅଧିକ ଲୋକ ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି।

ଗୋଟିଏ ପଟେ ସାଧାରଣ ଲୋକମାନଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚି ପାରି ନ ଥିବା ବେଳେ ଅନ୍ୟପଟେ ସାରା ବିଶ୍ୱରେ ପାଣି ବୋତଲ କମ୍ପାନୀମାନଙ୍କ ବ୍ୟବସାୟ ବହୁଗୁଣ ବଢ଼ିଚାଲିଛି। ଏଠାରେ ସୂଚନାଯୋଗ୍ୟ, ସ୍ୱଚ୍ଛ ପାନୀୟଜଳ ଯୋଗାଣର ବିକଳ୍ପ କେବେ ବି ବୋତଲ ବନ୍ଦ ପାଣି ନୁହେଁ। ବୋତଲ ପାଣି କେବଳ ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ଓ ଏହା ଗରିବ ଲୋକଙ୍କ ହାତପାହାନ୍ତାର ବାହାରେ। ପରିସଂଖ୍ୟାନ ଅନୁସାରେ ପାଣି ବୋତଲ କମ୍ପାନୀମାନେ ଭୂପୃଷ୍ଠ ଓ ଭୂତଳ ଜଳକୁ ଅତି କମ୍ ଖର୍ଚ୍ଚରେ ଶୋଷି ୧୫୦ରୁ ୧୦୦୦ ଗୁଣ ପର୍ଯ୍ୟନ୍ତ ଲାଭ ଲୁଟୁଛନ୍ତି। ଗୋଟିଏ ବୋତଲ ମ୍ୟୁନିସିପାଲିଟି ଟ୍ୟାପ୍ ପାଣିର ମୂଲ୍ୟ ତୁଳନାରେ ଏହି କମ୍ପାନୀମାନେ ଶହ ଶହ ଗୁଣ ଅଧିକ ଦାମ୍‌ରେ ପାଣି ବୋତଲ ବିକ୍ରି କରୁଛନ୍ତି। ପାଣି ବୋତଲ କମ୍ପାନୀମାନେ ବୋତଲ ପ୍ରତି ଚଢ଼ା ଦାମ୍‌କୁ ନ୍ୟାୟପୂର୍ଣ୍ଣ ଦେଖାଇବାକୁ ଯାଇ ପାଣିର ନିରାପତ୍ତା ଓ ସ୍ୱଚ୍ଛତାର ଯୁକ୍ତିବାଢ଼ନ୍ତି। କିନ୍ତୁ ବୋତଲ ବନ୍ଦ ପାଣିରେ ସବୁପ୍ରକାର ପ୍ରଦୂଷଣର ପ୍ରତିରୋଧକ ଶକ୍ତି ନାହିଁ। ସର୍ବସାଧାରଣରେ ଯୋଗାଇ ଦିଆଯାଉଥିବା ଟ୍ୟାପ୍ ପାଣିକୁ ଯେପରି ଭାବେ ଜନସ୍ୱାସ୍ଥ୍ୟ ଓ ପରିବେଶ ନିୟମ ଆଦିକୁ ସମ୍ମୁଖୀନ ହେବାକୁ ପଡ଼େ ପାଣି ବୋତଲ କମ୍ପାନୀମାନେ ବିଭିନ୍ନ ପ୍ରକାର ଫନ୍ଦିଫିକର କରି ସେପରି ପରୀକ୍ଷାକୁ ଏଡାଇ ଯାଆନ୍ତି। ନିକଟ ଅତୀତରେ ୧୦୯ଟି ଦେଶରେ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ପ୍ରଚୁର ଲାଭଯୁକ୍ତ ଓ ଦ୍ରୁତ ଅଭିବୃଦ୍ଧିମୁଖୀ ପାଣି ବୋତଲ କମ୍ପାନୀମାନେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ବିଫଳତାକୁ



ଅନେକାଂଶରେ ଢାଙ୍କି ଦେଉଛନ୍ତି। ମୁଖ୍ୟତଃ ନିମ୍ନ ଓ ମଧ୍ୟମ ରୋଜଗାର ବର୍ଗର ଦେଶମାନଙ୍କରେ ପାଣି ବୋତଲ କମ୍ପାନୀମାନେ ନିରାପଦ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ସଫଳ କରେଇ ନ ଦେବା ପାଇଁ ଚେଷ୍ଟା କରୁଛନ୍ତି। ଏହି କମ୍ପାନୀମାନେ ଲାଭ ପାଇଁ ଛୋଟଛୋଟ ଦେଶର ସରକାରଙ୍କୁ ମଧ୍ୟ ନିୟନ୍ତ୍ରଣ କରିବାକୁ ପଛାଉ ନାହାନ୍ତି। କାରଣ ସରକାରଙ୍କ ତରଫରୁ ନିରାପଦ ପାନୀୟଜଳ ଯୋଗାଇ ଦିଆଗଲେ ସେମାନଙ୍କ ଲାଭ ପ୍ରଭାବିତ ହେବାର ସମ୍ଭାବନା ଅଛି ବୋଲି ସେମାନେ ମନେ କରୁଛନ୍ତି। ଅନ୍ୟ ଅର୍ଥରେ କହିଲେ, ଏହି ପାଣି ବୋତଲ କମ୍ପାନୀମାନେ ଜାତିସଂଘର ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍‌କୁ ମଧ୍ୟ ପ୍ରତିହତ କରୁଛନ୍ତି। ୟୁଏନ୍ ବିଶ୍ୱବିଦ୍ୟାଳୟର ସଦ୍ୟତମ ରିପୋର୍ଟ ଅନୁସାରେ ଚଳିତ ଦଶନ୍ଧିରେ ବିଶ୍ୱର ପାଣି ବୋତଲ ବଜାର ଦୁଇଗୁଣ ହୋଇ ୫୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାଦ୍ୱାରା ଜଳସଙ୍କଟ ଅଞ୍ଚଳରେ ଜଳ ଅଭାବ ଦେଖାଦେବା ସହିତ ପୃଥିବୀ ଉପରେ ଓ ମହାସାଗରରେ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଇବ।

ପାଣି ବୋତଲ ବିକ୍ରି କ୍ଷେତ୍ର ସମ୍ପ୍ରତି ଦ୍ରୁତଗତିରେ ଅଭିବୃଦ୍ଧି ହେଉଛି। ଏସିଆ, ଆଫ୍ରିକା, କାରିବିୟାନ୍ ଦେଶମାନଙ୍କରେ ପାଣି ବୋତଲ ବିକ୍ରି ବହୁ ପରିମାଣରେ ବଢ଼ିଛି। ଏଥିରୁ ପ୍ରମାଣିତ ହେଉଛି ଏହିସବୁ ଅଞ୍ଚଳରେ ଲୋକମାନଙ୍କ ପାଖରେ ସ୍ୱଚ୍ଛ ନିରାପଦ ପାନୀୟଜଳ ପହଞ୍ଚାଇବାର ସରକାରୀ ବ୍ୟବସ୍ଥା ଦୁର୍ବଳ ଅଛି। ତାହାହେଲେ ଜାତିସଂଘ ଧାର୍ଯ୍ୟ କରିଥିବା ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳର ଉଦ୍ଦେଶ୍ୟ ନିଶ୍ଚିତ ଭାବେ ସଫଳ ହେବ ନାହିଁ। ସଷ୍ଟେନେବୁଲ୍ ଡେଭଲପମେଣ୍ଟ ଗୋଲ୍‌ରେ ଯେତେବେଳେ ସମସ୍ତଙ୍କ ପାଇଁ ସମତାଭିତ୍ତିରେ ସ୍ୱଚ୍ଛ ପାନୀୟ ଜଳର ପ୍ରାପ୍ତି କଥା କୁହାଯାଉଛି, ନିଶ୍ଚିତ ଭାବେ ବୋତଲ ବନ୍ଦ ପାଣି ତାହାର ସମାଧାନ ନୁହେଁ। ସରକାରଙ୍କ ଦ୍ୱାରା ଟ୍ୟାପ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଏହି ଲକ୍ଷ୍ୟ କେବେହେଲେ ହାସଲ ହୋଇପାରିବ ନାହିଁ। ଚଢ଼ା ମୂଲ୍ୟ ଯୋଗୁ ବୋତଲ ବନ୍ଦ ପାଣି ଆଦୌ ଗରିବ ଲୋକଙ୍କ ପାଇଁ ନୁହେଁ। ତେଣୁ ବୋତଲ ବନ୍ଦ ପାଣି ଏକ ଜରୁରୀ ସାମଗ୍ରୀ ଅପେକ୍ଷା ଏକ ବିଳାସ ସାମଗ୍ରୀ ଭାବେ ଅଧିକ ପରିଗଣିତ ହୋଇଥାଏ। କିନ୍ତୁ ଭିନ୍ନ ଭିନ୍ନ ଦେଶର ଅନେକ ଅଞ୍ଚଳରେ ସରକାରଙ୍କ ଦ୍ୱାରା ସ୍ୱଚ୍ଛ ନିରାପଦ ପାନୀୟ ଜଳର ଯୋଗାଣ ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଅଧିକ ଖର୍ଚ୍ଚ କରି ବୋତଲ ବନ୍ଦ ପାଣି ପାଖକୁ ଯାଉଛନ୍ତି। ଏହା ହିଁ ପାଣି ବୋତଲ କମ୍ପାନୀମାନଙ୍କର ବ୍ୟବସାୟ ବୃଦ୍ଧିର ଏକ ପ୍ରମୁଖ କାରଣ। ଅନ୍ୟପକ୍ଷରେ ଏସିଆ, ଆଫ୍ରିକା ଆଦି ମହାଦେଶରେ ପାଣି ବୋତଲ ବିକ୍ରିର ବୃଦ୍ଧିକୁ ଦେଖିଲେ ସେଠାରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସରକାରଙ୍କ ବିଫଳତା ପ୍ରମାଣ ହେଉଛି। ଗୋଟିଏ ପଟେ ଲୋକମାନେ ପିଇବା ପାଇଁ ସ୍ୱଚ୍ଛ ପାଣି ପାଉ ନ ଥିବାବେଳେ ଆଉ କିଛିଲୋକ ପାଣିକୁ ବିଳାସ ସାମଗ୍ରୀ ଭାବେ ବ୍ୟବହାର କରୁଛନ୍ତି । ଜାତିସଂଘର ୨୦୧୬ର ଏକ ଆକଳନ ଅନୁସାରେ ସାରା ବିଶ୍ୱର ଜନସମୁଦାୟକୁ ସ୍ୱଚ୍ଛ ପାନୀୟଜଳ ଯୋଗେଇ ଦେବା ପାଇଁ ପ୍ରାୟ ୧୧୪ ବିଲିୟନ ଡଲାର ଆବଶ୍ୟକ ପଡ଼ିବ, ଯାହାକି ବାର୍ଷିକ ପାଣି ବୋତଲ ବିକ୍ରି ମୂଲ୍ୟ ୨୭୦ ବିଲିୟନ୍ ଡଲାରଠାରୁ କମ୍।

ଗତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରିଥିବା ଏକ ଆକଳନ ଅନୁସାରେ ଜନସାଧାରଣଙ୍କୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦେଶମାନଙ୍କର ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ ଓ ସେଥିପାଇଁ ଦେଶମାନଙ୍କୁ ବର୍ତ୍ତମାନଠାରୁ ଚାରିଗୁଣ ଅଧିକ ପ୍ରୟାସ କରିବାର ଆବଶ୍ୟକତା ରହିଛି। ନଚେତ୍ ଜାତିସଂଘ ଧାର୍ଯ୍ୟ କରିଥିବା ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କେବଳ ଏକ ଦିବା ସ୍ୱପ୍ନ ହୋଇ ରହିଯିବ। ଏବେ ମଧ୍ୟ ଅନେକ ଦେଶର ସରକାରଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଏକ ପ୍ରମୁଖ ବିଷୟ ନୁହେଁ। ସରକାରମାନେ ଖଣି, ଶିଳ୍ପ ଆଦି ପାଇଁ ଯେତିକି ତତ୍ପରତା ପ୍ରକାଶ କରୁଛନ୍ତି ସେତିକି ତତ୍ପରତା ସାଧାରଣ ଲୋକମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦେଖାଉନାହାନ୍ତି।

ପାଣି ବୋତଲ କମ୍ପାନୀ ଦ୍ରୁତଗତିରେ ବଢୁଥିବା ବେଳେ ପାଣିର ଗୁଣବତ୍ତାକୁ ନିଶ୍ଚିତ କରିବା ପାଇଁ ସରକାରଙ୍କ ତରଫରୁ ଏହି ବିଷୟକ ନୀତି ନିୟମକୁ କଡ଼ାକଡ଼ି କରିବାର ସମୟ ଆସିଛି। ବୋତଲ ବନ୍ଦ ପାଣିର ଗୁଣବତ୍ତା, ଭୂତଳ ଜଳ ଶୋଷଣ, ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା, କାର୍ବନ୍ ନିର୍ଗମନ ଆଦି ଅନେକ ବିଷୟରେ ପାଣି ବୋତଲ କମ୍ପାନୀମାନେ ଆଇନକୁ ପାଳନ କରୁନାହାନ୍ତି। ଆଇନଗୁଡ଼ିକ କିପରି ଠିକ୍‌ଭାବେ ପାଳନ ହେବ, ସରକାର ସେଥିପ୍ରତି ନଜର ଦେବାର ସମୟ ଆସିଛି। ସ୍ୱଚ୍ଛ ଓ ନିରାପଦ ପିଇବା ପାଣି ବଞ୍ଚିରହିବା ପାଇଁ ଏକ ମୌଳିକ ଆବଶ୍ୟକତା। ଏହାର ବିକ୍ରିକୁ ପ୍ରୋତ୍ସାହନ କରିବା ପରିବର୍ତ୍ତେ ସରକାର ଲୋକମାନଙ୍କ ପାଖରେ ମାଗଣାରେ ଉପଲବ୍ଧ କରେଇବା ଆବଶ୍ୟକ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ ପଦକ୍ଷେପ



ଈପ୍ସିତା ମହାନ୍ତି

କିଛି ସପ୍ତାହ ତଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ 'ପେପରଲେସ୍ ଗ୍ରୀନ୍ କୋର୍ଟ ରୁମ୍' ଅର୍ଥାତ୍ 'କାଗଜବିହୀନ ସବୁଜିମା ନ୍ୟାୟାଳୟ କକ୍ଷ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପକୁ ସାରା ଦେଶ ସ୍ୱାଗତ କରୁଛି। ଦେଶର ଯେକୌଣସି ସ୍ତରର ନ୍ୟାୟାଳୟକୁ ପରିଦର୍ଶନରେ ଗଲେ ଦେଖିପାରିବା ସେହି ନ୍ୟାୟାଳୟର କୋଠରିଗୁଡିକ କିଭଳି ବିଭିନ୍ନ ଗ୍ରନ୍ଥ, କାଗଜପତ୍ର ଓ ଦଲିଲର ପାହାଡ଼ରେ ଭରି ରହିଛି। ନ୍ୟାୟାଧୀଶ, ଆଇନଜୀବୀ, ନ୍ୟାୟାଳୟର କର୍ମଚାରୀ, ବାଦୀ, ପ୍ରତିବାଦୀଙ୍କୁ ସର୍ବଦା ବାଧ୍ୟବାଧକତାରେ ଏପରି ଏକ ଅଣନିଃଶ୍ୱାସୀ ପରିବେଶରେ ରହି କାମ କରିବାକୁ ପଡୁଛି। ତେବେ 'ପେପରଲେସ୍ ଗ୍ରୀନ୍ କୋର୍ଟ ରୁମ୍' କାର୍ଯ୍ୟକ୍ରମ ପ୍ରବର୍ତ୍ତନ ପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ହାଇଟେକ୍ ଦିଗକୁ ଅଗ୍ରସର ହେଉଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଯୋଗୁ ନ୍ୟାୟାଧୀଶଙ୍କ ପାଇଁ କାଗଜର ସେହି ପାହାଡ଼ ଗଦାର ସ୍ଥାନ ଏବେ ଏକ ପତଳା ପପ୍-ଅପ୍ ପରଦା ନେଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଡିଜିଟାଲ ଲାଇବ୍ରେରି ମଧ୍ୟ ଆରମ୍ଭ ହୋଇଛି, ଯେଉଁଠି ଆଇନ ସହ ଜଡ଼ିତ ସମସ୍ତ ପୁସ୍ତକକୁ ତୁରନ୍ତ ଅବଲୋକନ କରିହେବ। ୭୩ ବର୍ଷର ଇତିହାସରେ ଭାରତୀୟ ନ୍ୟାୟପାଳିକାର ସମ୍ପୂର୍ଣ୍ଣ ଡିଜିଟାଲୀକରଣ ପ୍ରକ୍ରିୟା ଆରମ୍ଭ ହେବା ଦିଗରେ ଏହା ଏକ ସୋପାନ ମାତ୍ର। ବାସ୍ତବିକ ଏହା ହେଉଛି ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଥମ ପଦକ୍ଷେପ। ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଥମ ୩ଟି ଅଦାଲତ 'ସବୁଜ ନ୍ୟାୟାଳୟ' ହୋଇଛି। ଆଗାମୀ ଦିନରେ ଏହି ତିନୋଟି ଅଦାଲତରେ ପୂର୍ବ ଭଳି ମୋଟାମୋଟା କେସ୍ ଫାଇଲ କିମ୍ବା ଗତ ୫୦ବର୍ଷର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିଗୁଡ଼ିକର ଶହ ଶହ ନଥିପତ୍ର ଏବଂ କାଗଜପତ୍ର ଦୃଷ୍ଟିଗୋଚର ହେବନାହିଁ।

ଅନ୍‌ଲାଇନ ଶୁଣାଣି ପାଇଁ ଏହି ନ୍ୟାୟାଳୟଗୁଡ଼ିକର କୋଠରିରେ ଆଜି ବଡ଼ବଡ଼ ଏଲ୍‌ସିଡି ସ୍ଥାପିତ ହୋଇଛି। ଓକିଲମାନଙ୍କ ପାଇଁ ହାଇଟେକ୍ ସୁବିଧା ଆରମ୍ଭ ହୋଇଛି। ଏଣିକି ଓକିଲମାନଙ୍କୁ ବିଭିନ୍ନ ମାମଲା ସମ୍ବନ୍ଧୀୟ ମୋଟାମୋଟା ଗ୍ରନ୍ଥ, କାଗଜପତ୍ର ଆଦି ବହନ କରିବାକୁ ପଡ଼ିବ ନାହିଁ। ସେମାନେ ଲାପ୍‌ଟପ୍ ଏବଂ ଟାବ୍‌ଲେଟ୍ ମାଧ୍ୟମରେ ବିଚାରପତିମାନଙ୍କୁ ବିଭିନ୍ନ ତଥ୍ୟ ଜଣାଇପାରିବେ। ଏହାକୁ ସହଜରେ ପାଠ କରାଯାଇ ପାରିବ। ବିଭିନ୍ନ ମାମଲା ସହ ଜଡ଼ିତ ଆଇନଗତ ଦଲିଲର ସହଜ ଉପଲବ୍ଧତା ପାଇଁ ବିଚାରପତିଙ୍କ ପାଖରେ ଡକ୍ୟୁମେଣ୍ଟ ଭ୍ୟୁଇଙ୍ଗ୍ ଟେକ୍ନୋଲୋଜି (ଦସ୍ତାବିଜ ଅବଲୋକନ କୌଶଳ) ମଧ୍ୟ ରହିବ। ଏହାକୁ ବ୍ୟବହାର କରିବା ପରେ ଡକ୍ୟୁମେଣ୍ଟଗୁଡ଼ିକୁ ମେଶିନରେ ରଖାଯାଇପାରିବ। ଯାହାକୁ ଓକିଲମାନେ ନିଜ ସ୍କ୍ରିନ୍ ଅବା କୋର୍ଟର ବଡ଼ ପରଦାରେ ଦେଖି ସହଜରେ ତର୍ଜମା କରିପାରିବେ। ବିଭିନ୍ନ ଦସ୍ତାବିଜ ଅବା ଦଲିଲ ପଢ଼ିବା ପାଇଁ ଓକିଲମାନଙ୍କ ପାଖରେ ସ୍ମାର୍ଟ ସ୍କ୍ରିନ୍‌ର ସୁବିଧା ମଧ୍ୟ ଉପଲବ୍ଧ ରହିବ। ଅଦାଲତରେ ଉପସ୍ଥିତ ବିଚାରପତିଗଣ ବିଭିନ୍ନ ପୁରୁଣା ବିଚାରର ନ୍ୟାୟିକ ତଥ୍ୟ ଏବଂ ଆଇନର ବିଭିନ୍ନ ଦିଗକୁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଦେଖିପାରିବେ। ସର୍ବୋଚ୍ଚ ନ୍ୟାୟାଳୟର ୧ମ ରୁ ୫ମ ନ୍ୟାୟିକ କରିଡର ବ୍ୟତୀତ ମିଡିଆ (ଗଣମାଧ୍ୟମ ଯୋଗାଯୋଗ) କକ୍ଷ ଏବଂ ବିଶ୍ରାମାଗାରରେ ଓକିଲ, ମହକିଲ ତଥା ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ମାଗଣା ୱାଇଫାଇର ସୁବିଧା ଉପଲବ୍ଧ ରହିଛି। ଆଶା କରାଯାଉଛି ଆସନ୍ତା ଦିନରେ ଅନ୍ୟ ନ୍ୟାୟାଳୟଗୁଡ଼ିକରେ ମଧ୍ୟ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିବ।



ଉଲ୍ଲେଖନୀୟ ଯେ, ନ୍ୟାୟାଳୟର ପରିସର ତଥା କକ୍ଷଗୁଡ଼ିକର ଆଧୁନିକୀକରଣ ପାଇଁ ଭାରତର ପ୍ରଧାନ ବିଚାରପତି ନ୍ୟାୟାଧୀଶ ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ହିଁ ପ୍ରସ୍ତାବ ଦେଇଥିଲେ। ସେ ଆହୁରି ମଧ୍ୟ ଚାହିଁଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟକ୍ରମ କାଗଜବିହୀନ ହେଉ, ଯାହା ଆଜି ସର୍ବୋଚ୍ଚ ନ୍ୟାୟାଳୟରେ ଆରମ୍ଭ ହୋଇଛି। କାଗଜ ସଂରକ୍ଷଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି- ଯାଚିକାର 'ବ୍ୟାକ୍ ଟୁ ବ୍ୟାକ୍ ପ୍ରିଣ୍ଟିଂ' (କାଗଜର ଉଭୟ ପାର୍ଶ୍ୱ ଛପାଯିବା), ଇ-ଫାଇଲିଂ କରିବା ଇତ୍ୟାଦି। ଏହା ସହ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାଂଶ ନ୍ୟାୟିକ ପ୍ରକ୍ରିୟାର ଲାଇଭ ଟେଲିକାଷ୍ଟ (ସିଧା ପ୍ରସାରଣ) ଆରମ୍ଭ ହୋଇଛି; ଯଦ୍ୱାରା ଜଣେ ସାଧାରଣ ନାଗରିକ ଏହାର ଲାଭପାଇପାରିବେ। ବର୍ତ୍ତମାନ କେଉଁ ଓକିଲ ନ୍ୟାୟାଳୟରେ କେଉଁ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ଏହା ଉପରେ ନ୍ୟାୟାଧୀଶ କିପରି ପ୍ରତିକ୍ରିୟା ପ୍ରକାଶ କଲେ ତାହା ଜାଣିହେବ। ପୂର୍ବରୁ ଏହି ସୂଚନା ସହଜରେ ଉପଲବ୍ଧ ନ ଥିଲା, କିନ୍ତୁ ବର୍ତ୍ତମାନ ଯିଏ ଏହି ସିଧା ପ୍ରସାରଣ ଦେଖିବା ପାଇଁ ଅନୁମତିପ୍ରାପ୍ତ, ସେ ବିନା କାଟଛାଣ୍ଟରେ ସମଗ୍ର ପ୍ରକ୍ରିୟା ଦେଖିପାରିବ। ନ୍ୟାୟାଳୟର ନ୍ୟାୟିକ ପ୍ରକ୍ରିୟା ଦେଖିବାକୁ ଦେବା ନିଶ୍ଚିତ ରୂପେ ଏକ ପ୍ରଶଂସନୀୟ ପଦକ୍ଷେପ। ସେହିଭଳି ନିଜ ମୋବାଇଲ ଫୋନ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆମେ(ଅନୁମତିପ୍ରାପ୍ତ) ନ୍ୟାୟାଳୟର ଡିସ୍‌ପ୍ଲେ ବୋର୍ଡ(ପ୍ରଦର୍ଶନ ଫଳକ)କୁ ସହଜରେ ଦେଖିପାରିବା। ସେହି ବୋର୍ଡରୁ କେଉଁ ଅଦାଲତରେ କି ମାମଲା ଚାଲୁଛି ତାହା ଜାଣିହେବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ କେବଳ ପରିବେଶର ସୁରକ୍ଷା କରିବ ନାହିଁ ବରଂ ସମୟ ବଞ୍ଚାଇବ ଏବଂ ନ୍ୟାୟାଳୟ ପରିସରର ଅଯଥା ଭିଡ଼କୁ ମଧ୍ୟ ହ୍ରାସ କରିବ। ନ୍ୟାୟିକ ପ୍ରକରଣ ଗତିଶୀଳ ହେବ। ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଶୀଘ୍ର ପ୍ରାପ୍ତ ହେବ। ଏସବୁ ଦୃଷ୍ଟିରୁ ବିଚାରକଲେ ଜାଣିପାରିବା ଯେ ଏହା ହେଉଛି ଉଚ୍ଚତମ ନ୍ୟାୟାଳୟଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ।

**ବୈପାରିଗୁଡ଼ା, କୋରାପୁଟ**
**ମୋ- ୬୩୭୦୬୭୯୪୦୫**

## ଏଇ ଭାରତରେ

ଶିକ୍ଷା ସହିତ ପରିବେଶ ଉପଯୋଗୀ ଜୀବନ ଜିଇବାର ବାଟ ଦେଖାଉଛନ୍ତି ବିଜ୍ଞାନ ଶିକ୍ଷକ ସି.ଏମ୍. ନାଗରାଜା। ବେଙ୍ଗାଲୁରୁର ତୋଡାବନହାଲିସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସେ ଅନେକ ପରିବେଶ ଅନୁକୂଳ ବ୍ୟବସ୍ଥା ଖଞ୍ଜି ଦେଇଛନ୍ତି। ୨୦୧୮ରେ ସ୍କୁଲରେ ପ୍ରଥମେ ବର୍ଜ୍ୟ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍କୁଲର ପୁରୁଣା ଫର୍ନିଚରରୁ ପ୍ରୋଜେକ୍ଟର ସ୍କ୍ରିନ, ଡାଏସ, ପୋଡିୟମ, ନେମ୍‌ପ୍ଲେଟ ଓ କପ୍‌ବୋର୍ଡ ତିଆରି କରିଛନ୍ତି। ସେ ପିଲାମାନଙ୍କ ଦ୍ୱାରା ବ୍ୟବହୃତ କ୍ଷୀର ପ୍ୟାକେଟ ସଂଗ୍ରହ କରି ସେଥିରେ କମ୍ପ୍ୟୁଟର କଭର କରିଛନ୍ତି। ନାଗରାଜା ଏନ୍‌ଜିଓ ସହଯୋଗରେ ଦୁଇଟି ବାୟୋ ୱେଷ୍ଟ କନଭର୍ଟର ଓ ପ୍ଲାଷ୍ଟିକ ୱେଷ୍ଟବିନ୍ ବ୍ୟବସ୍ଥା କରିପାରିଛନ୍ତି। ବର୍ଷାଜଳ ଓ ପ୍ରତିଦିନ ବ୍ୟବହାର ହେଉଥିବା ଜଳକୁ ସଂରକ୍ଷିତ କରି ରଖାଯାଉଛି ଓ ତାହାକୁ ବଗିଚା ଓ ଅନ୍ୟ କାମରେ ବ୍ୟବହାର କରାଯାଉଛି। କେବଳ ଏତିକି ନୁହେଁ ସ୍କୁଲ ବଗିଚାରେ କମ୍ ଜଳ ବ୍ୟବହାର କରିବା ଲାଗି ସିଞ୍ଚନ ପଦ୍ଧତିରେ ଜଳସେଚନ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୯୮

- ରାଷ୍ଟ୍ରୀୟ ସାଧାରଣତନ୍ତ୍ର ଦାଗେସ୍ଥାନର ରାଜଧାନୀ ମାଖାଚାକାଲାଠାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୧୬ ମୃତ।
- କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଯୋଶୀଙ୍କ ସହ ଆଲୋଚନା ପରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମହାସଂଘ ସଙ୍ଗଠନର ଆହ୍ୱାନକ୍ରମେ ଆନ୍ଦୋଳନରତ ଶିକ୍ଷକମାନଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ଚାନ୍ଦିପୁରସ୍ଥିତ ମଧ୍ୟବର୍ତ୍ତିକାଳୀନ କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ତ୍ରିଶୂଳ' ଓ 'ଆକାଶ'ର ସଫଳ ପରୀକ୍ଷଣ।

## ଚିରନ୍ତନୀ

ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ।
-(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କିଏ ଦଳୀୟ କର୍ମୀ, କିଏ ଭୋଟର

ମହାଶୟ,
ଏବେ ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ରାଜନୈତିକ ଦଳ ନିଜ ନିଜ କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ଲାଗି ପଡ଼ିଛନ୍ତି। ବିଭିନ୍ନ ପ୍ରକାର ସରକାରୀ ଯୋଜନାରେ ମିଳୁଥିବା ଆର୍ଥିକ ସାହାଯ୍ୟ, କୃଷକମାନଙ୍କ ପାଇଁ ମିଳୁଥିବା ଋଣ ପ୍ରଦାନ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସରକାରୀ ସହାୟତା, ସୁଧ ଛାଡ଼ ଋଣ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଛତା, ଜୋତା, ଲାପ୍‌ଟପ, କମ୍ପ୍ୟୁଟର ଏବଂ ସାଧାରଣ ଲୋକଙ୍କୁ ମାଗଣା ରାଶନର ପ୍ରଲୋଭନ ଦେଖାଇ ରାଜନୈତିକ ଦଳମାନେ ଦଳୀୟ କର୍ମୀ ଯୋଗାଡ କରୁଥିବା ପ୍ରାୟ ସମସ୍ତଙ୍କୁ ଜଣା ଅଛି । ଆଉ କିଛି ମିଛିମିଛିକା ଅସାମ୍ବିଧାନିକ ଦଳୀୟ ପଦବୀ ସୃଷ୍ଟି କରାଯାଇ କ୍ଷମତା ଲୋଭ ପ୍ରଦର୍ଶନ କରାଯାଉଛି । ପ୍ରାୟ ସବୁ ରାଜନୈତିକ ଦଳ ଭିତରେ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ମହିଳା, ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ସାଂଗଠନିକ କ୍ଷମତା ଦିଆଯାଇ ବହୁ ମାତ୍ରାରେ ଆକର୍ଷିତ କରାଯାଉଛି । ଏହି ପ୍ରକାର ଦଳୀୟ ରାଜନୈତିକ ପ୍ରକ୍ରିୟାରେ ଆମ ଦେଶର ପ୍ରାୟ ୯୦ ପ୍ରତିଶତ ସବୁ ବର୍ଗର ଲୋକ ଦଳୀୟ କର୍ମୀ, ସଂଗଠକହୋଇଗଲା ପରେ ଆଉ ଭୋଟର ଭାବରେ ରହି ସମର୍ଥନ ଦେବାକୁ କିମ୍ବା ରାଜନୈତିକ ଦଳ ସପକ୍ଷରେ ମତଦାନ କରିବାକୁ ମାତ୍ର ୧୦ ପ୍ରତିଶତ ଲୋକ ରହିବେ । ଅତଏବ, କିଏ ଦଳୀୟ କର୍ମୀ ଏବଂ କିଏ ସାଧାରଣ ଭୋଟର, ତାହା ଜାଣିବା ମୁସ୍କିଲ ।

**-ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସୁଜାତା ହେଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା

ଭଣ୍ଡାରିପୋଖରୀ, ୫।୯ (ରବିନାରାୟଣ ଖିଲାର)

ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦିକା ସୁଜାତା ଜେନାଙ୍କୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ରୂପେ ଚୟନ କରାଯାଇଛି। ତାଙ୍କର ଲୋକସମ୍ପର୍କ, ସମାଜସେବା, ଅସହାୟ ଶିଶୁମାନଙ୍କୁ ସହାୟତା ଆଦି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ମନୋନୀତ ହୋଇଛନ୍ତି। ସୁଜାତାଙ୍କ ସମେତ ଢେଙ୍କାନାଳରୁ ରୁବି ବିଶ୍ୱାଳ ଓ କନ୍ଧମାଳରୁ ଜଲିନା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ଆୟୋଗର ସଦସ୍ୟା ଭାବେ ଚୟନ କରାଯାଇଛି। ସୁଜାତା ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତ ଆଖୁଆପଦା ଅଞ୍ଚଳର ଝିଅ ଓ ବୋହୂ। ସେ ହରପାର୍ବତୀ କନ୍‌ଷ୍ଟ୍ରକ୍ସନର ମୁଖ୍ୟ ଶଶିକାନ୍ତ ଜେନାଙ୍କ ପତ୍ନୀ। ଶିଶୁ ସୁରକ୍ଷା ଉପରେ ଆହୁରି ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

### ଅପରାଜିତା, ମନମୋହନଙ୍କ ବିଞ୍ଝାରପୁର ଗସ୍ତ ପ୍ରସ୍ତୁତି

ପ୍ରୀତିପୁର, ୫।୯ (ସୁଶାନ୍ତ ବେହୁରିଆ):

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଗସ୍ତରେ ଆସିବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ଏଥିନିମନ୍ତେ ପ୍ରୀତିପୁରଠାରେ ଭାଜପା ନେତା ଅମିୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୀବନ କୁମାର ସାହୁ, ମନ୍ମଥ ମଲ୍ଲିକ, ନିଶିକାନ୍ତ ନାୟକ, ରଶ୍ମିରଞ୍ଜନ ଲେଙ୍କା, କଳ୍ପତରୁ ବେହେରା ପ୍ରମୁଖ ଯୋଗଦେଇ ପାର୍ଟିକୁ ମଜଭୁତ କରିବା ପାଇ ରଣନୀତି ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମମାନଙ୍କ ମଧ୍ୟରେ ୪ନଂ. ଜୋନ୍ ସଭାପତି ଶ୍ରୀନିବାସ ପରିଡ଼ା, ୫ନଂ. ଜୋନ ସଭାପତି ନିରଞ୍ଜନ ସାହୁ, ୬ନଂ. ଜୋନ ସଭାପତି ଅଧର ଧଳ, ବରିଷ୍ଠ ନେତା ଭୁବନାନନ୍ଦ ସାମଲ, ଅରୁନଜିତ ରାଉତରାୟ, ଶରତ ସେଠୀ, ଅଭିମନ୍ୟୁ ସାହୁ, ତାପସ ଧଳ, ଜଗନ ପାତ୍ର, କାଳିଆ ରାଉତ ଓ ପ୍ରଫୁଲ ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଡ. ପ୍ରଭଞ୍ଜନ ପତି ରସୁଲପୁର ମଣ୍ଡଳ ସହ ଶିକ୍ଷାଧିକାରୀ

ବ୍ରହ୍ମବରଦା, ୫।୯ (ଯଯାତି କେଶରୀ ବେହେରା):

ରସୁଲପୁର ମଣ୍ଡଳ ସହ ଶିକ୍ଷାଧିକାରୀ ଭାବେ ଡ. ପ୍ରଭଞ୍ଜନ ପତି ଯୋଗ ଦେଇଛନ୍ତି। ସେ ୪ ବର୍ଷ ହେବ ବରୀ ମଣ୍ଡଳ ସହ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଡ. ପତି ଏକାଧାରରେ ସୁସାହିତ୍ୟିକ, ଗାଳ୍ପିକ, ଲେଖକ, ଜ୍ୟୋତିର୍ବିଦ ଏବଂ ବିରଜା ମନ୍ଦିର ପଣ୍ଡିତ ମହାସଭାର ସଦସ୍ୟ। ନିକଟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ବିଦ୍ୟାବିଭୁଷଣ ଉପାଧିରେ ବିଭୁଷିତ କରାଯାଇଥିଲା। ଡ. ପତି ଯୋଗଦାନ କରିବା ପରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

# ଖଣି ଶ୍ରମିକଙ୍କ ଦାନା ଛଡ଼ାଇଛି ଯନ୍ତ୍ର

ଯାଜପୁର, ୫।୯ (ହର୍ଷବର୍ଦ୍ଧନ ବେହେରା)



କ୍ରୋମାଇଟ୍ ଖଣିରେ ଲାଗିଛି ମେଶିନ।

ଯନ୍ତ୍ର ଦ୍ୱାରା ଓଡ଼ଶାର ସବୁ ଖଣି ଖୋଳାଯାଉଛି। ଫଳରେ ଅଧିକାଂଶ ସ୍ଥାନୀୟ ଖଣି ଶ୍ରମିକମାନେ ହାତବାନ୍ଧି ବସି ରହିଛନ୍ତି। ୧୯୮୦ ପର୍ଯ୍ୟନ୍ତ ବହୁ ହଜାର ଖଣି ଶ୍ରମିକ ଛୁଆପିଲାଙ୍କୁ ଧରି ଓଡ଼ିଶାର ବିଭିନ୍ନ ଖଣି ଅଞ୍ଚଳରେ କାମ କରୁଥିଲେ। ଏବେ ପ୍ରାୟ ୪୦ ବର୍ଷ ହେଲା ଯାନ୍ତ୍ରିକ ଶକ୍ତି ଶ୍ରମିକଙ୍କ ଦାନା ଛଡ଼ାଇ ନେଇଛି। ଯାଜପୁର ଏବଂ କେନ୍ଦୁଝର ଜିଲାରେ ଥିବା ଖଣି ଖାଦାନରେ ଶତାଧିକ ଖଣି ଶ୍ରମିକ ପରିବାର ନିର୍ଭର କରିଥାନ୍ତି। ଏଠାକାର ମୂଲ୍ୟବାନ ପ୍ରାକୃତିକ ସମ୍ପଦରେ ଅନେକ କମ୍ପାନୀ ସେମାନଙ୍କ ମୂଳଦୁଆ ପକାଇଛନ୍ତି। ତେବେ ଜିଲାର ଖଣି ଖାଦାନଗୁଡ଼ିକରେ ବହୁ ପରିମାଣରେ ଯନ୍ତ୍ର ବ୍ୟବହାର ଯୋଗୁ ଖଣି ଶ୍ରମିକ ବୃତ୍ତି ହରାଇ କ୍ଷୁଧାର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କ୍ଷୁଧାମୁକ୍ତି ନିମନ୍ତେ ଆଶୁ ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ୨୦୧୫ରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଫଳରେ ସରକାରଙ୍କ ପ୍ରତି ବିରୋଧାଭାସ ଦେଖାଦେବାସହ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ ଖଣିରୁ ମେଶିନ ହଟାଇ ଶ୍ରମିକଙ୍କୁ ନିୟୋଜନ କରିବାକୁ ଦାବି କରିଛନ୍ତି।

ଯାଜପୁର, କେନ୍ଦୁଝର ଜିଲାରେ ଲୋକେ ଖଣି ଓ ଶିଳ୍ପାଞ୍ଚଳରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଖଣି ଖନନ ଓ ଟ୍ରକ ଲୋଡିଂ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଜମି, ଜଳ, ଜଙ୍ଗଲ, ଭିଟାମାଟି ଓ ଚାଷଜମି ସମର୍ପଣ କରି ସାରିଛନ୍ତି। ଖଣି ଖାଦାନ ପୂର୍ବରୁ ଲୋକେ କୃଷି, ପ୍ରାଣୀପାଳନ ଉପରେ ନିର୍ଭରଶୀଳ ହେଉଥିଲେ। ଖଣି ଉତ୍ତୋଳନ ହେବାପରେ ସେଠାରେ କାମ କରି ନିଜର ଜୀବିକା ନିର୍ବାହ କରି ଆସୁଥିଲେ। ଏବେ ଖଣିରେ କାମ କରିବା ବ୍ୟତୀତ ସେମାନଙ୍କ ଅନ୍ୟ କୌଣସି ବିକଳ୍ପ ବୃତ୍ତି ନାହିଁ। କିନ୍ତୁ ଖଣିରେ ଯନ୍ତ୍ର ବ୍ୟବହାର ବୃଦ୍ଧି ଅନେକ ଶ୍ରମିକଙ୍କ ଦାନା ଛଡ଼ାଇଛି। ଏଥିଯୋଗୁ ଖଣିକୁ ନେଇ ଗଢ଼ିଉଠିଥିବା ଦୋକାନ ବଜାର, ବ୍ୟବସାୟିକ ସଂସ୍ଥାଗୁଡ଼ିକ ଗୁରୁତର ପ୍ରଭାବିତ ହୋଇ ବନ୍ଦ ହେବାକୁ ବସିଛି। ସରକାର କୌଣସି ବିହିତ ପଦକ୍ଷେପ ଗ୍ରହଣ ନ କରିବା କାରଣରୁ ଖଣି ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟକରି ନିଜର ଜୀବନ ଜୀବିକା ନିର୍ବାହ କରୁଥିବା ଗରିବ ଲୋକଙ୍କ ପାରିବାରିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅଧିକାଂଶ ପରିବାରରେ କ୍ଷୁଧାର ଚିତ୍ର ଦେଖିବାକୁ ମିଳୁଛି। ଏଠାରେ କାମଧନ୍ଦା ନ ଥିବା କାରଣରୁ ଲୋକେ ଘର ପରିବାର ଛାଡ଼ି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଗଲେଣି। ଲୋକଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ୨୦୧୭-୧୮ରେ ଖଣି କାର୍ଯ୍ୟ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି ନିର୍ଦ୍ଦେଶନାମା ଆଧାରରେ ପୂର୍ବପରି ଖଣି ଖାଦାନଗୁଡ଼ିକରେ ଲୋକଙ୍କୁ ନିୟୋଜିତ କରିବାକୁ ଦାବି ହୋଇଛି। ୨୦୧୮ ଫେବୃୟାରୀରେ ଅଞ୍ଚଳବାସୀ ଏହିମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ୧୨ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନେଇ ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ତତ୍କାଳୀନ ଅଧସ୍ତନ ସଚିବ ପ୍ରଦୀପ କୁମାର କୁଅଁର ୬।୩।୨୦୧୮ରେ ଶ୍ରମ, ପଞ୍ଚାୟତିରାଜ, ଦକ୍ଷତା ବୃଦ୍ଧି, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପରିବହନ ଆଦି ବିଭାଗର ଯୁଗ୍ମ ସଚିବମାନଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କୌଣସି ଖଣିରେ ମେଶିନ ହଟାଓ ଆନ୍ଦୋଳନ ହେଉ ନଥିବାରୁ ମାଲିକ ଓ ଠିକାଦାରମାନଙ୍କ ପାଇଁ ଯନ୍ତ୍ର ବ୍ୟବହାର ସହଜ ହେଉଛି। ଶ୍ରମିକମାନଙ୍କ ସଂଖ୍ୟାରୁ ମାତ୍ର ୫ଭାଗ କୁଲି, ମଜୁରିଆ କାମ କରୁଛନ୍ତି। ପ୍ରାୟ ଅଧିକାଂଶ ଖଣିରେ ବାହାର ରାଜ୍ୟର ଠିକାଦାର, ଖଣି ଲିଜଧାରୀ, ଏପରିକି କେତେକ ଶ୍ରମିକ କର୍ମଚାରୀ ସୁକିନ୍ଦା ଅଞ୍ଚଳକୁ ଦଖଲ କରିଛନ୍ତି। ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ କହିଛନ୍ତି ଏଠାକାର ଶ୍ରମିକ ପରିବାରମାନଙ୍କ ମଧ୍ୟରୁ ଅଧିକାଂଶ ଅର୍ଦ୍ଧାହାର, ଅନାହାରରେ ଭୋକରେ ଆଉଟୁପାଉଟୁ ହେଉଛନ୍ତି। ସେମାନଙ୍କ ଦୁଃଖ କେହି ଶୁଣିବାକୁ ନାହାନ୍ତି। ଶ୍ରମ ଓ ଖଣି ବିଭାଗ ନିଦାବିଷ୍ଟ ସାଜିଛନ୍ତି। ତେଣୁ ମେଶିନ ହଟାଇବା ପାଇଁ ଦୁର୍ବାର ଆନ୍ଦୋଳନ କରିବାକୁ ପଡ଼ିବ।

# ଗୁରୁଙ୍କ ବାଣୀ ଅନୁସରଣ କଲେ କାଳଜୟୀ ହୋଇପାରିବ

## ଗୁରୁ ଦିବସ ସମାରୋହ

ରସୁଲପୁର, ୫।୯ (ରଞ୍ଜିତ ରାଉତ):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ରସୁଲପୁର ଗ୍ରାମ ବ୍ରାହ୍ମଣ ସାହିର ପତି ପାୱାର କଷ୍ଟ୍ରକଶନ କାର୍ଯ୍ୟାଳୟ ପରିସରରେ ଗୁରୁ ଦିବସ ସମାରୋହ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରମୋଦ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କର, ପ୍ରାକ୍ତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ପୂର୍ବତନ ବିଆର୍‌ସିସି ପ୍ରଭାକର ସାହୁ, ଗୁରୁ ମଦନମୋହନ ପତି, ବିରଞ୍ଚି ସାମନ୍ତରାୟ, ରାଜକିଶୋର ପଣ୍ଡା, ବନମାଳି ରଥ, ସୁରେନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ପରିଡ଼ା, ସାଧୁଚରଣ ପାତ୍ର, ନଗେନ୍ଦ୍ର କୁମାର ପତି, ସନ୍ଧ୍ୟାରାଣୀ ମିଶ୍ର, ବୈଦେନ୍ଦ୍ରନାଥ ସାହୁ ଓ ନୀଳମଣି ପଣ୍ଡା ପ୍ରମୁଖ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଯିଏ ଗୁରୁଙ୍କ ବାଣୀକୁ ଅନୁସରଣ କରି କାର୍ଯ୍ୟକରିବ ସେ କାଳଜୟୀ ହୋଇପାରିବ ବୋଲି ବକ୍ତାମାନେ ଅଭିହିତ କରିଥିଲେ। ପ୍ରାରମ୍ଭରେ ଗୁରୁମାନଙ୍କୁ ପୂଜା କରାଯାଇ ସମାରୋହ ସ୍ଥଳକୁ ପାଛୋଟି ଅଣାଯାଇଥିଲା। ବିଦ୍ୟାର୍ଥୀମାନେ ଗୁରୁମାନଙ୍କ ପାଦସ୍ପର୍ଶ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବର୍ଷିୟାନ ଗୁରୁମାନଙ୍କୁ ସମ୍ମାନିତ କରାଯିବା ସହ ଉପହାର ପ୍ରଦାନ କରାଯାଇଥିଲା। ପଦ୍ମନାଭ ସାହୁ, ଜଗବନ୍ଧୁ ବାରିକ, ବିଶ୍ୱଜ୍ୟୋତି ପତି, ଦିବ୍ୟଜ୍ୟୋତି ପତିଙ୍କ ସମେତ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚର ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ। ସରୋଜିନୀ ପତି ଧନ୍ୟବାଦ ଦେଇଥିଲେ।



ସମାରୋହରେ ସମ୍ମାନିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

# ସାହିତ୍ୟ ସମ୍ପର୍କ ଯୋଡ଼ିବାର ଏକ ସେତୁ: ବିଧାୟିକା



ଗୁରୁପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଚାଳଘର ସାହିତ୍ୟ ସଂସଦ ତରଫରୁ ଗୁରୁପୂଜନ

ବରୀ, ୫।୯ (ମହେନ୍ଦ୍ର ସ୍ୱାଇଁ):

ସାହିତ୍ୟ ସମ୍ପର୍କ ଯୋଡ଼ିବାର ଏକସେତୁ। ଧର୍ମୀୟ ଚିନ୍ତାଧାରାଠାରୁ ଆରମ୍ଭ କରି ସାମାଜିକ ବିଧିବ୍ୟବସ୍ଥାକୁ ଆକଳନ କରି ସାହିତ୍ୟର ସୃଷ୍ଟି। ସାହିତ୍ୟ କେବଳ ଶିକ୍ଷା ଉପରେ ନିର୍ଭର ନ କରି ନିଜର ଭାବାବେଗକୁ ପରିପ୍ରକାଶ କରି ଏକ ସମନ୍ୱୟ ରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମଙ୍ଗଳବାର ବରୀ ବ୍ଲକ୍ ଅଧୀନ ଶଙ୍ଖାରିଗଡ଼ାସ୍ଥିତ ଭଳିନୂଆଗାଁ ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଳଘର ସାହିତ୍ୟ ସଂସଦର ଗୁରୁପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏହି ମତ ରଖିଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ବିଧାୟିକା ପାଦ ଧୋଇ ପୂଜା କରିଛନ୍ତି। ଏଥିସହିତ ବରୀ ନିର୍ବାଚନମଣ୍ଡଳୀର ବରୀ, ରସୁଲପୁର ଓ ଯାଜପୁର ବ୍ଲକ୍‌ର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜାର୍ଚ୍ଚନା କରିଛନ୍ତି।

କାର୍ଯ୍ୟକ୍ରମରେ ଚାଳଘର ସାହିତ୍ୟ ସଂସଦର ସଭାପତି ବିରଜା ପ୍ରସାଦ ପରିଡ଼ା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରତାପ ଦାସ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବରୁଣେଶ୍ୱର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଚାଳଘର ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବରୀ ବ୍ଲକ୍ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ରସୁଲପୁର ବ୍ଲକ୍ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଶ ବିହାରୀ ମିଶ୍ର, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ତହସିଲଦାର ତିଳୋତ୍ତମା ପୃଷ୍ଟି ଓ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଚାଳଘର ସାହିତ୍ୟ ସଂସଦର ଏଭଳି ଅଭିନବ ପ୍ରୟାସ ବରୀ ଅଞ୍ଚଳ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ହଳଦୀ ପାଣିରେ ପାଦ ଧୁଆଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ତରୀୟ, କଲମ ଓ ପୁଷ୍ପଗୁଚ୍ଛ ଦେଇ ବନ୍ଦାପନା କରାଯାଇଥିଲା। ସଚୀକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. କୈଳାସ ଚନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।

# ବକେୟା ଟଙ୍କା ମାଗିବାରୁ ଟେଣ୍ଟ ମାଲିକଙ୍କୁ ଆକ୍ରମଣ

ଯୋଡ଼ା, ୫।୯ (ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ବସ୍‌ଷ୍ଟାଣ୍ଡ ନିକଟ ଡେଲି ମାର୍କେଟରେ ମଙ୍ଗଳବାର ବକେୟା ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଛି। ମନ୍ଦିର କମିଟି କର୍ମକର୍ତ୍ତାଙ୍କ ଆକମ୍ରଣରେ ଟେଣ୍ଟ ମାଲିକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଆକ୍ରମଣରେ ଟେଣ୍ଟମାଲିକ ଯୋଶୀ ରାଉତଙ୍କ ମୁଣ୍ଡ ଫାଟି ଥିବା ବେଳେ ଦିପୁ ଘୋଷ ଓ ମୃତ୍ୟୁଞ୍ଜୟ ରାଉତ ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଦୁଇ ବର୍ଷ ପୂର୍ବେ ଡେଲି ମାର୍କେଟରେ ଲକ୍ଷ୍ମୀ ନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ କରାଯାଇଥିଲା। ଉତ୍ସବରେ ଟେଣ୍ଟ ପାଇଁ ମନ୍ଦିର କମିଟି ପକ୍ଷରୁ ଯୋଶୀଙ୍କ ସହିତ ଏକ ଲକ୍ଷ ଟଙ୍କା ଦିଆଯିବାର ବୁଝାମଣା ହୋଇଥିଲା। ମଙ୍ଗଳବାର ବକେୟା ଟଙ୍କା ମାଗିବାରୁ ଯୋଶୀଙ୍କୁ ୫ରୁ ଊର୍ଦ୍ଧ୍ୱ ଯୁବକ ସଙ୍ଘବଦ୍ଧଭାବେ ଲୁହା ରଡ୍‌ରେ ମାଡ଼ ମାରିଥିଲେ। ସେହି ସମୟରେ ତାଙ୍କ ଭାଇ ମୃତ୍ୟୁଞ୍ଜୟ ରାଉତ ଓ ଦିପୁ ଘୋଷ ଆସି ବୁଝାସୁଝା କରିବା ବେଳେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ସମସ୍ତଙ୍କୁ ଚିକିତ୍ସା ପାଇଁ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଟେଣ୍ଟମାଲିକଙ୍କ ଅଭିଯୋଗ ଆଧାରରେ ଯୋଡ଼ା ପୋଲିସ ତଦନ୍ତ ଆରମ୍ଭ କରିଛି।

# କ୍ଷତିଗ୍ରସ୍ତ ପରିବାରକୁ ସହାୟତା

ବରୀ, ୫।୯ (ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅନ୍ତର୍ଗତ ଅମଠପୁର ପଞ୍ଚାୟତ ପାଲଟପୁର ଗ୍ରାମର ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ବିରୂପା ନଦୀରୁ କୁମ୍ଭୀର ଟାଣିନେଇ ଖାଇଦେବା ପରେ ତାଙ୍କ ପରିବାର ଅସହାୟ ହୋଇ ପଡ଼ିଛନ୍ତି। ଏହି ଖବର ପାଇ ବରୀ ଆମ୍ବେଡକର ବିକାଶ ପରିଷଦ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ପରିଷଦ ସଭାପତି ଦୁର୍ଯ୍ୟୋଧନ ଦଳେଇଙ୍କ ନେତୃତ୍ୱରେ କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସହାୟତା ପ୍ରଦାନ ସମୟରେ ସଭାପତି ଦଳେଇଙ୍କ ସମେତ ଦୁଷ୍ମନ୍ତ ସେଠୀ, କୁଳମଣି ମଳିକ, ରମାକାନ୍ତ ମଳିକ, ସମୀର ମଳିକ, ଅଜୟ ମଳିକ, ଅଜିତ ଜେନା, ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ମଳିକ, ଅରୁଣ କୁମାର ଜେନା ଓ ଉମାକାନ୍ତ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



ଅସହାୟ ପରିବାରକୁ ଆମ୍ବେଡକର ବିକାଶ ପରିଷଦ ପକ୍ଷରୁ ସହାୟତା ଦିଆଯାଉଛି।

# ବିପଦ ସଙ୍କେତ ଉପରେ ଜଳକା

ରୂପସା, ୫।୯ (ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ମଙ୍ଗଳବାର ବୃଦ୍ଧି ପାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ଏହି ନଦୀର ଜଳସ୍ତର ଧୀରେ ଧୀରେ ବଢ଼ିବା ସହିତ ଚଳିତବର୍ଷ ପୁଣି ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଏହି ନଦୀର ବିପଦ ସଙ୍କେତ ୫.୫୦ମିଟର ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ୬.୦୨ମିଟରରେ ପହଞ୍ଚିଛି। ଫଳରେ ନଦୀ ତଳିଆ ଅଞ୍ଚଳରେ ପାଣି ମାଡ଼ିବା ସହିତ ନଦୀ ନିକଟରେ ଥିବା ଚାଷଜମି ସବୁ ଜଳମଗ୍ନ ହୋଇଛି। ବର୍ଷା ଲାଗି ରହିଥିବାରୁ ଏବେ ଏହି ନଦୀର ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ସ୍ଥାନୀୟ ଲୋକ ଭୟଭୀତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ମଙ୍ଗଳବାର ରାତିରେ ଉପରମୁଣ୍ଡାରେ ବର୍ଷା ହେଲେ ଜଳକା ନଦୀର ଜଳସ୍ତର ଅଧିକ ବଢ଼ିବା ସହିତ ଏକ ବଡ଼ ବନ୍ୟାର ଆଶଙ୍କା ମଧ୍ୟ ରହିଛି। ଧାନଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ଗୁରୁଙ୍କ ମାର୍ଗଦର୍ଶନ ଜୀବନକୁ ଶୃଙ୍ଖଳିତ କରିଥାଏ

## ନିର୍ବାଚନମଣ୍ଡଳୀସ୍ତରୀୟ ଗୁରୁପୂଜନ ଉତ୍ସବ

ବିଞ୍ଝାରପୁର, ୫।୯ (ରାମକୃଷ୍ଣ ଦାସ):




ଗୁରୁ ପୂଜନ ଉତ୍ସବରେ ଉପସ୍ଥିତ ଅତିଥି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ଗୁରୁପୂଜନ ଉତ୍ସବ ୨୬ ନଂ. ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୂଜାର୍ଚ୍ଚନା କରିବା ସହିତ ଗୁରୁଙ୍କ ମାର୍ଗ ଦର୍ଶନ ପ୍ରତ୍ୟେକଟି ମଣିଷ ଜୀବନକୁ ଶୃଙ୍ଖଳିତ ଓ ମଙ୍ଗଳମୟ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ୍ ଏରସାଦ, ବିଞ୍ଝାରପୁର ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ଦଶରଥପୁର ବିଇଓ ଅର୍ଣ୍ଣଦା ପ୍ରସାଦ ରଣା, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା, ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଓ ପ୍ରଦୀପ ମହାନ୍ତ ପ୍ରମୁଖ ଯୋଗଦେଇ ଗୁରୁ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ବହୁ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ଏନ୍‌ପିଏସ୍ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଅକ୍ଷୟ କୁମାର ସାମଲ, କାଣ୍ଡିସାହି ସିଆର୍‌ସିସି ମନୋରଞ୍ଜନ ଧଳ, ପ୍ରାଥମିକ ଶିକ୍ଷକ ସଂଘ ଉପସଭାନେତ୍ରୀ ଟିକିଲତା ବେହେରା, ଆଶାଦୁଲ୍ଲା ଖାଁ, ପ୍ରମୋଦ ତ୍ରିପାଠୀ, ବିଶ୍ୱନାଥ ସାମଲ, ଏନ୍‌ପିଏସ୍ ସମ୍ପାଦକ ବୈଦ୍ୟନାଥ ପରିଡ଼ା, ସଂଗ୍ରାମ କେଶରୀ ସାମଲ, ରମେଶ ଚନ୍ଦ୍ର ନାଥ ଓ ରତନଲାଲ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ଦୀନେଶ ମଲ୍ଲିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ

## କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଗୁରୁ ଦିବସ

ଧର୍ମଶାଳା, ୫।୯ (ବଟକୃଷ୍ଣ ପରିଡ଼ା):



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଶିକ୍ଷକ।

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଚନ୍ଦ୍ରଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୁରୁଙ୍କୁ ମଣିଷ ତିଆରି କାରଖାନାର କାରିଗରର ଆଖ୍ୟା ଦେଇଥିଲେ। ଏଥିସହିତ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା ସହିତ ୫-ଟି ମାଧ୍ୟମରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ କରି ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ବାତାବରଣକୁ ଉନ୍ନତମାନର କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ୍ ଶିକ୍ଷାଧିକାରୀ ନିକୁଞ୍ଜ କିଶୋର ମହାନ୍ତି, ରସୁଲପୁର ବ୍ଲକ୍ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ୧୪ନଂ. ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ମୋହନ ଚରଣ ସାମଲ, ହୃଷୀକେଶ ସାମଲ, ସୁଦାମ ପଣ୍ଡା, ବିଭୁତି ଭୁଷଣ ପାଳ, ନରହରି ଦାସ, ବିଜୟ କୁମାର ସ୍ୱାଇଁ, ଲଳିତ କୁମାର ସ୍ୱାଇଁ, ବାସନ୍ତି ବିଶ୍ୱାଳ, ନିଳିମା ମହାନ୍ତି ଓ ରଘୁନାଥ ବେହେରାଙ୍କୁ 'ଗୁରୁଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଫୁଲ୍ଲ ସାହାଣୀ, ରଶ୍ମିରଞ୍ଜନ ରାୟ, ସୁଶିଲ ମହାନ୍ତି, ସବ୍ୟସାଚୀ ସୁନ୍ଦରରାୟ, ପ୍ରତାପ ପ୍ରଧାନ, ମାନସ ମହାନ୍ତି, ମନୋଜ ଦାସ ଏବଂ ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଫାଉଣ୍ଡେଶନ ମୁଖପାତ୍ର ଅମୀୟ ପରିଡ଼ା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଟ୍ରାକ୍ଟର ଚୋରି ଅଭିଯୋଗ: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୫।୯(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଚକୁଳିପଡା ଗ୍ରାମରେ ଟ୍ରାକ୍ଟର ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି। ୨ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅନ୍ତର୍ଗତ ସିଦ୍ଧାର୍ଥ ବେହେରା ଓ ନାଉଗାଁ ଥାନା ଅନ୍ତର୍ଗତ ଚକୁଳିପଡା ଗ୍ରାମର ରାକେଶ ଦାସ ଓରଫ ମଣ୍ଟୁ । ଚୋରି ଟ୍ରାକ୍ଟରକୁ ବୋଲଗଡରୁ ଉଦ୍ଧାର କରାଯାଇଛି। ଗତ ୨୪ ଜୁଲାଇ ରାତିରେ ଉକ୍ତ ଗ୍ରାମର ରଶ୍ମିକାନ୍ତ ରାୟଙ୍କ ଘର ନିକଟରେ ଥିବା ତାଙ୍କ ନୀଳ ରଙ୍ଗର ଟ୍ରାକ୍ଟର (ନଂ.ଓଡି ୨୧ପି ୫୪୬୦) ଚୋରି ହୋଇଯାଇଥିଲା। ୨୫ ଜୁଲାଇ ରେ ସେ ଏନେଇ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା (ନଂ.୧୮୬/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

## ମହିଳାଙ୍କୁ ଅସଦାଚରଣ କରୁଥିବା ଯୁବକଙ୍କୁ ମାଡ଼

ବାହାନଗା, (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ତାହାରପୁର ଗ୍ରାମରେ ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ କରୁଥିବା ଜଣେ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡି ଉତ୍ତମ ମାଧ୍ୟମ ଖାଇଛନ୍ତି। ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଛି। ପୂର୍ବରୁ ଏହି ଯୁବକଙ୍କ ନାମରେ ଥାନାରେ ଛିନତାଇ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଯୁବ,ଛାତ୍ର ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି

ବିରିଡି,୫।୯ (ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ ବିଜୁ ଛାତ୍ର ଜନତା ଦଳର ଏକ ପ୍ରସ୍ତୁତି ବୈଠକ ଗୋପିନାଥପୁର ମା'ଭଗବତୀ ପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବଜନତା ଦଳ ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ବିଜେଡି ସଭାପତି ରବି ନାରାୟଣ ଜେନା, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଜିଲା ବିଜେଡି ଉପସଭାପତି ପବିତ୍ର କୁମାର ପଶାୟତ, ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ରଶେଖର ଦାଶ, ଜିଲା ବିଜେଡି ଯୁବ ସଭାପତି ସୋମ୍ୟଜିତ ମହାପାତ୍ର, ଜିଲା ବିଜେଡି ଛାତ୍ର ସଭାପତି ସମ୍ବିତ୍ ଲେଙ୍କା, ବ୍ଲକ ବିଜେଡି ଛାତ୍ର ସଭାପତି ଗୋରେଖ ଆଶ୍ରିତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିରିଡ଼ି ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତର ଯୁବ ଓଛାତ୍ର ସଭାପତି ଓ ମିଡିଆ ସେଲର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଆସନ୍ତା ୧୫ରେ ଜଗତସିଂହପୁର ଠାରେ ହେବାକୁ ଥିବା ବିଜେଡି ଯୁବ ଛାତ୍ର ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଥିବା କାର୍ଯ୍ୟକର୍ତ୍ତାଙ୍କ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ମକରଧ୍ୱଜ ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଆଗୁଆ ବିଧାନସଭା ପ୍ରାର୍ଥୀ ଚୟନ ପାଇଁ ପ୍ରସ୍ତାବ

ଜଗତ୍‌ସିଂହପୁର, ୫।୯ (ପ୍ରମୋଦ କୁମାର ନାୟକ)



ଦଳୀୟ କାର୍ଯ୍ୟାଳୟ ପରିସରରେ ଜିଲା କଂଗ୍ରେସର ଜରୁରୀ ବୈଠକ।

**ଜିଲା କଂଗ୍ରେସର ଜରୁରୀ ବୈଠକ**

■ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନ ଆଦେଶର ପୁନଃବିଚାର ହେଉ

ଜଗତ୍‌ସିଂହପୁର ଜିଲାରେ କଂଗ୍ରେସ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ଦଳର ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ଆହ୍ୱାନକ୍ରମେ ଦଳ ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତୃଣମୂଳସ୍ତରରୁ କଂଗ୍ରେସ ସଙ୍ଗଠନକୁ ମଜ୍‌ଭୁତ କରିବା ପାଇଁ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ଦଳୀୟ ସଭାପତିମାନେ ମତପ୍ରକାଶ କରିଥିଲେ। ଏଥିସହ କେତେକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଯାଇଛି । ପିସିସି ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଜିଲାର ସମସ୍ତ ଗ୍ରାମ ପଞ୍ଚାୟତ ଓ ପୌରାଞ୍ଚଳରେ ବୁଥ୍ କମିଟି ଗଠନ କରାଯିବ। ଏହାପରେ ଜିଲାର ପ୍ରତ୍ୟେକ ବ୍ଲକ ଓ ପୌର ପରିଷଦ ଅଞ୍ଚଳରେ କମିଟି ବୈଠକ କରାଯାଇ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବ। ଅକ୍ଟୋବରରେ ଜିଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା କରାଯିବ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇ ଉଭୟ ସରକାରକୁ ଘେରିବା ପାଇଁ ଉଦ୍ୟମ ହେବ। ଦଶହରା ପୂଜା ପରେ ଜିଲାର ସମସ୍ତ ନେତୃମଣ୍ଡଳୀଙ୍କ ସମେତ ପିସିସି ଓ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର କର୍ମକର୍ତ୍ତାଙ୍କୁ ସାମିଲ କରି ଏକ ବିଶାଳ ଜିଲାସ୍ତରୀୟ ସମ୍ମିଳନୀ ଆୟୋଜନ ହେବ। ଜିଲାର ସମସ୍ତ ୪ଟି ଯାକ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ନିର୍ବାଚନର ଯଥେଷ୍ଟ ପୂର୍ବରୁ କରିବାକୁ ପିସିସିକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିସହ ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନ ଆଦେଶର ପୁନଃ ବିଚାର ନିମନ୍ତେ ପିସିସି ଓ ଏଆଇସିସିକୁ ଅନୁରୋଧ କରିବାକୁ ସ୍ଥିର କରାଯାଇଥିଲା । ବୈଠକରେ ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ ଜେନା, ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ପାରାଦୀପ ନଗର କଂଗ୍ରେସ ସଭାପତି ଅନୁପ ସାହାଣୀ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଦାସ, ଏରସମା ବ୍ଲକ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଓ ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜିଲାରେ କଂଗ୍ରେସ ଦଳକୁ ସୁଦୃଢ଼ କରିବାକୁ ମତ ରଖିଥିଲେ।

## ବିଜେଡି ମହିଳା ଶାଖା ପକ୍ଷରୁ ପାଲଟା ଅଭିଯୋଗ

**ମହିଳାଙ୍କୁ ପାରାଦୀପ ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା**

କୁଜଙ୍ଗ,୫।୯ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବଟମହାପୁରୁଷ ପୀଠରେ କାଞ୍ଚନବାଳା ସ୍ୱାଇଁଙ୍କୁ ବିଧାୟକ ସମ୍ବିତ ରାଉତରାୟଙ୍କ ଦୁର୍ବ୍ୟବହାର ଘଟଣାରେ ମଙ୍ଗଳବାର ସ୍ଥାନୀୟ ବିଜେଡି ମହିଳା ଶାଖା ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ଗତ ୧ ତାରିଖରେ ବିଧାୟକ ରାଉତରାୟ ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କ ସହ ମଠର ଉନ୍ନତୀକରଣ ସମ୍ପର୍କରେ ସମୀକ୍ଷା କରୁଥିବା ବେଳେ କାଞ୍ଚନବାଳା ପହଞ୍ଚି ନିଜେ ଠିକାଦାରୀ କରିବାକୁ ଜିଦ୍ ଧରିଥିଲେ । ଏହି କାମ ଆଉ କାହାକୁ ଦିଆଗଲେ ସମ୍ପୃକ୍ତ ବ୍ୟକ୍ତି ଗୋଡ଼ ଭାଙ୍ଗି ଦେବାକୁ ସେ ଧମକ ଦେଇଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଥାନାରେ ଲିଖିତ ଅଭିଯୋଗ କରିବା ସମୟରେ ମହିଳା ବିଜେଡି ବ୍ଲକ ସଭାନେତ୍ରୀ ପୁଷ୍ପଲତା ବେହେରା, ଜିଲାପରିଷଦ ସଭ୍ୟା କନକ ପ୍ରଭା ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳୀ ସେଠୀ, ଗୋପିଆକୁଦ ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ଫତେପୁର ସମିତି ସଭ୍ୟା ଅମିତା ସ୍ୱାଇଁ, ବୈଜୟନ୍ତି ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗୀ ବଟମହାପୁରୁଷ ପୀଠର ଉନ୍ନତୀକରଣ ନିମନ୍ତେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗତ ୧ ତାରିଖରେ ଶିଳାନ୍ୟାସ କରିବାକୁ ଯାଇଥିଲେ। ଏହି ଅବସରରେ ଉକ୍ତ ଗ୍ରାମର କାଞ୍ଚନବାଳା ପହଞ୍ଚି ମଠକୁ ଆସିଥିବା ୧୭ ଲକ୍ଷ ଟଙ୍କାର ଅନୁଦାନ ଅର୍ଥରେ ହେଉଥିବା ଉନ୍ନତୀକରଣ କାର୍ଯ୍ୟକୁ ଠିକାଦାରଙ୍କ ବଦଳରେ ମଠ କମିଟି ଦ୍ୱାରା କରିବାକୁ ଦାବି କରିଥିଲେ। ଏଥିରେ ବିଧାୟକ ଉତ୍‌କ୍ଷିପ୍ତ ହୋଇ 'ମଠ କ'ଣ ତୋ ବୋପା ସମ୍ପତ୍ତି' ବୋଲି କହିଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାପରେ କାଞ୍ଚନ ଥାନାରେ ଅଭିଯୋଗ କରି ବିଧାୟକ ତାଙ୍କ ସହ ଦୁର୍ବ୍ୟବହାର କରିଥିବା ଦର୍ଶାଇଥିଲେ।

## ସାରଳା ସଂସ୍କୃତ ମହାବିଦ୍ୟାଳୟରେ ଗୁରୁ ପୂଜନ ଆଲୋଚନା ଚକ୍ର

ବାଲିକୁଦା, ୫।୯(ତାପସ ସ୍ୱାଇଁ)

ମୁଳୁଗାଁ ପଞ୍ଚାୟତର କରମଙ୍ଗସ୍ଥିତ ଶାରଳା ସଂସ୍କୃତ ମହାବିଦ୍ୟାଳୟରେ ଗୁରୁ ପୂଜନୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା' ଏହାର ବିଷୟବସ୍ତୁ ରହିଥିଲା। ଅଧକ୍ଷ ଅଜୟ ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ବାଇଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ କୃତି ଶିକ୍ଷକ ଡ. ବିଷ୍ଣୁ ଚରଣ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ପରିଚାଳନା ପରିଷଦ ସଭାପତି କୈଳାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ଗନ୍ଧର୍ବ ଚରଣ ସାହୁ , ହୃଷିକେଶ ଚୟନୀ, ନିରଞ୍ଜନ ପଣ୍ଡା, ପଦ୍ମନାଭ ସ୍ୱାଇଁ, ଶରତ ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ମହାବିଦ୍ୟାଳୟ ପ୍ରତିଷ୍ଠାତା ନରେନ୍ଦ୍ରନାଥ ମହାନ୍ତିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଶ୍ରେଷ୍ଠ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୈକୁଣ୍ଠନାଥ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଦାବିରେ ଏସ୍‌ଏସ୍‌ବି ଅଧାପକଙ୍କ କଳା ବ୍ୟାଜ୍ ପରିଧାନ



ଏସ୍‌ଏସ୍‌ବି ଅଧାପକଙ୍କ କଳାବ୍ୟାଜ୍ ପରିଧାନ।

ପଟ୍ଟାମୁଣ୍ଡାଇ,୫।୯(କଳ୍ପତରୁ ନାୟକ)

ଓଡ଼ିଶାର ବିଭିନ୍ନ କଲେଜରେ ନିଯୁକ୍ତି ପାଇଥିବା ଷ୍ଟାପ ସିଲେକଶନ ବୋର୍ଡ (ଏସ୍‌ଏସ୍‌ବି) ଅଧ୍ୟାପିକାଅଧ୍ୟାପକ ସ୍ୱଳ୍ପ ଦରମାରେ ଦୀର୍ଘ ୮ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ନାର୍ଯ୍ୟ ଦାବି ପ୍ରତି ଉଦାସୀନ ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। ଓଡ଼ିଶା ଏସ୍‌ଏସ୍‌ବିଅଧାପକ ସଂଘ ସଭାପତି ସରୋଜକାନ୍ତ ନାୟକଙ୍କ ନେତୃତ୍ୱରେ ଗ୍ରେଡ଼ ପେ ୪୬୦୦ରୁ ୫୪୦୦ କରିବା ଆଦି ବିଭିନ୍ନ ଦାବି ନେଇ ପଟ୍ଟାମୁଣ୍ଡାଇ କଲେଜ ଏସ୍‌ଏସ୍‌ବି ଅଧ୍ୟାପିକାଅଧ୍ୟାପକମାନେ ମଙ୍ଗଳବାରଠାରୁ କଳା ବ୍ୟାଜ ପରିଧାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ବସ୍ତୁତଃ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଆସନ୍ତା ୭ଦିନ ମଧ୍ୟରେ ସରକାରୀ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ସାରା ଓଡ଼ିଶା ଏସ୍‌ଏସ୍‌ବି ଅଧାପକ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ।

## ନଦୀକୁ ଡେଇଁଥିବା ଛାତ୍ରୀ ଉଦ୍ଧାର

ପାରାଦୀପ,୫।୯(ଶରତ ରାଉତ)

ପାରାଦୀପ ଅଠରବାଙ୍କୀପାଖ କଂସାରୀ ପାଟିଆ ମତ୍ସ୍ୟଡ଼ିଆ ନଦୀରେ ମଙ୍ଗଳବାର ପୁଣି ଅଘଟଣ ଘଟିଛି। ହାଇସ୍କୁଲରେ ପଢୁଥିବା ଜଣେ ଛାତ୍ରୀ ସ୍କୁଲ ଛୁଟି ପରେ ଓଭରବ୍ରିଜରୁ ନଦୀକୁ ଡେଇଁ ପଡିଥିଲେ। ସେଠାରେ ଥିବା ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ରାତି ୮ଟାରେ ସମ୍ପୃକ୍ତା ନାବାଳିକା ଘରକୁ ଫେରିଥିବା ସୂଚନା ମିଳିଛି। ଅପରପକ୍ଷେ ସେ ନଦୀକୁ ଡେଇଁବାର କାରଣ ଜଣାପଡ଼ିନାହିଁ। ପୋଲିସ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ରବିବାର ଜଣେ ଛାତ୍ରୀ ସମାନ ଜାଗାରେ ନଦୀରେ ଭାସି ଯାଇଥିଲେ। ପରେ ତାଙ୍କର ମୃତଦେହ ମିଳିଥିଲା।

## ନିଷ୍ଠାବାନ ରହିଲେ ସଫଳତା ମିଳିବ

ପାରାଦୀପ,୫।୯(ଶରତ ରାଉତ)

ପାରାଦୀପ ମଧୁବନ ସାଗରିକା କଳାନିକେତନ ପରିସରରେ ମଙ୍ଗଳବାର ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ପ୍ରଫୁଲ୍ଲ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳା ସଂସ୍କୃତି ଉପରେ ଶିକ୍ଷାଦାନ କରୁଥିବା ଗୁରୁଙ୍କୁ ପୂଜା କରାଯାଇଥିଲା। ଏହି ଅବସରରେ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ପୁରାତନ ଛାତ୍ରୀଛାତ୍ର ଶୁଭଶ୍ରୀ ବେଉରା, ମିଲି ବିଶ୍ୱାଳ, ସନ୍ଧ୍ୟାରାଣୀ ଦାସ, ସ୍ମୃତିକାନ୍ତ ଶର୍ମା ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ହେଉଛି ଅନାବିଳ ବୋଲି ମତବ୍ୟକ୍ତ କରିଥିଲେ। ନିଷ୍ଠାବାନ ଓ ପରିଶ୍ରମୀ ଛାତ୍ରୀଛାତ୍ର କେବେହେଲେ ଜୀବନରେ ହାରିବେ ନାହିଁ ବୋଲି ଗୁରୁ ନୀରୋଜ ପଟ୍ଟନାୟକ କହିଥିଲେ।

# ୩ ଭାଲୁ ହାବୁଡ଼ରେ ଜଣେ ଯୁବକ

**ଆକ୍ରମଣ କରି କ୍ଷତବିକ୍ଷତ କଲେ**

ନୀଳଗିରି, ୫।୯(ପ୍ରଶାନ୍ତ ବିଶ୍ୱାଳ)



ଭାଲୁ ଆକ୍ରମଣରେ ଆହତ ଯୁବକ।

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଭାଲୁ ଆକ୍ରମଣ କରିବା ନିତିଦିନିଆ ଘଟଣା ହୋଇଛି। ମଙ୍ଗଳବାର ଭୋର ସମୟରେ ଜାମୁଡ଼ିହା ପଞ୍ଚାୟତ କେଶୁରା ଗ୍ରାମର ଭାସ୍କର ଦଳେଇ ଶୌଚ ପାଇଁ ଗାଁ ମୁଣ୍ଡକୁ ଯାଉଥିବା ବେଳେ ଶିବ ମନ୍ଦିର ନିକଟରେ ୩ ଭାଲୁ ଅତର୍କିତ ଆକ୍ରମଣ କରିଥିଲେ। ଭାଲୁ ଆକ୍ରମଣରେ ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ବେଳେ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ୩ଟି ଭାଲୁ ମଧ୍ୟରେ ମା' ଭାଲୁ ସହ ୨ଟି ଛୁଆ ଭାଲୁ ଥିଲେ। ଭାସ୍କର ଭାଲୁଙ୍କ ସହ ଏକାକୀ କିଛି ସମୟ ଲଢ଼ିବା ସହ ଜୋର୍‌ରେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ। ଫଳରେ ଭାଲୁଗୁଡ଼ିକ ଜଙ୍ଗଲ ଆଡ଼କୁ ପଳାଇଥିଲେ। ପରିବାର ଲୋକେ ତାଙ୍କୁ କ୍ଷତାକ୍ତ ଦେଖି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ।

## ବ୍ରହ୍ମାକୁମାରୀ ପାଠଶାଳା ପାଇଁ ବାସଗୃହ ଦାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର, ୫।୯

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୀର୍ତ୍ତନପୁର ଗ୍ରାମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାଶ ଓ ସିତୟା ଦାଶଙ୍କ ପୁତ୍ର ଇଞ୍ଜିନିୟର ବି.କେ ପ୍ରଭୁ ପ୍ରସାଦ ଦାଶ ଓ ତିନି ଝିଅ ପ୍ରିୟମ୍ବଦା ନନ୍ଦ, ପ୍ରଣତି ନନ୍ଦ ଓ ପ୍ରିୟଦର୍ଶନୀ ଦାଶ ନିଜର ୧୦ ବଖରା କୋଠରିବିଶିଷ୍ଟ ୪୦୦୦ ବର୍ଗଫୁଟର ପୈତୃକ ବାସଭବନକୁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟକୁ ଦାନ କରିଛନ୍ତି। ଉକ୍ତ ବାସଗୃହରେ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ଏକ ପାଠଶାଳା ଉନ୍ମୋଚନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସବ୍‌ଜୋନ ସହ ସଞ୍ଚାଳିକା ବି.କେ ସୁଲୋଚନା, ଜଗତ୍‌ସିଂହପୁରର ମୁଖ୍ୟ ସଞ୍ଚାଳିକା ବି. କେ ସାଗରିକା, ଶିକ୍ଷାବିତ୍ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ନାୟକ, ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଇଞ୍ଜିନିୟର ଦାଶ ଓ ତାଙ୍କ ପରିବାରକୁ ପ୍ରଶଂସା କରିଥିଲେ। ସଭାରେ ପ୍ରାକ୍ତନ ସରପଞ୍ଚ ବିଜୟ କୁମାର ମହାନ୍ତି ଓ ମୃଣ୍ମୟ କୁମାର ସ୍ୱାଇଁ, ନିରଞ୍ଜନ ପଣ୍ଡା, କରୁଣାକର ସ୍ୱାଇଁ, ଗୋପାଳ ଭାରତୀ ଓ ଦୁର୍ଯ୍ୟୋଧନ ବଳଙ୍କ ସମେତ ଗ୍ରାମବାସୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଇଞ୍ଜିନିୟର ଦାଶ ସଞ୍ଚାଳନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।





ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# ୬ ଦଫା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ତିର୍ତ୍ତୋଲ, ୫।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଛାତ୍ର କଂଗ୍ରେସ ତରଫରୁ ଜିତେଗା ବିଦ୍ୟାର୍ଥୀ ଜିତେଗା ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬ ଦଫା ଦାବି ନେଇ ଛାତ୍ର କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଡାକରାରେ ଓ କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବହୁ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଫଳରେ ବିଦ୍ୟାର୍ଥୀମାନେ ତାଙ୍କ ଗଣତାନ୍ତ୍ରିକ ଅଧିକାର ହରାଇଛନ୍ତି। ଏନେଇ ତୁରନ୍ତ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରାଇବା ସହ ଆଦିକବି ସାରଳା ଦାସ ମହାବିଦ୍ୟାଳୟରେ ପ୍ରଶିକ୍ଷକ ଓ ଅଣପ୍ରଶିକ୍ଷକ ପଦବୀ ପୂରଣ କରିବାକୁ ଦାବି କରାଯାଇଥିଲା। ଏଥିସହ ଦୀର୍ଘ ବର୍ଷ ହେବ ମହାବିଦ୍ୟାଳୟର ଅଡିଟୋରିୟମ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି, ବାଳିକା ହଷ୍ଟେଲ ନିର୍ମାଣ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ କ୍ୟାଣ୍ଟିନ ଚାଲୁନାହିଁ ଆଦି ଅଭିଯୋଗ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର କଲେଜ ଅଧକ୍ଷ ସଦାଶିବ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ଅଧକ୍ଷ ସାହୁ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ପରିଜା, ଆଦିକବି ସାରଳା ଦାସ ମହାବିଦ୍ୟାଳୟର କ୍ୟାମ୍ପସ କମିଟି ସଭାପତି ଅଜୟ କୁମାର ସ୍ୱାଇଁ, ଜିଲା ଛାତ୍ର କଂଗ୍ରେସ ଉପ ସଭାପତି ସୁଶୀଲ ଦାଶ, ସୌମ୍ୟ ରଞ୍ଜନ ରାୟ, ସମ୍ପଦ ପଲେଇ, ଖିତିଶ୍ରୀ ଦାସ, ଗୋବିନ୍ଦ ରାଉତ, ରାଜେନ୍ଦ୍ର ନାୟକ, ସରୋଜ ସୂତାର ଯୋଗ ଦେଇଥିଲେ।

# ମାଣ୍ଡିଆରେ ଅନେକ ପୁଷ୍ଟିକାରକ ଉପାଦାନ ରହିଛି

ଜଗତ୍‌ସିଂହପୁର, ୫।୯ (ପ୍ରମୋଦ କୁମାର ନାୟକ)





ଆଲୋଚନାଚକ୍ରରେ ଭାଗନେଇଥିବା ଅତିଥି ଓ ଅନ୍ୟମାନେ।

**ନାଉଗାଁରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର**

ନୂଆଦିଲ୍ଲୀସ୍ଥିତ ଜାତୀୟ ବିଜ୍ଞାନ କେନ୍ଦ୍ର ତରଫରୁ ମିଲେଟ୍‌ସ ଏ ସୁପର ଫୁଡ ଅର୍ ଏ ଡାଏଟ୍ ଫାଡ୍ ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର ଚଳିତ ବର୍ଷ ଦେଶବ୍ୟାପୀ ଚାଲିଛି। ଏହି ଅନୁଯାୟୀ ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ପ୍ରସଙ୍ଗକୁ ନେଇ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାମଦେବ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କମଳଲୋଚନ ନାୟକ, ଗଙ୍ଗାଧର ବିଶ୍ୱାଳ, ରଶ୍ମିରଞ୍ଜନ ମଲ୍ଲିକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପବିତ୍ର କୁମାର ମଞ୍ଚନ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ମାଣ୍ଡିଆରେ ଥିବା ପୁଷ୍ଟିକାରକ ଉପାଦାନ ଓ ଏହାର ଉପକାରିତା ଉପରେ ବୁଝାଇଥିଲେ। ପିଲାମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ଦ୍ୱାରା ଚିନ୍ତା ଓ ଚେତନାର ପରିସ୍ଫୁଟନ ହୋଇଥାଏ ବୋଲି କହିଥିଲେ। ଏଥିରେ ନାଉଗାଁ ବ୍ଲକର ୧୨ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ତିରୁଣାସ୍ଥିତ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅନୁଷ୍କା ସ୍ୱାଇଁ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଜିଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ପାଇଁ ମନୋନୀତ ହୋଇଥିଲେ। ତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ନାଉଗାଁସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧାପକ ରମେଶ ଚନ୍ଦ୍ର ଦାଶ ଏବଂ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧାପିକା ବିଜୟିନୀ ପଢ଼ିଆରୀ ଯୋଗଦେଇ ମୂଲ୍ୟାୟନ ସହ ଉପସ୍ଥିତ ଛାତ୍ରୀଚାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ତଥା ଏନ୍‌ସିସି ଅଫିସର ଅମୂଲ୍ୟ କୁମାର ମିଶ୍ର ଏହି ଆଲୋଚନାକୁ ପରିଚାଳନା କରିଥିଲେ। ବୈଷୟିକ ସହାୟତା ପାଇଁ ସୁଧୀର କୁମାର ବେହେରା, ଲିଙ୍ଗରାଜ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ବିଜ୍ଞାନ ଶିକ୍ଷକ ଅମ୍ବିକା ପ୍ରସାଦ ସାହୁ ଓ ପ୍ରିତିରଞ୍ଜନ ସାହୁ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବତୀଙ୍କ ମୃତ୍ୟୁ

ପୋଲସରା, ୫।୯(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଜା ଡେଙ୍ଗାପଦର ଗ୍ରାମରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଭାଲୁ ସ୍ୱାଇଁଙ୍କ ଝିଅ ସଙ୍ଗୀତା (୨୧)ଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ବାପା ମା' ଜମିକୁ ଚାଷ କରିବାକୁ ଯାଇ ଥିବା ସମୟରେ ଘରେ କେହି ନ ଥିବା ବେଳେ କୌଣସି କାରଣରୁ ସଙ୍ଗୀତା ରଶି ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପଡ଼ୋଶୀ ଝରକା ବାଟେ ସଙ୍ଗୀତା ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରି ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ସଙ୍ଗୀତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲସରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ଧରାକୋଟ, ୫।୯(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାତୀୟ ରାଜପଥ ୫୯ ଉପରେ ରହିଥିବା ତାଳ ପାଟଣା ଛକଠାରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତାଳ ପାଟଣା ଛକ ହେଉଛି ତିନିଟି ପଞ୍ଚାୟତର ସଙ୍ଗମ ସ୍ଥଳୀ। ଏହି ଛକ ଉପରେ ଜାହାଡା, ଜଗମୋହନ ଓ ଧରାକୋଟ ପଞ୍ଚାୟତର ଲୋକେ ପ୍ରତିଦିନ ଏଠାରୁ ବ୍ରହ୍ମପୁର, ସୋରଡା, ଭଞ୍ଜନଗର, ବାଲିଗୁଡା, ଭୁବନେଶ୍ୱର ଯିବା ପାଇଁ ଅପେକ୍ଷା କରିଥାନ୍ତି। କିନ୍ତୁ ଯାତ୍ରୀ ବିଶ୍ରାମାଗାରଟିଏ ନ ଥିବା ଯୋଗୁ ଲୋକେ ଖରା, ବର୍ଷା, ଶୀତ, କାକରରେ ପଦାରେ ବସି ରୁହନ୍ତି। ଅନ୍ୟପଟରେ ରାଜପଥ ଉପରେ ଛକଟି ରହିଥିବାରୁ ଉଠା ବେପାର ଏଠାରେ ବେଶ୍ ଜମେ । ଏଣୁ ଏଠାରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଦାବି ହେଉଛି।

### ଋଷିକୁଲ୍ୟାକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଗଞ୍ଜାମ,୫।୯(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦର ପୁର ଋଷିକୁଲ୍ୟା ରେଳପୋଲ ନିକଟରେ ନଦୀକୁ ଡେଇଁ ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେଠାରେ ଉପସ୍ଥିତ ଦୁଇ ଜଣ ଯୁବକ ତାଙ୍କୁ ଉଦ୍ଧାର କରିଥିଲେ। ମହିଳା ଜଣଙ୍କ ବିରିପୁର ଗ୍ରାମର ବୋଲି ଜଣାପଡ଼ିଛି। ସେ ଆସିକା ନିକଟସ୍ଥ ବରଗାଁରେ ବିବାହ କରିଥିଲେ। ସେ ହୁମ୍ମାରେ କିଛି ମାସ ରହିବା ପରେ ପୁରୀ ଚାଲିଯାଇଥିଲେ। ପୁରୀରେ ଏକ ଆଶ୍ରମରେ ରହି ଆସୁଥିଲେ। ସୋମବାର ରାତ୍ରରେ ସେ ପୁରୀରୁ କୌଣସି ଟ୍ରେନରେ ଆସି ଛତ୍ରପୁର ଷ୍ଟେସନରେ ଓହ୍ଲାଇ ବିରିପୁର ଗ୍ରାମରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ।

### ଏସ୍ଏସ୍‌ବି ଅଧ୍ୟାପକଙ୍କ କଳାବ୍ୟାଜ୍ ପରିଧାନ

ବୁଗୁଡ଼ା,୫।୯(କାଳି ଚରଣ ଦାଶ):

ବୁଗୁଡା ପିପୁଲ୍ସ କଲେଜର ୧୧ ଜଣ ଏସ୍ଏସ୍‌ବି ଅଧ୍ୟାପକ ସେମାନଙ୍କ ଗ୍ରେଡ୍ ପେ ୪୬୦୦ ଟଙ୍କାରୁ ୫୪୦୦ ଟଙ୍କାକୁ ପରିବର୍ତ୍ତନ ପାଇଁ ଥିବା ଦୀର୍ଘ ଦିନର ଦାବି ପୂରଣ ପାଇଁ କଳାବ୍ୟାଜ୍‌ପରିଧାନ କରିଛନ୍ତି। ଯଦିଆଗାମୀ ୭ ଦିନ ମଧ୍ୟରେ ସରକାର ଅଧ୍ୟାପକଙ୍କ ଦାବି ପୂରଣ ନ କରନ୍ତି ତେବେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି। ପ୍ରଦୀପ କୁମାର ଦାଶ, ଆତ୍ମପ୍ରକାଶ ନାୟକ, ଅଜୟ କୁମାର ସାହୁ, ଦିନେଶ ଚୌଧୁରୀ, ସନ୍ଧ୍ୟାରାଣୀ ସାହୁ, ଦିଲ୍ଲୀପ କୁମାର ସାହୁ, ଦୁଷ୍ମନ୍ତ ପ୍ରଧାନ, କିଶୋର ଚନ୍ଦ୍ର ଶବର, ସସ୍ମିତା ସାମନ୍ତରାୟ, ବିନୋଦ କୁମାର କର ଓ ଶ୍ରୀକୃଷ୍ଣ ମଣ୍ଡଳ ସାମିଲ୍ ହୋଇଥିଲେ।

### ଷ୍ଟୁଡେଣ୍ଟସ୍ ସେମିନାର

ବୁଗୁଡ଼ା,୫।୯(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ଷ୍ଟୁଡେଣ୍ଟ-ଟିଚର ରିଲେସନସିପ୍ ଇନ୍ ଦ ପ୍ରେଜେଣ୍ଟ ସିନାରିଓ' ଶୀର୍ଷକ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପକ ଆତ୍ମପ୍ରକାଶ ନାୟକ, ହିମାଂଶୁ ଶେଖର ରଥ ଓ ଦିନେଶ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ଯଶୋଧାରା ପ୍ରଧାନ ପ୍ରଥମ , ରାଜଲକ୍ଷ୍ମୀ ନନ୍ଦ ଦ୍ୱିତୀୟ, ରୋଜାଲି ସାସମଲ ଓ ଉର୍ମିଳା ମହାନ୍ତି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପ୍ରଶଂସିତ ହୋଇଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଧସିଲା ବାଘ ନଦୀ ବିଜୁ ସେତୁ ଗାର୍ଡ ୱାଲ୍

## ନିମ୍ନ ମାନର କାର୍ଯ୍ୟ ଅଭିଯୋଗ

ଫିରିଙ୍ଗିଆ ୫।୯(ବିକ୍ରମ ଦିଗାଲ)

ସରକାର ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କାର୍ଯ୍ୟ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ଯନ୍ତ୍ରୀ କି ଠିକାଦାର ମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅନେକ ଜାଗାରେ ରାସ୍ତା ଫାଟି ଆଁ କଲାଣି ତ କେଉଁଠି ବର୍ଷାରେ ଗାର୍ଡ ୱାଲ ଭାଙ୍ଗି ପଥର ଖସି ରାସ୍ତା ଧୋଇ ଗଲାଣି । ଏହା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ଡାଙ୍ଗଡ଼ିକିଆ ନିକଟରେ ବାଘ ନଦୀରେ ଗ୍ରାମ୍ୟ ନିର୍ମାଣ ବିଭାଜନ ଫୁଲବାଣୀ ଦ୍ୱାରା ତିଆରି କରାଯାଇଥିବା ପୋଲରେ । ଏହି ପୋଲ ୨୦୨୦ରେ ନିର୍ମାଣ କରାଯାଇଥିବା ବେଳେ ୨୦୨୦ ଡିସେମ୍ବରରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଫଳକରେ ଲେଖା ଅଛି। କିନ୍ତୁ କାର୍ଯ୍ୟର ପ୍ରଥମ ବର୍ଷରୁ ବିଜୁ ସେତୁର ଉଭୟ ପଟ ନିମ୍ନ ମାନର ୱାଲ ଓ ପଥର ପିଚିଂ କରାଯାଇଥିବାରୁ ବର୍ଷାରେ ଧୋଇ ହୋଇ ନଷ୍ଟ ହୋଇଯାଇଛି। ପୂର୍ବରୁ କମ କିଛି ଧୋଇ ହୋଇ ଥିବା ବେଳେ ଚଳିତ ବର୍ଷ ବର୍ଷାରେ ପୋଲର ତଳୁ ମଧ୍ୟ ମାଟି ପଥର ଧୋଇ ହୋଇଯାଇଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟ କରା ଯାଇନଥିବା ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏଭଳି କାର୍ଯ୍ୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ହୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳର କିଛି ବରିଷ୍ଠ ବ୍ୟକ୍ତି । ଏହିବିଜୁ ସେତୁ ଉପରେ ଡାଙ୍ଗଡ଼ିକିଆ, କୁଚିବାରୀ, ଜୟଲମ୍ବା, ଗୁରୁପଡା, ଭଳି ୬ ରୁ ୮ ଟି ଗାଁ ଏହି ଯାତାୟାତ କରୁଥିବାରୁ ଏହି ସମସ୍ୟା ନେଇ ଜିଲାପାଳଙ୍କୁ ଜଣାଇବୁ ବୋଲି ସମ୍ପୃକ୍ତ ଗାଁବାସୀ କହିଛନ୍ତି। ତେବେ ଏହି ବିଜୁ ସେତୁରେ ଅଟକାଳ ମୂଲ୍ୟ ୨ କୋଟି ୧୭ ଲକ୍ଷ୍ୟ ୨୫ ହଜାର ଟଙ୍କା ବ୍ୟୟ କରାଯାଇଥିବା ଫଳକରେ ଲେଖା ଥିବା ବେଳେ ଏଭଳି ନିମ୍ନ ମାନର କାର୍ଯ୍ୟକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି । ଏନେଇ ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ନଷ୍ଟ ହୋଇଥିବା ସ୍ୱୀକାର କରିଥିବା ବେଳେ ଦାଇତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏସଡିଓ ସୁଶୀଲ କୁମାର ମହାନ୍ତି ପୁଣିଥରେ ଏହିକାର୍ଯ୍ୟ କରିବାକୁକହିଛନ୍ତି ।



ଧରିଯାଇଥିବା ବିଜୁ ସେତୁ ଗାର୍ଡ ୱାଲ୍।

# ବନ୍ଧୁକ ଜବତ, ୭ ଅଟକ

## ଗୋଷ୍ଠୀ ସଂଘର୍ଷରେ ୨ ମୃତ ଘଟଣା

କବିସୂର୍ଯ୍ୟନଗର, ୫।୯(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ସୁନାରିଖୋଲା ପଙ୍କଲ ବାଡିରେ ସୋମବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ମିଥୁନ ଭୂୟାଁ ଓ ଲିପୁନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ମିଥୁନଙ୍କ ମା' ସଞ୍ଜୁ ଭୂୟାଁଙ୍କ ଏତଲା ଅନୁଯାୟୀ କବିସୂର୍ଯ୍ୟନଗର ପୋଲିସ କେଶ ନଂ ୫୪୦ ପ୍ରକାରେ ୭ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମିଥୁନଙ୍କ ମା' ସଞ୍ଜୁଙ୍କ ଅଭିଯୋଗ ପ୍ରକାରେ, ଗତ ତିନି ବର୍ଷ ତଳେ ମିଥୁନ ଡିଜେ ରଖି ବେପାର ଆରମ୍ଭ କରିଥିଲା । କୌଣସି କାରଣରୁ ଜାନକୀ ଭୂୟାଁ ପରିବାର ସହ କଳହ ହୋଇଥିଲା। ମିଥୁନ ବିଭିନ୍ନ ବ୍ୟବସାୟ ସହ ଠିକାଦାର କାମ କରେ। ଗତ ଦୁଇ ମାସ ତଳେ ଜାନକୀ ଭୂୟାଁ ଓ ତାଙ୍କ ପୁଅ ମାନସ କୌଣସି ଏକ କେଶରେ ଫେରାର ଥିଲେ। ଜାନକୀ ଜେଲରୁ କିଛିଦିନ ତଳେ ବେଲରେ ଆସିଥିଲା। ସୋମବାର ଜାନକୀଙ୍କ ପୁତୁରାକୁ ଲିପୁନ ସ୍ୱାଇଁ ମାଡ଼ ମାରିଥିଲେ। ଏହାକୁ କେନ୍ଦ୍ରକରି ମିଥୁନ ଗାଁରେ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କରିଥିଲା। ପଙ୍କଲବାଡି ୟୁପି ସ୍କୁଲ ଛକରେ ଗୋଟିଏ, ସୁନାରିଖୋଲା ତିନି ଛକିଆରେ ଓ ଜାନକୀଙ୍କ ଘର ସାମନାରେ ଫାଙ୍କା ଗୁଳିଚାଳନା କରି ଆତଙ୍କ ସୃଷ୍ଟି କରିଥିଲା । ଏହା ପରେ ଜାନକୀ ଓ ଭାଇ ରୋହିତ ଏବଂ ସହଯୋଗୀ ମିଶି ଖଣ୍ଡା, ଠେଙ୍ଗା ଆଦି ମାରଣାସ୍ତ୍ରରେ ମିଥୁନଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଜାନକୀଙ୍କ ଘର ଆଗରେ ରକ୍ତ ପଡ଼ିଥିବା ସହ ଘର କାନ୍ଥରେ ରକ୍ତ ଛିଟା ଲାଗିଥିବା ଦେଖିବାକୁ ମିଳିଛି । ମିଥୁନ ଓ ତାର ଶଳାକୁ ମଧ୍ୟ ମାରଣାସ୍ତ୍ରରେ ମାରିଥିଲେ। ଦୁଇଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ପୋଲିସ ଖବର ପାଇ ମିଥୁନ, ଲିପୁନ, ରୋହିତ, ଜାନକୀଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଗୁରୁତର ମିଥୁନ ଓ ଲିପୁନଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୭ଜଣଙ୍କୁ ଅଟକ ରଖିବା ସହ ଏକ ପିସ୍ତଲ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ କରିଥିବା ଆଇଆଇସି ପ୍ରଭାତ ସାହୁ ଓ ଏସଆଇ ବିକାଶ କୁମାର ସାମଲ କହିଛନ୍ତି।

# ଜାତୀୟ କର୍ମଶାଳାରେ ଯୋଗଦେଲେ ଚିନିଶିଳ୍ପ ସଭାପତି

ଆସିକା,୫।୯(ସୁରେନ୍ଦ୍ର ନାଥ ସାହୁ)

ଜାତୀୟ ସମବାୟ ମହାସଂଘର ଜାତୀୟ ସମବାୟ ଶିକ୍ଷା ସଂସ୍ଥା ପକ୍ଷରୁ ଦିଲ୍ଲୀଠାରେ ଚାଲିଥିବା ୩ ଦିନିଆ କର୍ମଶାଳାରେ ଆସିକା ସମବାୟ ଚିନିଶିଳ୍ପର ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଯୋଗ ଦେଇଛନ୍ତି। କର୍ମଶାଳାରେ ତାଙ୍କ ସହ ଚିନିଶିଳ୍ପ ଡାଇରେକ୍ଟର ରତ୍ନାକର ସାହୁ, ଶରତ ପ୍ରଧାନ, ଧର୍ମୁ ପ୍ରଧାନ, ଶତ୍ରୁଘନ ଭୂୟାଁ ଓ ନିରଞ୍ଜନ ପ୍ରଧାନ ମଧ୍ୟ ସାମିଲ ହୋଇଛନ୍ତି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ସମବାୟ ଚିନିଶିଳ୍ପ ପରିଚାଳନା ଓ ନେତୃତ୍ୱ ଦକ୍ଷତା ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟରୁ ପଣ୍ଡାଙ୍କ ନେତୃତ୍ୱରେ କେବଳ ଏହି ପ୍ରତିନିଧି ଦଳ ପ୍ରତିନିଧିତ୍ୱ କରୁଥିଲା ବେଳେ ଆଗାମୀ ଦିନରେ ଏହି କର୍ମଶାଳା ଚିନିଶିଳ୍ପର ପରିଚାଳନାରେ ଅଧିକ ଉପଯୋଗୀ ହେବ ବୋଲି ଆଶା କରାଯାଇଛି।

# ମତଭେଦକୁ ଭୁଲି ଏକାଠି ହେବାକୁ ଆହ୍ୱାନ

## ଭାଜପା ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ

ଗଞ୍ଜାମ,୫।୯(ବିଦ୍ୟାଧର ସାହୁ):

ଗଞ୍ଜାମ ସହର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଭାରତୀୟ ଜନତା ପାର୍ଟିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଅନୁସୂଚିତ ଜାତି ସମ୍ପାଦକ କୀର୍ତ୍ତନ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବ ଓ ବୁଥସ୍ତରରେ କିପରି ଦଳର ସଙ୍ଗଠନ ମଜବୁତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ହୁମ୍ମା ମଣ୍ଡଳ କମିଟି ଗଠନ କରାଯାଇଥିଲା। ସମସ୍ତ ମତାନ୍ତର ଓ ମନାନ୍ତର ଭୁଲି ଆଗାମୀ ୨୦୨୪ ନିର୍ବାଚନରେ ଏକତ୍ରିତ ହୋଇ କାର୍ଯ୍ୟକରିବା ପାଇଁ ମତ ପ୍ରକାଶ ପାଇଥିଲା। ଭାଜପା ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁବାଷ ଚନ୍ଦ୍ର ସାହୁ, ଛତ୍ରପୁର ନିର୍ବାଚନ ମଣ୍ଡଳୀ ନେତା ପ୍ରଶାନ୍ତ କୁମାର କର, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଜିଲା ଉପସଭାପତି ରଶ୍ମିରାଣୀ ମହାପାତ୍ର, ଜିଲା ସମ୍ପାଦକ ଭୀମସେନ ବେହେରା, ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିସ୍ତାରକ ଆଲୋକ ମହାନ୍ତି, ରାଜ୍ଜ୍ୱ ସଂଯୋଜକ ବିଜୟ ମୁଦୁଲି, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ଗଞ୍ଜାମ ଜିଲା ସଂଯୋଜକ ବସନ୍ତ କୁମାର ବେହେରା, ପୂର୍ବତନ ଗଞ୍ଜାମ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ନାହାକ, ପୂର୍ବତନ ଗଞ୍ଜାମ ନଗର ସଭାପତି କାନ୍ତାରୀ ଦଳେଇ, ଗଞ୍ଜାମ ମଣ୍ଡଳ ସଭାପତି ଗୁରୁଚରଣ ରାଉଳ, ହୁମ୍ମା ମଣ୍ଡଳ ସଭାପତି ତଥା ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ଭିକାରୀ ପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡା, ବଳରାମ ନାହାକ, ସୁମନ୍ତ ଦାସ, ସୌରଭ ମିଶ୍ର, ବିମ୍ବା ବେହେରା, ମାନସ ନାହାକ, ରମାକାନ୍ତ ନାହାକ, ରୋହିତ ନାହାକ, ମୃତ୍ୟୁଞ୍ଜୟ ତରାଇ ପ୍ରମୁଖ ବିଭିନ୍ନ ପଞ୍ଚାୟତର ନେତା ଉପସ୍ଥିତ ରହିଥିଲେ। ଶେଷରେ ଆଇନଜୀବୀ ଚୈତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



### ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ

ଦାରିଙ୍ଗବାଡି, ୫।୯ (ଅରୁଣ ସାହୁ)

ଦାରିଙ୍ଗବାଡି ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ଏବଂ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ମନସ୍ୱିନୀ ତ୍ରିପାଠୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ବଡ଼ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁଦିବସ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ବୁଦ୍ଧଦେବ ସାହୁଙ୍କୁ ଶ୍ରେଷ୍ଠ ଗୁରୁ ଭାବେ ସମ୍ମାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟା ରାପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିଲେ। ଦାରିଙ୍ଗବାଡି ବ୍ଲକ ସଭା ଗୃହରେ ବ୍ଲକ ସ୍ତରୀୟ ଗୁରୁଦିବସରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ବିଇଓ ରସାନନ୍ଦ କର, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ଶିକ୍ଷକ ସଙ୍ଘର ବ୍ଲକ ସଭାପତି ଯାମିନୀକାନ୍ତ ପତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ପ୍ରଧାନ ସଭା ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ପୂଜ୍ୟପୂଜା ସମାରୋହ

କବିସୂର୍ଯ୍ୟନଗର,୫।୯(କୃପାସିନ୍ଧୁ ସ୍ୱାଇଁ)

ପବିତ୍ର ଗୁରୁଦିବସ ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ପୂଜ୍ୟପୂଜା ସମାରୋହ ମହା ଆଡମ୍ବରରେ ସ୍ଥାନୀୟ ଶ୍ରୀମର୍ଦ୍ଦରାଜ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୪୭ଜଣ ଆଦର୍ଶ, କର୍ତ୍ତବ୍ୟନିଷ୍ଠ, ନିଷ୍ଠାବାନ ଓ ଛାତ୍ରବତ୍ସଳ ଶିକ୍ଷକ ଓ ସିଆର୍‌ସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଉଦ୍‌ଘାଟିକା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ମୁଖ୍ୟ ଅତିଥି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ମୁଖ୍ୟ ବକ୍ତା ପ୍ରାକ୍ତନ ଏବିଇଓ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ବିଇଓ ଅଭିମନ୍ୟୁ ସାହୁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ,ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ଏବିଇଓ ତବିନାରାୟଣ ବେହେରା, ଏଡିଇଓ ପବିତ୍ର ମୋହନ ସାହୁ, ଲକ୍ଷଣ ଜେନା ଓ ମାଧବ ଚନ୍ଦ୍ର ମାଝୀ ମଞ୍ଚାସୀନ ଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦଣ୍ଡପାଣି ଗୌଡ଼ଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦିବାକର ଶତପଥୀ, ସୀମାଞ୍ଚଳ ପାଣି, ଚିରଞ୍ଜିବି ସାହୁ ଓ ସମସ୍ତ ସିଆରସିସି ପରିଚାଳନା କରିଥିଲେ।

# ଜନ୍ମାଷ୍ଟମୀ ପାଳନ ପାଇଁ ଫ୍ଲାଗ୍‌ମାର୍ଚ୍ଚ, ପାଟ୍ରୋଲିଂ କଡ଼ାକଡ଼ି



ପୋଲିସର ଫ୍ଲାଗ୍‌ମାର୍ଚ୍ଚ ।

ଦାରିଙ୍ଗବାଡ଼ି, ୫।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଜନ୍ମାଷ୍ଟମୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ବ୍ରାହ୍ମଣୀଗାଁ ସମେତ ସିମନବାଡ଼ି, ଦାରିଙ୍ଗବାଡି, ବୁଡ଼ାଗୁଡା, ତିଲୋରୀ, କିରିକୁଟି, ବାଡ଼ାବାଙ୍ଗା, ଗ୍ରୀନବାଡ଼ି ଆଦି ଅଞ୍ଚଳରେ ରହିଥିବା ଭାଗବତ ଟୁଙ୍ଗି ଗୁଡ଼ିକରେ ଏହି ପର୍ବ ପାଳନ ପାଇଁ ପ୍ରସ୍ତୁତି କରାଯାଉଛି। ବୁଧବାର ଏହି ପର୍ବ ପାଳନ କରାଯିବା ସହ ଗୁରୁବାର ନନ୍ଦୋତ୍ସବ ପାଳନ କରାଯିବ। ଶାନ୍ତିଶୃଙ୍ଖଳାରେ ଅଞ୍ଚଳରେ ଏହି ପର୍ବ କିପରି ପାଳନ କରାଯିବ ସେ ନେଇ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଦାରିଙ୍ଗବାଡ଼ି ଥାନା ପକ୍ଷରୁ ଶତାଧିକ ସଶସ୍ତ୍ର ପୋଲିସବାହିନୀ ଥାନା ଅଧିକାରୀ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସହର ପରିକ୍ରମା କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଥିବା ଭାଗବତ ଟୁଙ୍ଗିଗୁଡ଼ିକରେ ପୋଲିସ ମୁତୟନ ହେବା ସହ ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରିଛନ୍ତି। ସେହିପରି ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚାପାଧାରୀ ପ୍ରଧାନଙ୍କ ନେତୃତ୍ୱରେ ମଧ୍ୟ ଏହି ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ୨୦୦୮ରେ ତୁମୁଡ଼ିବନ୍ଧ ଥାନା ଜଲେଶପଟା ଆଶ୍ରମରେ ଏହି ପର୍ବ ଚାଲିଥିବା ସମୟରେ ଦୁର୍ବୃତ୍ତମାନେ ଆଶ୍ରମର ମୁଖ୍ୟ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ଆଶ୍ରମର ଅନ୍ୟ ସହଯୋଗୀଙ୍କୁ ହତ୍ୟା କରିଥିଲେ। ସେହି ଦିନରୁ ଏହି ଦିବସ ପାଳନ ବେଳେ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।

# ସୁଧୁରୁନି ରାସ୍ତା ସମସ୍ୟା: ରୋଗୀ ହଇରାଣ

ମୋହନା,୫।୯(ମନ୍ମଥ ମିଶ୍ର)

ମୋହନା ବ୍ଲକରେ ବହୁ ଦୁର୍ଗମ ପଞ୍ଚାୟତର ଗ୍ରାମଗୁଡିକୁ ଏ ପର୍ଯ୍ୟନ୍ତ ଭଲ ରାସ୍ତା ଓ ପୋଲ ନିର୍ମାଣ ହୋଇପାରୁନି। ଅଞ୍ଚଳବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜିଲା ପଦାଧିକାରୀଙ୍କୁ ବିଭିନ୍ନ ସମୟରେ ଅଭିଯୋଗ ଜଣାଇ ଆସୁଥିଲେ ମଧ୍ୟ ଫଳ ଶୂନ। ଯଦ୍ୱାରା ରୋଗୀ, ଗର୍ଭବତୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସୋମବାର ଜଣେ ଗର୍ଭବତୀଙ୍କୁ ଅଧ କି.ମି. ଷ୍ଟ୍ରେଚରରେ ବୁହାଇ ନେବାକୁ ପଡ଼ିଛି। ମୋହନା ବ୍ଲକ ଡ଼େଙ୍ଗାସଖାଲ ପଞ୍ଚାୟତ ହାଡୁପଦର ଗାଁର ସସ୍ମିତା ନାୟକଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ସୋମବାର ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିଲା। ରାସ୍ତା ଭଲ ନ ଥିବାରୁ ଗାଁଠାରୁ ଅଧା କିମି ଦୂରରେ ଅଟକିଥିଲା। ଏହା ମଧ୍ୟରେ ଘରେ ସସ୍ମିତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଯାଇଥିଲା। ପରେ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ମନୋଜ କୁମାର ସାହୁ, ଡ୍ରାଇଭର ରମାକାନ୍ତ ମାଝୀ ଓ ହେଲପର ଜୟାବ ଶବରଙ୍କ ପ୍ରଚେଷ୍ଟା, ଗ୍ରାମବାସୀ ଓ ଆଶାଦିଦି କୁନି ନାୟକଙ୍କ ସହଯୋଗରେ ସସ୍ମିତାଙ୍କୁ ଅଧା କିମି ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ଯାଏଁ ଆଣିବା ପରେ ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଆଉ ଏକ କନ୍ୟା ସନ୍ତାନ ଜନ୍ମ ନେଇଛି। ମା' ଓ ୨ ଛୁଆ ସୁସ୍ଥ ଥିବା ଡାକ୍ତର ଗଜପତି ମଳିକ କହିଛନ୍ତି।

ଦୀର୍ଘ ବର୍ଷ ହେଲା ଗ୍ରାମଗୁଡିକର ଏଭଳି ସମସ୍ୟା ଲାଗି ରହିଥିବାରୁ ଆଗକୁ ଆସୁଥିବା ନିର୍ବାଚନରେ ଭୋଟ ବର୍ଜନ, ବ୍ଲକ ଘେରାଉ ଓ ରାଜରାସ୍ତା ଅବରୋଧ କରିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

# ଡାକ୍ତରଙ୍କ ବଦଳି ପ୍ରତିବାଦରେ ବିକ୍ଷୋଭ



ବିକ୍ଷୋଭ କରାଯାଉଛି।

ସୋରଡ଼ା,୫।୯(ଲମ୍ବୋଦର ପାଣିଗ୍ରାହୀ):

ବଡ଼ଗଡ଼ ସରକାରୀ ଡାକ୍ତରଖାନାର ଡାକ୍ତର ତରୁଣ ବିଶ୍ୱାଳଙ୍କ ବଦଳି ପ୍ରତିବାଦରେ ଅଞ୍ଚଳବାସୀ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଦଳ ମତ ନିର୍ବିଶେଷରେ ବଡ଼ଗଡ଼ ଅଞ୍ଚଳର ୧୨ଟି ପଞ୍ଚାୟତର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ରଥପଦାଠାରୁ ଏକ ଶୋଭାଯାତ୍ରାରେ ବାହାରି ଡାକ୍ତରଙ୍କ ବଦଳି ପ୍ରତ୍ୟାହାର ସ୍ଲୋଗାନ ଦେଇ ଡାକ୍ତରଖାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମେଡିକାଲ କର୍ମଚାରୀଙ୍କ କ୍ୱାର୍ଟର ନିର୍ମାଣ, ରୋଗୀ କଲ୍ୟାଣ ସମିତିର ସଠିକ ପରିଚାଳନା ଉପରେ ଦାବି କରିଥିଲେ। ବରିଷ୍ଠ ଯୁବ ନେତା ହରିକୃଷ୍ଣ ରଥ, ରାଧାମୋହନ ସ୍ୱାଇଁ, ବିଷ୍ଣୁ ଗନ୍ତାୟତ, ଦିଗାମ୍ବର ଆଚାର୍ଯ୍ୟ ପ୍ରମୁଖ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ।

# ପିଇଓଙ୍କୁ ଭେଟିଲେ ବିଧାୟକ

ପାରଳାଖେମୁଣ୍ଡି, ୫।୯ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଧାରଣା ଜାରି ରହିଛି। ମଙ୍ଗଳବାର ବିଧାୟକ କେ ନାରାୟଣ ରାଓ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ ବିଧାୟକଙ୍କୁ ସେମାନଙ୍କ ଦୁଇ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ସେମାନଙ୍କର ଦାବି ଉପରେ ତୁରନ୍ତ ପଦକ୍ଷେପ ନେଇ ଉଚିତ ବିଚାର କଲେ ଉନ୍ନୟନ କାର୍ଯ୍ୟ ଗୁଡିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଭାପତି ରାଜେନ୍ଦ୍ର କୁମାର ରଥ, ଉପ ସଭାପତି ମଧୁ ପୋଲାକି, ସମ୍ପାଦକ ସନ୍ତୋଷ କୁମାର ବାହାଦୂର ପ୍ରମୁଖ ଉପସ୍ଥିତ ଥିଲେ।



# ଋଷିକୁଲ୍ୟା କଂସାରି ଗଣ୍ଡରେ ନିର୍ମାଣ ହେବ ବ୍ୟାରେଜ

ଛତ୍ରପୁର, ୫।୯(ସନ୍ତୋଷ ପାଢ଼ୀ):

- ଖର୍ଚ୍ଚ ହେବ ୧୫୨ କୋଟି ୧୦ଲକ୍ଷ
- ୨୦୨୫ ଅକ୍ଟୋବର ୧୭ ସୁଦ୍ଧା ଶେଷହେବ।
- ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର ଲୋକେ ଉପକୃତ ହେବେ ।

ଗଞ୍ଜାମ ଜିଲା ଦେଇ ପ୍ରବାହିତ ଋଷିକୁଲ୍ୟା ନଦୀରେ କଂସାରି ଗଣ୍ଡ ଜଳ ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ୧୫୨ କୋଟି ୧୦ଲକ୍ଷ ବ୍ୟୟରେ ବରଦା ଗ୍ରାମ ନିକଟରେ ଏକ ଆନିକଟ ନିର୍ମାଣ କରାଯିବ। ୨୦୪ ମିଟର ଲମ୍ୱ ବିଶିଷ୍ଟ ଏହି ଆନିକଟ ନିର୍ମାଣ ୨୦୨୫ ଅକ୍ଟୋବର ୧୭ ସୁଦ୍ଧା ଶେଷହେବ। ଏହି ଆନିକଟ ହେଲେ ୧ଲକ୍ଷ ୫୨ହଜାର ୬ଶହ ଲୋକ ଉପକୃତ ହୋଇପାରିବେ। ଏହାର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷରେ ୨ କୋଟି ୫୦ ଲକ୍ଷ ଖର୍ଚ୍ଚ ବେ । ଏହାଦ୍ୱାରା ବନ୍ୟା ପରିସ୍ଥିତିରୁ ରକ୍ଷା, ଛତ୍ରପୁର ନିର୍ବାଚନ ମଣ୍ଡଳୀର ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ, ଛତ୍ରପୁର ଓ ଗଞ୍ଜାମ ଏନଏସି ସମେତ ବ୍ରହ୍ମପୁର ସହର ଲୋକଙ୍କୁ ବିଶୁଦ୍ଧ ପାଣି ମିଳିବ। ଏହାସହ ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ ଓ ପୁରୁଷୋତ୍ତମପୁର ବ୍ଲକର ୬୩୫ ହେକ୍ଟର କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା, ଭୂତଳ ଜଳସ୍ତର ଉନ୍ନତି ହୋଇପାରିବ। ମାଛ ଚାଷରେ ସହାୟକ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଥିଲା। ୨୦୧୯ରେ ବିଧାୟକ ଭାବେ ସୁବାସ ବେହେରା ନିର୍ବାଚିତ ହେବା ପରେ ବିଧାନସଭା ଅଧିବେଶନର ଶୂନ୍ୟକାଳରେ ଋଷିକୁଲ୍ୟା ନିକଟରେ ବ୍ରିଜ ଓ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ପାଇଁ ସ୍ୱର ଉଠାଇଥିଲେ। ଏହି ପ୍ରକଳ୍ପ ପାଇଁ ୯ ଜୁଲାଇ ୨୦୨୧ରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ଛତ୍ରପୁର ବ୍ଲକରେ ଅନୁଷ୍ଠିତ ଭିଡିଓ ଭିସି ଜରିଆରେ ୫-ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପ୍ରକଳ୍ପର ଅନୁମୋଦନ ପାଇଁ ଅନୁରୋଧ କରିଥିଲେ। ସେହି ସମୟରେ ୫-ଟି ସଚିବ ଭି.କେ ପାଣ୍ଡିଆନ ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ, ଯାହା ଏବେ ଏହା ଫଳପ୍ରଦ ହୋଇପାରିଛି ବୋଲି ବିଧାୟକ କହିଛନ୍ତି ।



## ସଂକ୍ଷେପରେ

### ସଚିବଙ୍କ ସଭା ସଫଳ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା

ବଡ଼ଚଣା,୫।୯ (ଦିଲୀପ କୁମାର ମହାନ୍ତି): ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସଭାକୁ ସଫଳ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ବଡ଼ଚଣା ଡାକ ବଙ୍ଗଳାଠାରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଟିମ୍ ବଡ଼ଚଣାର ମୁଖ୍ୟ ଆଦିତ୍ୟ ଶତପଥୀ, ସମସ୍ତ ସଦସ୍ୟ, ସମସ୍ତ ପଞ୍ଚାୟତର ପର୍ଯ୍ୟବେକ୍ଷକ, ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଜିଲା ପରିଷଦ ସଭ୍ୟା ସଭ୍ୟଙ୍କ ସମେତ ବହୁ ଛାମୁଆ ସଂଗଠକ ଯୋଗଦେଇଥିଲେ।

ଗତ ମାସ ୩୧ ତାରିଖରେ ପାଣ୍ଡିଆନ ବଡ଼ଚଣା ଆସି ମହାବିନାୟକ ପାଦଦେଶରେ ଏକ ଅଭିଯୋଗଗ୍ରହଣ ପ୍ରକୋଷ୍ଠରେ ଯୋଗଦେଇଥିଲେ। ଏହି ସମୟରେ ସେ ଜନସାଧାରଣଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ସହ ବଡ଼ଚଣାର ମନ୍ଦିର, ମସ୍‌ଜିଦ, ଗିର୍ଜା, ଶିକ୍ଷାକ୍ଷେତ୍ର, କୃଷିକ୍ଷେତ୍ର ଆଦିର ବିକାଶ ପାଇଁ ସଚିବ ବହୁ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଚଣା ବ୍ଲକ୍ ଅଧୀନ ୪୩ ପଞ୍ଚାୟତର ପୁରୁଷ ଓ ମହିଳାମାନେ ଯୋଗଦେଇ ଏହି ଅଭିଯୋଗ ପ୍ରକୋଷ୍ଠକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀ ପକ୍ଷରୁ ସମସ୍ତ ପଞ୍ଚାୟତର ଜନସାଧାରଣଙ୍କୁ ସଂଗଠିତ କରିବା ପାଇଁ ଦଳୀୟ ପର୍ଯ୍ୟବେକ୍ଷକ, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

### ପ୍ରତିଭା ଚୟନ କାର୍ଯ୍ୟକ୍ରମ

ପ୍ରୀତିପୁର,୫।୯ (ସୁଶାନ୍ତ ବେହୁରିଆ): ଗୁରୁଦିବସ ଅବସରରେ ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ ପକ୍ଷରୁ ପ୍ରତିଭା ଚୟନ କାର୍ଯ୍ୟକ୍ରମ କପିଳାସ୍ଥିତ ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ୟାରୀମୋହନ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଶିକ୍ଷକ ଦୀନବନ୍ଧୁ ସାହୁ, ରାମଚନ୍ଦ୍ର ନାୟକ, ଅକ୍ଷୟ କୁମାର ସେଠୀ, ହିତାଂଶୁ ସିଂ ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ପ୍ରାକ୍ତନ ସଭାପତି ରବି ନାରାୟଣ ସାମଲ, ସଭ୍ୟ ଅର୍ଜ୍ଜୁନ ଚରଣ ଦାଶ, ପ୍ରମୋଦ କୁମାର ସାମଲ, ଅଭୟ କୁମାର ଖୁଣ୍ଟିଆ, ପଞ୍ଚାନନ ଜେନା, ବିଜୟ କୁମାର ନାୟକ ପ୍ରମୁଖ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଉନ୍ନୀତ ଛାତ୍ରୀଛାତ୍ର ମନୋଜ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ଅଙ୍କିତା ପରିଡ଼ା, ମଧୁସ୍ମିତା ପଲାଇ, ସୌମ୍ୟଜିତ ବେହେରା ଓ ସୌଭାଗ୍ୟ ସାମଲଙ୍କୁ ଅତିଥି ଡ. ଚତୁର୍ଭୁଜ ସାହୁ, ପ୍ରଫୁଲ୍ଲ କୁମାର ବେହେରା ଓ ବାସୁଦେବ ମିଶ୍ର ପ୍ରମୁଖ ସମ୍ମାନିତ କରିଥିଲେ। କ୍ଲବ ସଭ୍ୟ ବିଦ୍ୟାସାଗର ବେହେରା ଧନ୍ୟବାଦ ଦେଇଥିଲେ।

# ଘର ନିର୍ମାଣ ସାମଗ୍ରୀ ଦର ଅହେତୁକ ବୃଦ୍ଧି

- ଚିନ୍ତାରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ
- ଗୃହ ନିର୍ମାଣ ଅଟକଳ ମୂଲ୍ୟ ବଢ଼ାଇବାକୁ ଦାବି




ରସୁଲପୁର,୫।୯ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ୨,୫୪୧ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ)କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସଦ୍ୟ ୨,୪୭୫ଜଣଙ୍କୁ ଗୃହ ନିର୍ମାଣ ବାବଦକୁ ପ୍ରଥମ କିସ୍ତି ମିଳିଛି। ଅବଶିଷ୍ଟ ୬୬ଜଣଙ୍କ କାଗଜପତ୍ରରେ ତ୍ରୁଟିଥିବାରୁ ପ୍ରଥମ କିସ୍ତି ବାବଦକୁ ୪୦ହଜାର ଟଙ୍କା ମିଳିପାରିନାହିଁ। ପ୍ରଥମ କିସ୍ତି ହାତେଇଥିବା ହିତାଧିକାରୀ ଘର ନିର୍ମାଣ ଆରମ୍ଭ କଲେଣି। ହେଲେ ଏବେ ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀର ଦର ଅହେତୁକ ବୃଦ୍ଧି ହିତାଧିକାରୀଙ୍କୁ ଚିନ୍ତାରେ ପକାଇଛି। ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଅର୍ଥରାଶିରେ ଘର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା କଷ୍ଟକର ବ୍ୟାପାର ବୋଲି ମନେହେଉଛି। ତେଣୁ ସରକାର ଗୃହ ନିର୍ମାଣର ଅଟକଳ ମୂଲ୍ୟ ବଢ଼ାଇବାକୁ ହିତାଧିକାରୀଙ୍କ ପକ୍ଷରୁ ଦାବି ହୋଇଛି।

ବାସହୀନ, କଚ୍ଚାଘର, ଚାଳିଆ, ଝୁମ୍ପୁଡ଼ି ଆଦି ଘରେ ବସବାସ କରୁଥିବା ପରିବାର ପାଇଁ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର, ମୋ କୁଡିଆ ଆଦି ଯୋଜନା ବନ୍ଦ ହୋଇଯିବା ପରେ କେନ୍ଦ୍ର ସରକାରଙ୍କ ଇନ୍ଦିରା ଆବାସ(ଏବେ ପ୍ରଧାନମନ୍ତ୍ରୀ ଆବାସ ନାମରେ ନାମିତ) ଯୋଜନାକୁ ହିତାଧିକାରୀ ଭରସା କରିଛନ୍ତି। ଆବାସ ଯୋଜନା ଘର ନିର୍ମାଣ ପାଇଁ ହିତାଧିକାରୀଙ୍କ ପିଛା ୧.୩୦ଲକ୍ଷ ଟଙ୍କା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପକ୍ଷରୁ ମଜୁରି ବାବଦକୁ ୨୨,୯୦୦ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଛି। ଏହି ଅର୍ଥରେ ଜଣେ ହିତାଧିକାରୀଙ୍କୁ ୨୭୫ ବର୍ଗଫୁଟର ଘର ନିର୍ମାଣ କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ଦିଆଯାଉଛି। ନିର୍ଦ୍ଧାରିତ ୪ମାସ ମଧ୍ୟରେ ଘର ନିର୍ମାଣ ଶେଷକଲେ ପ୍ରୋତ୍ସାହନ ରାଶି ବାବଦକୁ ୨୦ ହଜାର, ୬ ମାସ ମଧ୍ୟରେ ଶେଷକଲେ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ତେବେ ଦରଦାମ୍ ଅହେତୁକ ବୃଦ୍ଧି ଯୋଗୁ ଘର ନିର୍ମାଣରେ ମନ୍ଥରତା ଆସିଯାଇଛି। ଚଳିତ ମାସରେ ସିମେଣ୍ଟ ବସ୍ତା ୩୫ ଟଙ୍କା, ବାଲି ଟ୍ରାକ୍ଟର ପିଛା ୧୦୦୦ରୁ ଊର୍ଦ୍ଧ୍ୱ, ଗୋଟିଏ ଇଟା ପିଛା ୧ଟଙ୍କାରୁ ଊର୍ଦ୍ଧ୍ୱ ଓ ଲୁହାଛଡ଼ର ଦର ଆଗ ଅପେକ୍ଷା ବଢ଼ିବାରେ ଲାଗିଛି। ଦର ଆହୁରି ବଢ଼ିବା ସମ୍ଭାବନା ରହିଛି ବୋଲି ବ୍ୟବସାୟୀମାନେ ମତବ୍ୟକ୍ତ କରୁଛନ୍ତି। ଏଭଳିସ୍ଥିତିରେ ଘର ନିର୍ମାଣ କରିବାକୁ ହିତାଧିକାରୀ ପଛଘୁଞ୍ଚା ଦେଉଛନ୍ତି। ଯଦିବା ଘର ନିର୍ମାଣ କାର୍ଯ୍ୟ ଜାରି ରଖିନ୍ତି, ତେବେ ନିର୍ଦ୍ଧାରିତ ଅର୍ଥରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ରାଜମିସ୍ତ୍ରିଙ୍କ ଆକଳନ ଅନୁଯାୟୀ ବର୍ତ୍ତମାନ ଦରଦାମ ଆଧାରରେ ଏକ ବାସ ଉପଯୋଗୀ ଘର ନିର୍ମାଣ ପାଇଁ ୧ ବର୍ଗଫୁଟ ପିଛା ୧୦୦ ଟଙ୍କା ଖର୍ଚ୍ଚ ହେବ। ସେହି ହିସାବରେ ୨୭୫ ବର୍ଗ ଫୁଟର ଘର ନିର୍ମାଣ ପାଇଁ ୨.୭୫ଲକ୍ଷ ଟଙ୍କା ଦରକାର। ହେଲେ ଏଠାରେ ଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକତାଠାରୁ ବହୁତ କମ୍ ଟଙ୍କା ମିଳୁଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ବହୁ ହିତାଧିକାରୀଙ୍କ ଆବାସ ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଘର ନିର୍ମାଣ ପାଇଁ ଆବଣ୍ଟିତ ଅର୍ଥ ବଜେଟରେ ଅନୁମୋଦିତ ହୋଇଥାଏ। ଯୋଜନାରେ ଅର୍ଥରାଶି କମ୍ ଓ ବେଶି ବଜେଟ ଜରିଆରେ କରାଯାଇ ପାରିବ। କେବଳ ସରକାର ଚାହିଁଲେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଇପାରିବେ।

# ଗୁରୁଦିବସ ପାଳିତ


ଗୁରୁ ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

ବ୍ରହ୍ମବରଦା,୫।୯ (ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତରେ ଅବସ୍ଥିତ ବିଦ୍ୟାଶ୍ରୀ ପବ୍ଲିକ୍ ସ୍କୁଲ୍ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଦଣ୍ଡପାଟ, ବିଦ୍ୟାଳୟ ସମ୍ପାଦକ ବିଶ୍ୱପ୍ରତାପ ସିଂ ସାହୁ, ଶିକ୍ଷୟିତ୍ରୀ ଭକ୍ତିଲତା ବେହେରା, ମଧୁସ୍ମିତା ସାହାଣୀ, ସୀତାଞ୍ଜଳି ସ୍ୱାଇଁ, ଇପସିତା ପାତ୍ରୀ, ବର୍ଷା ସାମଲ, ରେଣୁବାଳା ବେହେରା, ପ୍ରିୟଙ୍କା ଶର୍ମା ଓ ଶୁଭସ୍ମିତା ସାହୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ଭାଷଣ ଓ ସଙ୍ଗୀତ ଗାନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ରହ୍ମବରଦା ଓ ବନ୍ଧଡ଼ିହ ପଞ୍ଚାୟତର ଅଖପାଖ ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି।

# ଗୁରୁତର ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ


ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ମୃତକଙ୍କ ପରିବାର ଓ ସମ୍ପର୍କୀୟ ଧାରଣା ଦେଇଛନ୍ତି।

## କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଧାରଣା

ଜେନାପୁର,୫।୯ (ଅଶୋକ ଦାସ): ଖୁଣ୍ଟରୁ ପଡ଼ି ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ବିଦ୍ୟୁତ୍ ସେକ୍ସନର ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ବିଶ୍ୱନାଥ ଜେନା। ଏହି ଘଟଣା ପରେ ତାଙ୍କ ପରିବାର ଲୋକେ ମଙ୍ଗଳବାର କ୍ଷତିପୂରଣ ଦାବିରେ କବାଟବନ୍ଧ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୪ ଘଣ୍ଟା ଧରି ଧାରଣା ଦେବାପରେ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ରଣା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତକଙ୍କ ପରିବାରରୁ ଜଣକୁ ସ୍ଥାୟୀ ନିଯୁକ୍ତି ଓ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଏହି ଧାରଣା ଦିଆଯାଇଥିଲା।

ବିଶ୍ୱନାଥ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଟାଟା ପାୱାର କମ୍ପାନୀରେ କାର୍ଯ୍ୟ କରି ଆସୁଥିଲେ। ଜୁଲାଇ ୧୫ ତାରିଖରେ ସେ ଖୁଣ୍ଟରେ ଚଢ଼ି କାମ କରୁଥିବା ସମୟରେ କୌଣସି କାରଣବଶତଃ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିଛି ଦିନ ଚିକିତ୍ସା ପରେ ତାଙ୍କୁ ଘରକୁ ଅଣାଯାଇଥିଲା। ସୋମବାର ରାତିରେ ପୁଣି ତାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅବକାରୀ ବିଭାଗ ଶୁଣିଲାନି, ମଦ ବେପାରୀଙ୍କୁ ଧରିଲେ ଗ୍ରାମବାସୀ

ଖଇରା, ୫।୯ (ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଉଦୟପୁର ଗ୍ରାମରେ ବ୍ୟାପକ ମହୁଲି ମଦ ଚୋରା କାରବାର ଚାଲିଥିବା ଗ୍ରାମବାସୀ ଅବକାରୀ ବିଭାଗକୁ ବାରମ୍ବାର ଜଣାଇ ଚାଲିଥିଲେ ହେଁ ଗ୍ରାମବାସୀଙ୍କୁ କିଛି ଫଳ ମିଳୁ ନ ଥିଲା। ଏ ସମ୍ପର୍କରେ ଗ୍ରାମବାସୀ ବର୍ତ୍ତମାନ ସରପଞ୍ଚଙ୍କୁ ଜଣାଇବା ପରେ ସରପଞ୍ଚଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ମିଶି ସୁଧୀର ଦାସ ନାମକ ବିକ୍ରେତାଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରି ଅନ୍ୟମାନଙ୍କୁ ମଦ ବନ୍ଦ କରିବାର ସରଳ ରାସ୍ତା ଦେଖାଇଛନ୍ତି। ଉକ୍ତ ଗ୍ରାମର ସୁଧୀର ଦାସ ଓ ଅନ୍ୟ ୨ଜଣ ଦୀର୍ଘଦିନ ବେଆଇନ ଦେଶୀ କାରବାର କରୁଥିବା ବେଳେ ଏହା ଯୁବଗୋଷ୍ଠୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇ ଆସୁଥିଲା। ଏଥିପାଇଁ ଉକ୍ତ ବେପାରୀଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ ହେଁ ସେମାନେ ଶୁଣି ନ ଥିଲେ। ଖୋଦ ସରପଞ୍ଚ ବୀଣାପାଣି ପଣ୍ଡା ନିଜେ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମଙ୍ଗଳବାର ଗ୍ରାମବାସୀ ଅନ୍ୟ ଉପାୟ ନ ପାଇ ସୁଧୀରଙ୍କୁ କାବୁ କରିବା ପରେ ବ୍ୟାପକ ମଦ ନଷ୍ଟ କରିଥିଲେ।

### ଗୁରୁଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୫।୯ (ବଟକୃଷ୍ଣ ପରିଡ଼ା): ଯାଜପୁର ସର୍ବୋଦୟ ମଣ୍ଡଳ ପକ୍ଷରୁ ମଙ୍ଗଳବାର ଗୁରୁ ଦିବସରେ ଅଧ୍ୟାପକ ଭିକାରି ଚରଣ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧର୍ମଶାଳା ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍କୁଲ୍ ଅଧ୍ୟକ୍ଷ ସାବୁତ ନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଯାଜପୁର ସର୍ବୋଦୟ ମଣ୍ଡଳର ସମ୍ପାଦକ ଦେବବ୍ରତ ରଉତ ଓ ଶିକ୍ଷାବିତ ବିଜୟ କୁମାର ବୋଇତେଇ ଯୋଗଦେଇ ଗୁରୁ ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ରସୁଲପୁରର ୩ ଗ୍ରାମରେ ସର୍ବେକ୍ଷଣ ଆରମ୍ଭ


ସର୍ଭେ ଟିମ୍‌କୁ ସ୍ୱାଗତ କରାଯାଉଛି।

## ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ-୨୦୨୩

ରସୁଲପୁର,୫।୯ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ରସୁଲପୁର, ରାଉତରାପୁର ଓ ବାରବାଟୀ ପଞ୍ଚାୟତରେ ଏକ କେନ୍ଦ୍ରୀୟ ଦଳ ପକ୍ଷରୁ ସ୍ୱଚ୍ଛ ସର୍ଭେକ୍ଷଣ ଗ୍ରାମୀଣ ସର୍ଭେ-୨୦୨୩ ଆରମ୍ଭ ହୋଇଛି। ସର୍ଭେକ୍ଷଣ ଦଳରେ ନିୟୋଜିତ ସଦସ୍ୟମାନେ ରସୁଲପୁର ପଞ୍ଚାୟତର ଚଣ୍ଡିପୁର, ବାରବାଟୀ ପଞ୍ଚାୟତର ମାଣତିର, ରାଉତରାପୁର ପଞ୍ଚାୟତର ରାଉତରାପୁର ଗ୍ରାମକୁ ଯାଇ ସର୍ଭେ କରିଛନ୍ତି। ସେମାନେ ଏହି ୩ ଗ୍ରାମରେ ସ୍ୱଚ୍ଛତା ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇ ଥିବା ବିଭିନ୍ନ ଯୋଜନାଗୁଡିକର ସ୍ଥିତି ପରଖିବା ସହ ଗ୍ରାମବାସୀଙ୍କୁ ନାନା ପ୍ରଶ୍ନ ପଚାରି ବୁଝିଛନ୍ତି। ସର୍ଭେକ୍ଷଣ ମୁତାବକ ମାର୍କ ପ୍ରଦାନ କରାଯାଇ ପଞ୍ଚାୟତଗୁଡିକୁ ପୁରସ୍କୃତ କରାଯିବା ଯୋଜନା ରହିଛି ବୋଲି ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲ୍ଲିକ ସୂଚନା ଦେଇଛନ୍ତି।

ଗାଁକୁ ସ୍ୱଚ୍ଛ, ନିର୍ମଳ, ବାହ୍ୟ ମଳମୂତ୍ର ମୁକ୍ତ ପଞ୍ଚାୟତ ଭାବରେ ଗଢି ତୋଳିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନାନା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗାଁ ପରିବେଶ ସ୍ୱଚ୍ଛ ହେବା ସହ ପରିବେଶ ଉପରେ କିପରି ଅନୁକୂଳ ପ୍ରଭାବ ପକାଇବ ସେ ଦିଗରେ ବ୍ୟୟବରାଦ କରାଯାଇ ସରକାରଙ୍କ ପକ୍ଷରୁ ପଞ୍ଚାୟତସ୍ତରରେ ଅଳିଆ ଗଦା ଗୃହ(ସେଗ୍ରିଗେସନ ସେଡ୍), ଗୋଷ୍ଠୀ ଭିତ୍ତିକ ପାଇଖାନା, ଅଳିଆକୁଣ୍ଡ, ଶୋଷକ ଖାତ, ଖତଗାଡିଆ, ସର୍ବସାଧାରଣ ଜଳ ଉତ୍ସକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଗାଁ ରାସ୍ତାକୁ ସଫାସୁତୁରା ରଖିବା, ବ୍ୟକ୍ତିଗତ ପାଇଖାନା, ଅଳିଆକୁଣ୍ଡ, ଖତଗାଡିଆ, ଶୋଷକ ଖାତ, ପାଇଖାନା ପାଇଁ ଏକାଧିକ ଟାଙ୍କି ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏ ବାବଦରେ ଆସୁଥିବା ଅର୍ଥକୁ ଠିକ୍ ବିନିଯୋଗ କରାଯାଉଛି କି ନାହିଁ, ତା'ର ସୁଫଳ ଲୋକଙ୍କ ପାଇଁ କେତେ ଫଳପ୍ରଦ ହୋଇପାରୁଛି ସେ ସମ୍ପର୍କରେ ସ୍ୱଚ୍ଛତାକୁ ନେଇ କାର୍ଯ୍ୟ କରୁଥିବା ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିଛନ୍ତି ସର୍ଭେ ଟିମ୍। ସର୍ଭେକ୍ଷଣ ଦଳରେ ଜିଲା ପରିମଳ ପରାମର୍ଶଦାତା ଆଶୁତୋଷ ପ୍ରସାଦ, ପରିଦର୍ଶକ ସୁଭମ୍ ଦେବତା, ପ୍ରମୋଦ ଜେନା, କରିସ୍ମା ଜେନା ପ୍ରମୁଖ ବିଭିନ୍ନ ଗାଁ ବୁଲି ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରିବା ସହ ତ୍ରୁଟିବିଚ୍ୟୁତିକୁ ସୁଧାରିବା ଦିଗରେ ପରାମର୍ଶ ଦେଇଥିଲେ। ସର୍ଭେକ୍ଷଣ ଦଳକୁ ସରପଞ୍ଚ ଆୟୁଷମତି ଦାସ, ସ୍ୱର୍ଣ୍ଣଲତା ସାହୁ, ସୁରେନ୍ଦ୍ର ତିଆଡି ପ୍ରମୁଖ ସହଯୋଗ କରିବା ସହ ଗାଁରେ ସ୍ୱଚ୍ଛତା ସମ୍ପର୍କରେ ନିଆଯାଇ ଥିବା ପ୍ରକଳ୍ପଗୁଡିକୁ ବୁଲାଇ ଦେଖାଇଥିଲେ। ସଂଯୋଜିକା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ସ୍ଥାନରେ ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

# କଟୁରି ଚୋଟରେ ଜଣେ ଗୁରୁତର

ଯାଜପୁରରୋଡ୍,୫।୯ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଚୋରଦା ମଙ୍ଗଳା ସାହିରେ ମଙ୍ଗଳବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଛି। ଏଥିରେ କଟୁରି ଚୋଟରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ସାହିର ମନୋଜ ମଲିକ(୩୦)। ମନୋଜଙ୍କ ବାମହାତ କାନ୍ଧକୁ ସେହି ଗାଁର ନବ ମଲିକ ଆକ୍ରମଣ କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୂର୍ବ ଶତ୍ରୁତାକୁ ନେଇ ଏପରି ଘଟଣା ଘଟିଥିବା ଆଲୋଚନା ହେଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବାରୁ ପୋଲିସ ମନ୍ତବ୍ୟ ଦେବାକୁ ମନା କରିଛି।


ଗୁରୁଦିବସରେ ଯୋଗଦେଇଥିବା ଅତିଥି ଓ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ

କାଏମା,୫।୯ (ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଅନନ୍ତଚରଣ ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ରୀତାରଣୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲ୍ଲିକ, ବୀରବର ସ୍ୱାଇଁ, ସଭାପତି ପଦ୍ମନାଭ ସାହୁ, ପ୍ରାକ୍ତନ କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା, କବିରପୁର ସଂକୁଳର ପୂର୍ବତନ ସକୁଳ ପ୍ରମୁଖ ଧ୍ରୁବଚରଣ ପୃଷ୍ଟି ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଓ ଅତିଥିଙ୍କ ଦ୍ୱାରା ସମସ୍ତ ଗରୁମାଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଉଚ୍ଚଶିକ୍ଷା ପାଇଁ ଗୁରୁଙ୍କ ଆଶୀର୍ବାଦ ଆବଶ୍ୟକ

## ଶିକ୍ଷା ବିକାଶ ପରିଷଦର ସ୍ୱନକ୍ଷତ୍ର ଉତ୍ସବ

କଳିଙ୍ଗନଗର,୫।୯ (ଶୁଭାଶିଷ ରାଉତ): ଗୁରୁଦିବସ ଅବସରରେ ମଙ୍ଗଳବାର ଶିକ୍ଷା ବିକାଶ ପରିଷଦର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ ଦାନଗଦି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଉଚ୍ଚ ଶିକ୍ଷାର ଆବଶ୍ୟକତା ରହିଛି। ଉଚ୍ଚଶିକ୍ଷା ଲାଭ ପାଇଁ ଗୁରୁଙ୍କ ଆଶୀର୍ବାଦ ନିତ୍ୟାନ୍ତ ଆବଶ୍ୟକ ଓ ଏହା କେବଳ ଜଣେ ଭଲ ଗୁରୁଙ୍କ ଦ୍ୱାରା ସମ୍ଭବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର କଳିଙ୍ଗନଗରର ଅତିରିକ୍ତ ଭୂ-ବନ୍ଦୋବସ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଗୁରୁହିଁ ଶ୍ରେଷ୍ଠ, ଗୁରୁ ପଥ ପ୍ରଦର୍ଶକ, ଗୁରୁଙ୍କ ବିନା ସବୁକିଛି ଅସମ୍ଭବ। ଆଉ ଏହି ଦିବସକୁ ଶ୍ରେଷ୍ଠ ଦିବସ ଭାବେ ପାଳିବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବଚରଣ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଦାନଗଦି ବ୍ଲକ ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଦାନଗଦି ଭାରପ୍ରାପ୍ତ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ, ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ବୁଦ୍ଧରାଜ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଶିକ୍ଷା ବିକାଶ ପରିଷଦର ପ୍ରତିଷ୍ଠାତା ମଦନ ମୋହନ କର ଓ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ସଭାପତି ଶିଶିର କୁମାର ପତି ଉପସ୍ଥିତ ଥିଲେ। ସମ୍ପାଦକ ଗଣନାଥ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦ ପକ୍ଷରୁ ପ୍ରକାଶିତ ପତ୍ରିକା 'ଜ୍ୟୋତିପ୍ରଭା'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।


ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ମେଣ୍ଟପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ

ଆଳି,୫।୯ (ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଗୁରୁ ଦିବସ ପାଳନ କରାଯାଇଛି। ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହମ୍ମଦ ସଫିକ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁ ଦିବସ ଉତ୍ସବରେ ଭାରତର ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ପୁଷ୍ପ ଗୁଚ୍ଛ ପ୍ରଦାନ ପରେ ଉତ୍ସବ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁ ଦିବସ ବିଷୟରେ କିଛି କହିବା ସହ ଗୁରୁମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷାବିତ ବନମାଳୀ ସେନାପତି, ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସେକ୍ ତଫିକ ଅଲ୍ଲୀ, ସୁନିମା ସିଂ, ନିରଞ୍ଜନ ମିଶ୍ର, ଗୋଲକ ଚନ୍ଦ୍ର ଲେଙ୍କା, ଆଦିକନ୍ଦ ବେହେରା, ଦୋଳଗୋବିନ୍ଦ ମଲିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ମହାନ୍ତି, ସହକାରୀ ଶିକ୍ଷକ ପ୍ରମୋଦ ମଲ୍ଲିକ, ଇଫେତେଖାର ଆଦିଲ ଓ ମୋନାଲିସା ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଛାତ୍ରୀଛାତ୍ରମାନଙ୍କୁ ଗୁରୁ ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ କେବଳ ପାଠ ପଢିବା ନୁହେଁ ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ପ୍ରଥମ ଗୁରୁ ମା' ଦ୍ୱିତୀୟ ଗୁରୁ ବାପା ଓ ତୃତୀୟ ଗୁରୁ ଶିକ୍ଷା ଗୁରୁ ପ୍ରତି ସମସ୍ତେ ସମ୍ମାନ ପ୍ରଦର୍ଶନ କରିବା ଉଚିତ ବୋଲି କହିଥିଲେ। ସମାଜରେ ଭଲ ମଣିଷ ହୋଇ ସମାଜର ଅବହେଳିତଙ୍କ ପ୍ରତି ସୁଦୃଷ୍ଟି ଦେଲେ ସେମାନଙ୍କର ଜୀବନ ସୁଖମୟ ହେବ ବୋଲି ଉପଦେଶ ଦେଇଥିଲେ।

### ଆଳି ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ଶିକ୍ଷକ

ଆଳି ,୫।୯ (ବନମାଳୀ ସେନାପତି)

ଗୁରୁ ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଳି ଶାଖା ପକ୍ଷରୁ ସେବା ନିବୃତ୍ତ ୭ ଜଣ ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘଦିନ ଧରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅନେକ ଭଲ ଛାତ୍ରୀଛାତ୍ର ସୃଷ୍ଟି କରିଥିବା ଏହି ଶିକ୍ଷକମାନେ ସମାଜରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକମାନେ ହେଲେ ବନମାଳୀ ସେନାପତି, ବିଜୟ କୁମାର ବୋଇତି, ଭାସ୍କର ଚନ୍ଦ୍ର ମିଶ୍ର, ଧରଣୀଧର ବେହେରା, ଗୟାଧର ସିଂ, ଗୋଲକ ଚନ୍ଦ୍ର ଲେଙ୍କା ଓ କନକଲତା ସାହୁ। ଏହି ଶିକ୍ଷକମାନଙ୍କୁ ଆଳି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଣବ କୁମାର ଦାସ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଶାଖା ପରିଚାଳକ ଦାସ ଏହି ବରିଷ୍ଠ ଶିକ୍ଷକମାନଙ୍କଠାରୁ ବ୍ୟାଙ୍କ ବିଷୟରେ ସେମାନଙ୍କ ମତାମତ ବିଷୟରେ ପଚାରିବା ସହ, ଆଉ କ'ଣ କଲେ ଉପଭୋକ୍ତାମାନେ ଭଲ ଭାବରେ ସେବା ପାଇପାରିବେ ସେ ପରାମର୍ଶ ଚାହିଁଥିଲେ। ବରିଷ୍ଠ ନାଗରିକମାନଙ୍କୁ କିପରି ସୁବିଧାରେ ସେବା ଯୋଗାଇ ଦେଇହେବ, ଏଟିଏମ୍ କାର୍ଡର ଠିକ୍ ବ୍ୟବହାର ବିଷୟରେ ମ୍ୟାନେଜର ଶିକ୍ଷକ ମାନଙ୍କ ସହ ଆଲୋଚନା କରିଥିଲେ।

# ଶୌଚାଳୟ, ପାନୀୟ ଜଳର ସୁବିଧା ନାହିଁ

■ ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ
■ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ

ପଟ୍ଟାମୁଣ୍ଡାଇ, ୫।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ଓ ପାନୀୟ ଜଳ ସୁବିଧା ନ ଥିବାରୁ ଏଠାକୁ ଆସୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ନୂତନ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସାମାଜିକ କର୍ମୀ ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଉପରେ ନିର୍ଭରଶୀଳ ୩୧ ପଞ୍ଚାୟତର ୧୫୫ ଗ୍ରାମର ଜନସାଧାରଣ, ଛାତ୍ରୀଛାତ୍ର ଜମିଜମା କାଗଜପତ୍ର ଓ ସାର୍ଟିଫିକେଟ ପାଇଁ ଆସିବାବେଳେ ପିଇବାକୁ ପାଣି ଟୋପେ ପାଉନାହାନ୍ତି। ଶୌଚାଳୟ ନ ଥିବାରୁ ଶୌଚ ହୋଇପାରୁ ନାହାନ୍ତି। ଶୌଚ ପାଇଁ ରାସ୍ତାକଡ଼କୁ ଯାଉଛନ୍ତି। କାର୍ଯ୍ୟାଳୟକୁ ବହୁ ଦୂରରୁ ଲୋକେ ବିଭିନ୍ନ କାର୍ଯ୍ୟରେ ଆସି ଦୀର୍ଘ ସମୟ ଅପେକ୍ଷା କରୁଛନ୍ତି। ଶୋଷ ହେଲେ ପାଣି ଟୋପେ ପିଇବାକୁ ନ ମିଳିବାରୁ ସେମାନେ ବାହାର ଦୋକାନରୁ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ



ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟ।

କହିଛନ୍ତି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, କୈଳାସ ସେଠୀ କହିଛନ୍ତି, ସଦରମହକୁମାଠାରୁ ଅଳପୁଆ, ଅଣ୍ଟରା, ତରଡିପାଳ, ପେଣ୍ଠପାଳ, ବଲୁରିଆ, ସିଂହଗାଁ, ଅମୃତମଣୋହି, ଖଣନ୍ତା, ବିଲିକଣା ଆଦି ପଞ୍ଚାୟତ ୨୨ରୁ ୨୫ କିମି ଦୂରରେ ରହିଛି। ଏସବୁ ପଞ୍ଚାୟତରୁ ମଧ୍ୟ ପ୍ରତିଦିନ ଶତାଧିକ ଲୋକ ଆସୁଛନ୍ତି। ମାତ୍ର ପରିତାପର ବିଷୟ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟଟିଏ ନ ଥିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ମାତ୍ର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୌରପରିଷଦ ପକ୍ଷରୁ ଇକୋ ଟଏଲେଟ ନିର୍ମାଣ ହୋଇ ଦୀର୍ଘବର୍ଷ ହେଲା ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ରହିଛି। ସରକାର ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣକୁ ଗୁରୁତ୍ୱ ଦେଉଥିବାବେଳେ ଖୋଦ୍ ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ଓ ପାନୀୟ ଜଳ ସୁବିଧା କରା ନ ଯିବା ଆଲୋଚ୍ୟର ବିଷୟ ହୋଇଛି। ଶୌଚାଳୟ ନ ଥିବାରୁ ବିଶେଷ କରି ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଚେରି ପୋଖରୀକୁ ରାସ୍ତା ଯାଇଛି। ସେହି ରାସ୍ତା ପାର୍ଶ୍ୱରେ ଲୋକେ ପରିସ୍ରା କରୁଥିବାରୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧ ହେଉଛି। ଏପରି କି ଉକ୍ତ ରାସ୍ତା ଦେଇ ମହିଳାମାନେ ଯାତାୟାତ କରିବାକୁ ସଂକୋଚ ମନେକରୁଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ତହସିଲ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ସମୀର ବେହେରାଙ୍କୁ ପଚାରିବାରୁ ଏହି ଅଳ୍ପଦିନ ହେବ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି। ଯେଉଁ ସବୁ ଅସୁବିଧା ଅଛି ଧୀରେ ଧୀରେ ଦୂର କରାଯିବ ବୋଲି ସେ କହିଛନ୍ତି।

# ସାମାଜିକ ସୁରକ୍ଷା ଦାବିକଲା ଜିଲା ଓକିଲ ସଂଘ



ଜିଲା ପ୍ରଶାସନକୁ ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା, ୫।୯ (ଜଗନ୍ନାଥ ଧଳ)

ଉତ୍ତରପ୍ରଦେଶ ଗାଜିଆବାଦଠାରେ କୋର୍ଟ ପରିସରରେ ଜଣେ ଓକିଲଙ୍କୁ ଆତତାୟୀ ହତ୍ୟା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ଓକିଲ ସଂଘ ପକ୍ଷରୁ ସାମାଜିକ ସୁରକ୍ଷା ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପତ୍ର ଜିଲା ପ୍ରଶାସନକୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି କହିଛନ୍ତି, ନ୍ୟାୟ ପ୍ରଦାନରେ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଓକିଲଙ୍କ ସାମାଜିକ ସୁରକ୍ଷା ଏବେ ବିପନ୍ନ ହେଉଥିବା ବିଭିନ୍ନ ଘଟଣାରୁ ଜଣାପଡୁଛି। ନିକଟରେ ଜଣେ ଓକିଲଙ୍କୁ ଉତ୍ତରପ୍ରଦେଶର ଏକ କୋର୍ଟ ପରିସରରେ ଅମାନୁଷିକ ଭାବେ ହତ୍ୟା କରାଯାଇଛି। ଏହି ଆତତାୟୀଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଜିଲା ସଂଘ ଦାବି କରିଛି। ଏଥିସହ ଓକିଲଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବାକୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜିଲା ସଭାପତି ମହାନ୍ତି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଇନଜୀବୀ ଧନୁର୍ଦ୍ଧର ନାୟକ, ଧ୍ରୁବଚରଣ ଜେନା, ଭୀମସେନ ଭୂୟାଁ, ପ୍ରଦୀପ୍ତ ମହାନ୍ତି, ସଞ୍ଜୟ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ଅବଦାନ ଅତୁଳନୀୟ



କିଆରବାଙ୍କଠାରେ ଗୁରୁ ଦିବସ ଉତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟ ଅତିଥି ମାନେ।

ମହାକାଳପଡ଼ା,୫।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଗୁରୁ ପୂଜା, ପୂଜ୍ୟ ପୂଜା ଉତ୍ସବ**

ପ୍ରାଚୀନ କାଳରୁ ଗୁରୁକୁଳ ଆଶ୍ରମଗୁଡ଼ିକରେ ପିଲାମାନଙ୍କୁ ସାଧୁସନ୍ଥମାନେ ନୈତିକ, ବୌଦ୍ଧିକ, ଶାରୀରିକ ଅଭିବୃଦ୍ଧିର ବିକାଶ ପାଇଁ ବିଭିନ୍ନ ପ୍ରକାରର ଶିକ୍ଷା ପ୍ରଦାନ କରୁଥିଲେ। ସେ ସମୟରେ ସୁସ୍ଥ ସମାଜ ଗଠନ କରିବା ପାଇଁ ଗୁରୁଙ୍କ ଅବଦାନ ଥିଲା ଅତୁଳନୀୟ। ଆଶ୍ରମରୁ ପିଲାମାନଙ୍କର ଶିକ୍ଷା ସମାପ୍ତ ହେଲା ପରେ ଗୁରୁଙ୍କ ଇଚ୍ଛା ମୁତାବକ ଦକ୍ଷିଣା ପ୍ରଦାନ କରାଯାଏ। ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନରେ ଗୁରୁପୂଜା ପରିଷଦ ମହାକାଳପଡ଼ା ଓ ପୂଜ୍ୟପୂଜା ପରିଷଦ ମାର୍ଶାଘାଇ ମିଳିତ ଆନୁକୂଲ୍ୟରେ ବ୍ଲକ ଅଧୀନ ସ୍ଥାନୀୟ କିଆରବାଙ୍କସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଗୁରୁ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜୀବନୀ, ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସମାଜରେ ଶିକ୍ଷାରେ ସଂସ୍କାର ଆଣିବା କ୍ଷେତ୍ରରେ ଗୁରୁଜୀମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷା ଦାନ କରି ଚଳିତବର୍ଷ ୨ ବ୍ଲକର ଅବସର ଗ୍ରହଣ କରିଥିବା ୧୦୭ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା କରାଯାଇ ମାନପତ୍ର ଓ ଉପଢୌକନ ମନ୍ତ୍ରୀ ନାୟକ ପ୍ରଦାନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ବ୍ଲକ ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ବେହେରା, ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା, ଶିକ୍ଷକ ନେତା ରତ୍ନାକର ସ୍ୱାଇଁ, ଚନ୍ଦ୍ରମଣି ସାହୁ, ମାଧବ ଚରଣ ବାରିକ, ଅଶୋକ ମହାପାତ୍ର, ଅମୀୟ କୁମାର ଚୌଧୁରୀ, ରମେଶ ଚନ୍ଦ୍ର ସାହାଣୀ, ଦିଲୀପ ସାହୁ, କାର୍ତ୍ତିକ ସେଠୀ, ଦିଲୀପ ବାରିକ, ସୁଶାନ୍ତ କୁମାର ବେଉରାଙ୍କ ସମେତ ସଂଖ୍ୟାଧିକ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଗୁରୁଙ୍କ ପାଦ ଧୋଇ, ସମ୍ମାନ ଜଣାଇଲେ

ରାଜନଗର, ୫।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରେ ମଣ୍ଡଳସ୍ତରୀୟ ଗୁରୁପୂଜନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନିଲ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଗୁରୁମାନଙ୍କର ପାଦ ଧୋଇଦେବା ସହ ପାଦ ଛୁଇଁ ପ୍ରଣାମ କରି ଗୁରୁଦିବସରେ ସମ୍ମାନ ଜଣାଇଥିଲେ। ଗୁରୁଶିଷ୍ୟର ମହାନ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଗୁରୁ ବିନା କୌଣସି ବ୍ୟକ୍ତି ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାର କରି ଗୁରୁଶିଷ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ, ବିଆରସିସି ଚନ୍ଦ୍ର ଶେଖର ତ୍ରିପାଠୀ, କେରେଡାଗଡ଼ ସରପଞ୍ଚ ତାପସ କୁମାର ସାହୁ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଡେରା ସରପଞ୍ଚ ନିରଞ୍ଜନ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁ ପୂଜନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ୩୩ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ସହିତ ରାଜନଗର ବ୍ଲକର ୧୬ଜଣ ସିଆରସିସି ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୨ଜଣ ସିଆରସିସିଙ୍କୁ ଗୁରୁଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ବ୍ଲକର ସିଆରସିସି ସୁଶାନ୍ତ କୁମାର ସେଠୀଙ୍କୁ ଶ୍ରେଷ୍ଠ ସିଆରସିସି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ପ୍ରଶାନ୍ତ କୁମାର ଜେନା, ମଧୁସୂଦନ ସାହୁ, ଚନ୍ଦ୍ରକାନ୍ତ ରାଉତ, ଦିଲୀପ ସେଠୀ, ଅଜିତ ସେଠୀ ଓ ଏମ୍‌ଆଇଏସ୍ ଭାସ୍କର ଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡି-ଭାଜପା କର୍ମୀ ମୁହାଁମୁହିଁ



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡ଼ା/ମାର୍ଶାଘାଇ, ୫।୯
(ଜଗନ୍ନାଥ ଧଳ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**୫-ଟି ସଚିବଙ୍କ ଫଟୋରେ କାଳି ବୋଳାକୁ ନେଇ ଉତ୍ତେଜନା**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାର୍ଶାଘାଇ କ୍ରସିଂଙ୍ଗ ଛକଠାରେ ମହାକାଳପଡ଼ାଠାରେ ବୃହତ ଇସ୍ପାତ କାରଖାନା ନିର୍ମାଣ ହେବା ନେଇ ଏକ ହୋର୍ଡିଂ ଲଗାଯାଇଛି। ଯେଉଁଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ୫-ଟି ସଚିବ ଭି. କେ ପାଣ୍ଡିଆନଙ୍କ ଫଟୋ ଲାଗିଛି। ଏହି ହୋର୍ଡିଂରେ କାହିଁକି ଜଣେ ସଚିବଙ୍କ ଫଟୋ ଲାଗିଛି ବୋଲି ଭାଜପା ପକ୍ଷରୁ କଳା ବୋଳା ଯିବା ସହ ତୀବ୍ର ବିରୋଧ କରାଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ପୂର୍ବାହ୍ନରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ମାର୍ଶାଘାଇ କ୍ରସିଂ ଛକଠାରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ତେବେ ଏହି ବିକ୍ଷୋଭକୁ ବିଜେଡିର କେତେଜଣ କର୍ମୀ ଓ ନେତା ଭଣ୍ଡୁର ପାଇଁ ଉଦ୍ୟମ କରିଥିଲେ। ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ବରିଷ୍ଠ ଭାଜପା ନେତା ତେଜେଶ୍ୱର ପରିଡାଙ୍କୁ ପଚାରିବାରେ ବିଜେଡି ଏବେ ୫-ଟି ସଚିବଙ୍କ ନିକଟରେ ମୁଣ୍ଡ ନୁଆଇଁଛି। ଏହାର ସଦ୍ୟତମ ଉଦାହରଣ ଜିଲାରେ ଲାଗିଥିବା ୫-ଟି ସଚିବଙ୍କ ହୋର୍ଡିଂରୁ ସ୍ପଷ୍ଟ ହୋଇଛି। ଏହି ହୋର୍ଡିଂଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର କେତେକ ଉନ୍ନୟନ ମୂଳକ ଯୋଜନା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ହୋର୍ଡିଂରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଫଟୋ ସ୍ଥାନୀତ ହୋଇନାହିଁ। ଶାସନ ବ୍ୟବସ୍ଥାରେ ଲୋକ ପ୍ରତିନିଧିଙ୍କ ଗୁରୁତ୍ୱ ନ ଥାଇ ସଚିବଙ୍କୁ ମୁଖ୍ୟ କରାଯାଉଥିବାରୁ ଜିଲା ଭାଜପା ଏହାର ଦୃଢ଼ ବିରୋଧ କରୁଛି। ଗଣତାନ୍ତ୍ରିକ ଉପାୟରେ ଏହିବିକ୍ଷୋଭରେ ଶାସକ ଦଳର କେତେଜଣ ବ୍ୟକ୍ତି ପଶି ଆସି ଉଚ୍ଚବାଚ୍ଚ କରିଥିବାରୁ ବିକ୍ଷୋଭରେ ସାମାନ୍ୟ ବ୍ୟାଘାତ ହୋଇଛି। ଯାହା ସ୍ଥାନୀୟ ଲୋକଙ୍କ ଦୃଷ୍ଟିକୁ ଆସିଛି। ସଚିବଙ୍କ ଏହି ହୋର୍ଡିଂ ରାଜନୀତିକୁ ଆଗାମୀ ଦିନରେ ଦୃଢ଼ ବିରୋଧ କରାଯିବ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ ବରିଷ୍ଠ କର୍ମକର୍ତ୍ତା ଦୁର୍ଗାପ୍ରସନ୍ନ ନାୟକ, ବିକ୍ରମ ରାଉତରାୟ, ଜାନକୀ ପ୍ରଧାନ, ପ୍ରତିମା ନାୟକ ପ୍ରମୁଖ ବିକ୍ଷୋଭ ସ୍ଥଳରେ ନିଜର ମତ ରଖିଥିଲେ। ଖବରପାଇ ମାର୍ଶାଘାଇ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ଉଭୟ ଗୋଷ୍ଠୀ ସେଠାରୁ ଚାଲି ଯାଇଥିଲେ।

# ବାର୍ ଆସୋସିଏଶନ ପକ୍ଷରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜୟନ୍ତୀ

ପଟ୍ଟାମୁଣ୍ଡାଇ, ୫।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କୋର୍ଟ ବାର ଆସୋସିଏଶନ ପକ୍ଷରୁ ଗୁରୁଦିବସ ଅବସରରେ ମଙ୍ଗଳବାର ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ ପାଳିତ ହୋଇଯାଇଛି। ବାର ଆସୋସିଏଶନର ସଭାପତି ତପନ କୁମାର ମିଶ୍ରଙ୍କ ପୌରୋହିତ୍ୟ ଓ କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ସାହୁଙ୍କ ପରିଚାଳନାରେ ଅୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ ଯୋଗଦେଇ ଡ. ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣୀତ ହେଲେ ଏକ ସୁସ୍ଥ ସମାଜ ଗଠନ ହେବା ସହିତ ସାମାଜିକ ପରିବର୍ତ୍ତନ ହେବ ବୋଲି କହିଥିଲେ। ଏଥିରେ ବାର ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଉପସଭାପତି ଶତ୍ରୁଜିତ ନାୟକ, ସହସମ୍ପାଦକ ମନୋଜ କୁମାର ନାୟକ, ପାଠାଗାର ସମ୍ପାଦକ ପ୍ରକାଶ କୁମାର ପାତ୍ର, ଆଇନଜୀବୀ ସୁରେଶ ନରେନ୍ଦ୍ର, ପ୍ରଭାତ କୁମାର ବେରା, ଅଭିରାମ କୁଣ୍ଡ, ସୁବ୍ରତ କୁମାର ରଥ, ଗିତାଞ୍ଜଳୀ ପୃଷ୍ଟି, ତପନ କୁମାର ନନ୍ଦି, ଗୋପୀନାଥ ତ୍ରିପାଠୀ ଏମଏଫ ବେଗ, ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ବହୁ ବରିଷ୍ଠ ଆଇନଜୀବୀ ଯୋଗଦେଇଥିଲେ।




ଗରାପୁରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମର୍ତ୍ତି ନିକଟରେ ଜିଲା ମେଡିକାଲ କଲେଜ ସ୍ଥାପନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତୀକାତ୍ମକ ଧାରଣା।

# ମେଡିକାଲ କଲେଜ ଦାବି ତେଜୁଛି

କେନ୍ଦ୍ରାପଡ଼ା, ୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ଓ ଖଡିଅଙ୍ଗସ୍ଥ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଦାବି ଆନ୍ଦୋଳନର ରୂପ ନେଇଛି। ଜିଲା ମେଡିକାଲ କଲେଜ ସ୍ଥାପନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହରର ଗରାପୁରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀ ନିକଟରେ ଜିଲାର ବହୁ ସଂଖ୍ୟକ ଲୋକ ମଙ୍ଗଳବାର ଏକାଠି ହୋଇଥିଲେ। ଆନ୍ଦୋଳନ ଜାରି ରହିବା ସହ ଆସନ୍ତା ଗୁରୁବାରଠାରୁ ପ୍ରତୀକାତ୍ମକ ଓ ୨୨ ତାରିଖରେ ଜିଲାରେ ଅର୍ଥନୈତିକ ଅବରୋଧ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର କର୍ମକର୍ତ୍ତା ଅଜୟ କୁମାର ସାମଲ, ରମଣୀରଞ୍ଜନ ରାଉତରାୟ, ଚିନ୍ମୟ ପ୍ରସାଦ ବେହୁରା, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି, ଜିଲାରେ ସିଟି ହସ୍ପିଟାଲ ଓ ମେଡିକାଲ କଲେଜ ସ୍ଥାପନ ପାଇଁ କମିଟି ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସିଛି। ମଙ୍ଗଳବାରଠାରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀ ତଳେ ଗଣଧାରଣା ଆରମ୍ଭ ହେବା ସହ ଏଭଳି ନିଷ୍ପତ୍ତି ନିଆଯାଇଥଲା। ତେବେ ଏହି ସ୍ଥାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦେବାକୁ ଅନୁରୋଧ ସତ୍ତ୍ୱେ ଅଗ୍ରାହ୍ୟ କରାଯାଇଛି। ତେବେ କମିଟି ଏଥିରେ ବିଚଳିତ ନ ହୋଇ ପ୍ରତିକାତ୍ମକ ଧାରଣା ଓ ଅର୍ଥନୈତିକ ଅବରୋଧ କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି ସେମାନେ କହିଥିଲେ।

# ବାସଗୃହ ଯୋଜନାରୁ ବଞ୍ଚିତ ହେଲେ ହିତାଧିକାରୀ

ଡେରାବିଶ, ୫।୯ (ବେବର୍ତ୍ତା ଅଜୟ ଦାସ)

ଗରିବ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ସାମିଲ କରିବାକୁ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇଥିଲା। ସର୍ଭେ ରିପୋର୍ଟରେ ଚୟନ କରାଯାଇଥିବା ଜଣେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇ ପରେ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି। ଫଳରେ ହିତାଧିକାରୀ ଭଙ୍ଗା ଚାଳ ଘରେ ଜୀବନ ବିତାଉଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ। ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡା ଗ୍ରାମର ଅଜିଜା ଖାତୁନ୍। ସ୍ୱାମୀ ସେକ ଜିଆ ଉଲ ହକ୍ ଜଣେ ଦିନ ମଜୁରିଆ। ଭଙ୍ଗା ଚାଳ ଘରେ ରହୁଥିବା ଏହି ପରିବାର ବାସଗୃହ ଯୋଜନାରେ ନିଜକୁ ସାମିଲ କରି ପକ୍କା ଘର ଖଣ୍ଡେ ପାଇବା ପାଇଁ ଆବେଦନ କରିଥିଲେ। ଶେଷରେ



ବାସଗୃହରୁ ବଞ୍ଚିତ ଦମ୍ପତି ପାଇଥିବା କାର୍ଯ୍ୟାଦେଶ ପତ୍ର ଦେଖାଉଛନ୍ତି।

୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ସାମିଲ ହୋଇଥିଲା। ଏଥିପାଇଁ କାର୍ଯ୍ୟାଦେଶ ମଧ୍ୟ ପାଇଥିଲେ। ମାତ୍ର ପ୍ରଥମ କିସ୍ତି ପାଇବାରେ ବିଳମ୍ବ ହେବାରୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଜିଜା ଖାତୁନ୍ ପଚାରି ଥିଲେ। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ନ ଥିବା ଦେଖିବାକୁ ପାଇଥିଲେ। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଶେଷରେ ନିରାଶ ହୋଇ ଭଙ୍ଗା ଚାଳ ଘରେ ନିଜ ପରିବାର ସହ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଏହି ଭଙ୍ଗା ଦଦରା ଘରେ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ଦେଖାଯାଉଛି। ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଏହି ଚାଳ ଘର କେତେବେଳେ ଯେ ମାଟିରେ ମିଶିଯିବ କହିହେବ ନାହିଁ। ଏ ସମ୍ପର୍କରେ ଜିଆ ଉଲ୍ କୁହନ୍ତି, ପ୍ରତ୍ୟେକ ଦିନ ମଜୁରି ଲାଗି ପରିବାରକୁ ପ୍ରତିପୋଷଣ କରିବା ନିଜ ପକ୍ଷରେ ସମ୍ଭବ ନୁହେଁ। ସେଥିରେ ଭଙ୍ଗା ଘରକୁ ମରାମତି କରିବା ମଧ୍ୟ ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ କଷ୍ଟକର ହୋଇପଡିଛି। ଟୋପାଏ ବର୍ଷା ହେଲେ ଘର ଭିତରେ ପାଣି ପଶିଯାଏ। ସାପ ଓ ବେଙ୍ଗ ପଶିବା ଭୟରେ ସାରା ପରିବାର ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେବେ ଯୋଗ୍ୟ ହିତାଧିକାରୀ ତାଲିକାରୁ ତାଙ୍କ ନାମ ବାଦ୍ ପଡିବା ତାଙ୍କୁ ଚକିତ କରିଛି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ଜିଆଙ୍କର ଏକ କୋଠାଘର ଥିବା ତାଲିକାରେ ଭୁଲ୍ କ୍ରମେ ଦର୍ଶାଯାଇଛି। ଖୁବ୍‌ଶୀଘ୍ର ଜିଆଙ୍କ ନାମକୁ ତାଲିକାଭୁକ୍ତ କରାଯାଇ ତାଙ୍କୁ ପକ୍କା ଘର ମିଳିବାର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଅଜିଜାଙ୍କୁ ମିଳିଥିବା କାର୍ଯ୍ୟାଦେଶ ନଂ. ଓଆର ୧୫୨୮ ୬୯୦୬୮/ ୧୯।୬।୨୦୨୩ ରହିଛି।

# ଗୁରୁଙ୍କ ବିକଳ୍ପ ନାହିଁ

## ମୋ ମାଟି ଭାପୁର ଆନୁକୂଲ୍ୟରେ ଗୁରୁ ଦିବସ ପାଳନ

ଭାପୁର,୫।୯(ଭରତ କୁମାର ବେହେରା ) ପୂଜ୍ୟପୂଜାର ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଭାପୁର ଅଞ୍ଚଳରେ ଦେଢ ହଜାର ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଗୁରୁଦିବସ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ପଡିଆରେ ସରକାରୀ, ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷୟତ୍ରୀଶିକ୍ଷକମାନଙ୍କୁ ନେଇ ନିଆରା ଢଙ୍ଗରେ ଉତ୍ସବ ଗୁରୁ ସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ମୋ ମାଟି ଭାପୁର କମିଟିର ସଭାପତି ବେଣୁଧର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଥିଲେ। ସେ ଶିକ୍ଷକମାନଙ୍କୁ ସମାଜର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ବିବେଚନା କରିଥିଲେ। ଯଦି ପୁନଃଜନ୍ମ ମିଳେ ତାହା ହେଲେ ଶିକ୍ଷକ ଜନ୍ମ ମିଳୁ, ଶିକ୍ଷକଟିଏ ହେବା ପାଇଁ ସଂକଳ୍ପ ଜରୁରୀ। ମାତୃଭାଷା ପ୍ରତି ଭଲ ପାଇବା ରହିଲେ ଗୋଟିଏ ଅଞ୍ଚଳର ସାମୂହିକ ବିକାଶ ହୋଇପାରିବ। ତେବେ ସ୍ଥାନୀୟ ଉପାଧ୍ୟକ୍ଷଙ୍କ ନିଆରା ଉଦ୍ୟମ ପୂଜ୍ୟପୂଜା ପରମ୍ପରାକୁ ବଞ୍ଚାଇ ରଖିଥିବା ବିଧାୟକ ପଟ୍ଟନାୟକ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ କଥାଶିଳ୍ପୀ ଓ ସାହିତ୍ୟିକ ଡ. ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର) ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ ମାତାପିତା, ଶିକ୍ଷକ ଶିକ୍ଷୟିତ୍ରୀ, ଖବରଦାତା ସମସ୍ତେ ଜଣେ ଜଣେ ଗୁରୁ। ସ୍ଥାନୀୟ ଅଞ୍ଚଳର ଶିଳ୍ପକୁ ଗୁରୁତ୍ୱ ଦେବା ଦରକାର। ସମ୍ମାନୀତ ଅତିଥି ଭାବେ ଅବସରର ପ୍ରାପ୍ତ ଅର୍ଥନୀତି ପ୍ରଧାପକ ଓ ସ୍ତମ୍ଭକାର ଡ.ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ କହିଥିଲେ ଗୁରୁଙ୍କ ବିକଳ୍ପ ନାହିଁ, ଗୁଗୁଲ ସୂଚନା ତଥା ତଥ୍ୟ ଦେଇଥାଏ, ଗୁରୁ ଚେତନା ଦିଅନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଇଟାମାଟି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ ଯୋଗଦେଇ ନିଜର ମତାମତ ରଖିଥିଲେ। ଏହି ଅନନ୍ୟ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣୀ ଜୟନ୍ତୀ ସାହୁ, ଭାପୁର ବ୍ଲକ ଆମ୍ବା କମିଟିର ସଭାପତି ତଥା ମୋ ମାଟି ଭାପୁର ଅନୁଷ୍ଠାନର ସମ୍ପାଦକ ଭରତ କୁମାର ବେହେରା ଓ ଭାପୁର ବ୍ଲକର ସମସ୍ତ ପଞ୍ଚାୟତର ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମଞ୍ଚ ପରିଚାଳନା କରିଥିଲେ ଯୁବ ଖବରଦାତା ଜନ୍ମେଜୟ ଦଳେଇ। ଏହି ମଞ୍ଚରେ ପ୍ରଥମେ ଦେଶାତ୍ମବୋଧକ ସଙ୍ଗୀତ ଓ ଗୁରୁ ବନ୍ଦନା ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଓମ୍ ପ୍ରକାଶ ମହାରଣା, ଈଶ୍ୱରୀ ବେହେରା। ଭାପୁର ବ୍ଲକର ମୋଟ ୨୦ଟି ପଞ୍ଚାୟତରୁ ଦେଢ ହଜାର ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଦକୁ ଗୋଲାପ ଓ ଚନ୍ଦନ ସୁବାସିତ ଜଳରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ଧୋଇଥିଲେ। ପରେ ସେମାନଙ୍କ ବେକରେ ଫୁଲମାଳ ଓ ଚନ୍ଦନ ଟୀକା ମାରିଥିଲେ। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମରେ ଭାପୁର ବ୍ଲକର ସମସ୍ତ ଖବରଦାତା ଓ ପୋଲିସ କର୍ମଚାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଫତେଗଡ ଥାନାଧିକାରୀ ସୁଜିତ କୁମାର ଦାସ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।



ଉତ୍ସବରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ମାମଲା ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ, ୫।୯(ରାକେଶ କୁମାର ରାଉତ)

ଜଣେ ୧୭ ବର୍ଷିଆ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ଅନୀତା ସାହୁ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହା ଅନାଦେୟ ଅଧିକ ତିନି ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୋଟଗଡ ଥାନା ଶ୍ରୀରାମପୁରର ଧର୍ମେନ୍ଦ୍ର ପାତ୍ର।

୨୦୧୫ ଜୁଲାଇ ମାସରେ ନାବାଳିକା ଜଣକ ତାଙ୍କ ଭଉଣୀମାନଙ୍କ ସହ ରାତିରେ ଶୋଇଥିଲେ। ରାତି ପ୍ରାୟ ଦୁଇଟା ବେଳେ ଅଭିଯୁକ୍ତ ଧର୍ମେନ୍ଦ୍ର ଘରେ ପଶି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କଲା ବେଳେ ସେ ପାଟି କରିଥିଲେ। ଧର୍ମେନ୍ଦ୍ର ଘରୁ ବାହାରି ଧାଇଁ ପଳେଇବା ବେଳେ ନାବାଳିକାଙ୍କ ପିତା ଏବଂ ଅନ୍ୟମାନେ ତାଙ୍କୁ ଧରି ପକାଇଥିଲେ । ଏ ନେଇ କୋଟଗଡ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ.୩୮/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୧୦ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲାର ପରିଚାଳନା କରୁଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କ.ନୂଆଗାଁ, ୫।୯(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ନୂଆଗାଁ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁଦିବସ ଅବସରରେ ମଙ୍ଗଳବାର ଅବସରପ୍ରାପ୍ତ ଗୁରୁମା ଗୁରୁଜୀମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦାଶିବ ମାର୍ଥି, ସୁକାନ୍ତ କୁମାର ସେନାପତି, ବସନ୍ତ କୁମାର ପ୍ରଧାନ, ସ୍ୱର୍ଣ୍ଣଲତା ସାମନ୍ତରାୟ, ଦମୟନ୍ତୀ ପ୍ରଧାନଙ୍କ ସମେତ ୧୭ ଶିକ୍ଷକ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅତିରିକ୍ତ ତହସିଲଦାର ସନ୍ତୋଷ ନାୟକ, କ.ନୂଆଗାଁ ଥାନା ଏସ୍.ଆଇ. ଧନଞ୍ଜୟ ବେହେରା,ଏବିଓ ଚୈତନ୍ୟ କହଁର, ହରିହର ମଲିକ ଓ ସୁରେନ୍ଦ୍ରନାଥ ଦାଶ ଯୋଗଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ସଭାପତି ବୁଲୁ ନାୟକ, ସମ୍ପାଦକ ରାକେଶ କୁମାର କୋଠଦଳାଇ, ସାନ୍ତୁନୁ କୁମାର ସାହାଣୀ, ହାଡିବନ୍ଧୁ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଦିବସ




ପିଲାମାନଙ୍କ ଗହଣରେ ଗୁରୁମାଗୁରୁଜୀ ।

ରଣପୁର, ୫।୯ (ସୁକାନ୍ତ କିଶୋର ଡାକୁଆ )

ନୟାଗଡ଼ ଜିଲା ରଣପୁର ବ୍ଲକର ସରକାରୀ ଓ ବେସରକାରୀ ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି। ଗୋପାଳପୁରରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଗୁରୁଦିବସ ଓ ସର୍ବପଲ୍ଲୀ ରାଧାକ୍ରୀଷ୍ଣନ ଜନ୍ମ ଦିବସ ପାଳନ କରାଯାଇଛି। ଏହି ଅବସରେ ବିଦ୍ୟଳୟର ସମ୍ପାଦକ ରବିନାରାୟଣ ଦାସ ଓ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ତ୍ରିପାଠୀଙ୍କ ସମେତ ଗୁରୁଜୀଗୁରୁମାମାନେ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ତଲ୍ୟ ଚିତ୍ରରେ ପୁଷମାଲ୍ୟ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ପୂଜା ଓ ବନ୍ଦନା କରିଥିଲେ। ଏହି ଅବସରେ ବିଦ୍ୟାଳୟ ଗୁରୁମାଗୁରୁଜୀମାନେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ବିଷୟରେ କହିଥିଲେ। ଏହି ଅବସର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବକ୍ତବ୍ୟ ଓ ଗୀତ ସହ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ସଂସ୍କୃତି, ପରମ୍ପରା ବଜାୟ ରହିଲେ ଗୁରୁ-ଶିଷ୍ୟ ସମ୍ପର୍କ ସୁଦୃଢ ହେବ



ଖଣ୍ଡପଡା,୫।୯(ଅଜୟ କୁମାର ମହାରଣା) ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜନ୍ମ ତିଥିରେ ମଙ୍ଗଳବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଖଣ୍ଡପଡା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ, ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ଶିକ୍ଷାକେନ୍ଦ୍ର, ନୀଳମାଧବ ନୋଡାଲ ବିଦ୍ୟାପୀଠ, କୁବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନୀଳମାଧବ ମହାବିଦ୍ୟାଳୟ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ କୋଚିଂ ସେଣ୍ଟର ମାନଙ୍କରେ ଗୁରୁ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ଏହି ଅବସରରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ନିରୋଦ କୁମାର ମନ୍ତ୍ରୀ ଅଧ୍ୟକ୍ଷତା କରି ଉପଯୁକ୍ତ ଗୁରୁ ହୋଇ ପାରିଲେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ସୁଶ୍ରୀ ଗିମା ପ୍ରଧାନ, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ପବିତ୍ର କୁମର ବେହେରା, ପୁଣ୍ୟଶ୍ଲୋକ ସାହୁ, ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇ ଅତୀତ ଓ ବର୍ତ୍ତମାନର ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରି ସଂସ୍କୃତି, ପରମ୍ପରାକୁ ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନ କଲେ ଗୁରୁମାନେ ଉତ୍ତମ ଶିଷ୍ୟ ସୃଷ୍ଟି କରିପାରିବେ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ସେହିପରି ଖଣ୍ଡପଡା ବ୍ଲକର ସିଂଘାପଡ଼ା ପଞ୍ଚାୟତ ଅଧୀନ ସମ୍ବରବିନ୍ଧା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ହାତରେ ପ୍ଲାକାର୍ଡ ଧରି ଆଖପାଖ ଗ୍ରାମ ପରିକ୍ରମା କରିଥିଲେ। ସମ୍ବରବିନ୍ଧା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛ, ସୁସ୍ଥ ପରିବେଶ ଓ ପଲିଥିନି ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଖଣ୍ଡପଡା ଓମ୍ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡ. ପ୍ରଦୀପ୍ତ କୁମାର ପାଇକରାୟ, ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାଶ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବରିଷ୍ଠ ଶିକ୍ଷାବିତ୍ ପଞ୍ଚାନନ ମିଶ୍ର ଏ ଅବସରରେ ଜାତୀୟ ସ୍ତରରେ ଆୟୋଜିତ ଇଣ୍ଡିଆନ ଟ୍ୟାଲେଣ୍ଟ ଅଲମ୍ପିଆଡ ପ୍ରତିଯୋଗିତା ପରୀକ୍ଷାରେ ଅଂଶଗ୍ରହଣ କରିଥିବା ୨୫୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୨ ଜଣ ଛାତ୍ରୀଛାତ୍ର ୩ୟ ରାଉଣ୍ଡରେ ଜାତୀୟ ସ୍ତରକୁ ଉତୀର୍ଣ୍ଣ ହୋଇଥିବାରୁ ସମସ୍ତ ଛାତ୍ରୀ ଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୫ମ ଶ୍ରେଣୀର ଛାତ୍ରୀ ଆୟନା ମହାପାତ୍ର ସ୍ୱର୍ଣ୍ଣ ପଦକ, ସୌମ୍ୟଶ୍ରୀପ୍ରିୟ ଦର୍ଶିନୀ ସାହୁ ଓ ଆଦିତ୍ୟ କୁମାର ନାଏକ ରାଜ୍ୟ ଟପ୍ପର ହୋଇଥିବାରୁ ସେମାନଙ୍କୁ ପୁରସ୍କାର ବାବଦରେ ଅର୍ଥରାଶି, ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଦଶପଲ୍ଲାରେ ମୋ ଗୁରୁ ମୋ ଈଶ୍ୱର କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା : ୫।୯( ପ୍ରକାଶ କୁମାର ପାଣି )

ମଙ୍ଗଳବାର ଦଶପଲ୍ଲା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଶିକ୍ଷାନୁଷ୍ଠାନଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲାର ନେତାଜୀ ମୈଦାନରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବ୍ଲକ୍‌ର କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାୟ ୨୫୦ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର, ଉପାୟନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ଶାଳା, ଏନ୍‌ଏସି ଅଧ୍ୟକ୍ଷା ଇଂ. ପୁନମ୍ ପ୍ରିୟଦର୍ଶିନୀ, ଏନ୍‌ଏସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଲକ୍ଷ୍ମୀଧର ସାହୁ ଗୁରୁଦିବସର ମହତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କବି ତଥା ଗାଳ୍ପିକ ହାଡିବନ୍ଧୁ ମହାକୁଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅଧ୍ୟାପକ ଚୟନ ପ୍ରକ୍ରିୟାରେ ଅନିୟମିତତା ନେଇ ଅଭିଯୋଗ

### ନୀଳମାଧବ ମହାବିଦ୍ୟାଳୟ

ଖଣ୍ଡପଡା,୫।୯(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ସମ୍ପ୍ରତି ଜଣେ ଅଧ୍ୟାପକ ପଦବୀ ପୂରଣ ପାଇଁ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଆବେଦନକାରିଣୀ ସୌମ୍ୟାଶ୍ରୀ ମହାରଣା ନୟାଗଡ଼ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ନୀଳମାଧବ ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ଆବଶ୍ୟକ ଥିବା ୮ଜଣ ଅଧ୍ୟାପକ ପଦବୀ ପାଇଁ ଅଗଷ୍ଟ ୨୭ରେ ଇଣ୍ଟର ଭିୟୁ କରାଯାଇଥିଲା। ଏହି ପ୍ରକ୍ରିୟାରେ ଚୟନ ପ୍ରକ୍ରିୟା ଶେଷ ହୋଇ ୭ ଜଣଙ୍କୁ କଣ୍ଟ୍ରାକ୍ଟୁଆଲ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଅଧ୍ୟାପକ ପଦବୀ ପାଇଁ ନିଯୁକ୍ତି ପତ୍ର ଦିଆଯାଇ ନ ଥିବା ଜଣାଯାଇଛି। ତେବେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଅଧ୍ୟାପକ ପଦବୀ ନିମନ୍ତେ ହୋଇଥିବା ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠାଇଛନ୍ତି ଆବେଦନକାରିଣୀ ମହାରଣା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜିତ କୁମାର ତ୍ରିପାଠୀଙ୍କ ଜ୍ଞାତସାରରେ ଅଧ୍ୟାପକ ଚୟନ ପ୍ରକ୍ରିୟାରେ ଯୋଗ୍ୟ ପ୍ରାର୍ଥିନୀଙ୍କୁ ବାଦ ଦିଆଯାଇଥିବା ଅଭିଯୋଗ ଉଠିଛି। ଅଭିଯୋଗକାରିଣୀ ସୌମ୍ୟାଶ୍ରୀ ଏ ସମ୍ପର୍କରେ ନୟାଗଡ଼ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣାଯାଇଛି। ସୌମଶ୍ରୀ ଗତ ୮ ମାସ ହେଲା ଉକ୍ତ ମହାବିଦ୍ୟାଳୟରେ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗରେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିବାରେ ସୌମ୍ୟାଶ୍ରୀ ଉକ୍ତ ପଦବୀ ନିମନ୍ତେ ଅବେଦନ କରିବା ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଗ୍ରନ୍ଥଗାର ଓ ସୂଚନା ବିଜ୍ଞାନ ପାଠ୍ୟକ୍ରମରେ ସୌମ୍ୟାଶ୍ରୀ ସ୍ନାତକ ଓ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ ହେଁ ବିଭିନ୍ନ ଆଳ ଦେଖାଇ ଚୟନକାରୀମାନେ ତାଙ୍କୁ ବାଦ ଦେଇଥିବା ଅଭିଯୋଗ ହେଉଛି। ଉପଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ଅଭିଯୋଗର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜିତ କୁମାର ତ୍ରିପାଠୀଙ୍କୁ ପଚାରିବାରେ ଇଣ୍ଟରଭିୟୁରେ ବସିଥିବା କ୍ୟାରିୟର ଆସେଶମେଣ୍ଟ ମାର୍କିଂ କମିଟିର ଚୟନ ପ୍ରକ୍ରିୟା ଅନୁସାରେ ନିଷ୍ପତ୍ତି ନିଆଯାଇଛି। ଅଧ୍ୟାପକ ଚୟନ ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

## ଗୁରୁଦିବସରେ ଡ.ସୁରେଶ ବରାଡ଼ଙ୍କ ପୁସ୍ତକ ଗୁରୁ ଉନ୍ମୋଚିତ



ଗୁରୁ କବିତାପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ।

ଶରଣକୁଳ, ୫।୯ (ଦୀପକ କର)

ନୟାଗଡ଼ ଶରଣକୁଳ ନିକଟସ୍ଥ ପଞ୍ଚିରିଡ଼ା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ମଙ୍ଗଳବାର ଗୁରୁଦିବସ ଅବସରରେ ଆୟୋଜିତ ଉତ୍ସବରେ କବି ତିଳକ ଡ଼. ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ ଗୁରୁ ଉନ୍ମୋଚିତ ହୋଇଯାଇଛି।

ଏଥିନିମନ୍ତେ ଲଡ୍ଡୁବାବା ସାହିତ୍ୟ ସଂସ୍କୃତି ପରିଷଦ ତଥା ଲୋକ ନୋଡ଼ାଲ ବିଦ୍ୟାପୀଠ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଥମେ ଅତିଥିମାନେ ମହାପ୍ରଭୁ ଜଗନ୍ନାଥ ଓ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଛାତ୍ରୀମାନେ ଗୁରୁ ବନ୍ଧନା ତଥା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗୁରୁ ଦିବସ ତଥା ପୁସ୍ତକ ଉନ୍ମୋଚନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଭାଗବତ ଆଶ୍ରମର ମଠାଧୀଶ ବାବାଜୀ ଭଗବାନ ଦାସ ଉଦାସୀନ ମହାରାଜା ଯୋଗଦେଇଥିଲେ। ସେ କହିଥିଲେ ଗୁରୁ ନାରଦଙ୍କ କରୁଣାରେ କିପରି ମାର୍କଣ୍ଡ ଋଷିଙ୍କର ଉଦ୍ଧାର ହୋଇଥିଲା ତାହା ବର୍ଣ୍ଣନା କରିବା ଛଳରେ କବିତା ପୁସ୍ତକ ଗୁରୁ ସମାଜରେ ଲୋପ ପାଇବାକୁ ବସିଥିବା ଗୁରୁ ଶିଷ୍ୟ ସମ୍ପର୍କକୁ ଉଦ୍‌ଜୀବିତ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ମୁଖ୍ୟ ତଥା ପ୍ରାଧ୍ୟାପକ ଡ଼.ଗୋବିନ୍ଦ ଚନ୍ଦ୍ର ଦାଶ କହିଥିଲେ, ନୟାଗଡ଼ ସାରସ୍ୱତ ଭଣ୍ଡାରକୁ କବିଙ୍କର ଦାନ ପ୍ରଶଂସା ଯୋଗ୍ୟ। ତାଙ୍କର ପୂର୍ବ ପ୍ରକାଶିତ ଲଡ୍ଡୁବାବା ବିଳାସ ପରେ କୁସୁମୀ କବିଙ୍କର ଭକ୍ତିପ୍ରାଣତାର ଅନନ୍ୟ ଉଦାହରଣ। ସେ କହିଥିଲେ ତାଙ୍କ ଉପରେ ଗୁରୁଙ୍କର ଅହେତୁକ କୃପା ଯେ ରହିଛି ତାହାର ପ୍ରମାଣ ଏ ଗ୍ରନ୍ଥ ଗୁରୁ। ସମ୍ମାନିତ ଅତିଥି ଭାବେ ଖବରଦାତା ସତ୍ୟନାରାୟଣ ମିଶ୍ର ଛାତ୍ରୀଛାତ୍ରଙ୍କୁ ଗୁରୁଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିବାକୁ କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଭଗବାନ ପ୍ରଧାନ କବିଙ୍କର ଉତ୍ତୋରତ୍ତର ସାରସ୍ୱତ ଉନ୍ନତି କାମନା କରିଥିଲେ। ଗୁରୁ ଦିବସ ନିମନ୍ତେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ସଫଳତା ପ୍ରାପ୍ତ କରିଥିବା ୨୧ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

### ଆରକ୍ଷୀ ଅଧୀକ୍ଷକଙ୍କ ଶେରଗଡ ଥାନା ପରିଦର୍ଶନ

ଶେରଗଡ,୫।୯(ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ସୋମବାର ଶେରଗଡ ଥାନା ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଥାନାର ସ୍ଥିତି, ଥାନା ପରିସର ବୁଲି ଦେଖିଥିଲେ। ଥାନାର ଏସଆଇ ସତ୍ୟଜିତ ବଣିଆଙ୍କୁ ଥାନାର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଥାନା ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ଶୀଘ୍ର ନୂଆଁ ଥାନା ଅଧିକାରୀ ଦିଆଯିବ ବୋଲି କହିଥିଲେ। ଥାନାରେ ସୁସ୍ଥ ପରିବେଶ ସହ ଥାନା ଲୋକ ମାନଙ୍କ ହିତ ପାଇଁ କାମ କରିବାକୁ ଉପସ୍ଥିତ ଥାନାର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସମୟରେ ଏସଡିପିଓ ଉମାଶଙ୍କର ସିଂ ସମେତ ଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୁରୁ ପୂଜା

ଜି ଉଦୟଗିରି,୫।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଗୁରୁକୂଳ ଇଂରାଜୀ ବିଦ୍ୟାଳୟ ତରଫରୁ ମଙ୍ଗଳବାର ଗୁରୁ ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିଶିର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଯୋଗଦେଇ ପ୍ରାଚୀନ ଗୁରୁ ପରମ୍ପରା ଓ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରୀଷ୍ଣଙ୍କ ଜୀବନୀ ସମ୍ପର୍କରେ କହିଥିଲେ।

## ୩୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା




ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

ଓଡ଼ଗାଁ, ୫।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବିଜୁ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଗୁରୁ ଦିବସ ଅବସରେ ବିଧାୟକଙ୍କ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବିଧାୟକ ଅରୁଣ କୁମାର ସାହୁ ସମବେତ ସମସ୍ତ ଆବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷକଙ୍କ ଅବସର ନ ଥିବା କହିବା ବେଳେ ସେମାନେ ଜ୍ଞାନର ଭଣ୍ଡାର ବୋଲି ଅବିହିତ କରିଥିଲେ। ସେମାନେ ସେମାନଙ୍କ ଅନୁଭୁତିରୁ କିଛି କିଛି ଲେଖି ଏହାକୁ ଯୁବ ପିଢିଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାକୁ ସେ ଆହ୍ୱାନ କରିଥିଲେ। ଏହାର ପ୍ରିଂଟି ଓ ଆଗାମୀ ଗୁରୁଦିବସ ପୂର୍ବରୁ ପ୍ରକାଶନ ଦାୟିତ୍ୱ ସେ ନିଜେ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଓଡ଼ଗାଁ ବ୍ଲକ ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିର୍ବାଚିତା ମହିଳା ସଦସ୍ୟାମାନେ ଫୁଲ ଚନ୍ଦନ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୂର୍ବତନ କଲେଜ ଅଧ୍ୟକ୍ଷ ଅଧିବାସ ପଣ୍ଡା, ପୂର୍ବତନ ଶିକ୍ଷା ଅଧିକାରୀ ଦାମୋଦର ଖିଲାର, ବୃନ୍ଦାବନ ରାଉତ, ଲଡୁକିଶୋର ସାହୁ ଓ ଶାନ୍ତିପ୍ରିୟା ଦେବୀ ଶିକ୍ଷକତା ଓ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀଙ୍କ ପରିବେଶ ସମ୍ବନ୍ଧୀୟ ବାର୍ତ୍ତା ପ୍ରଚାରରେ ପ୍ରମୁଖ ଯୋଗଦାନ ନିମନ୍ତେ ସ୍ଥାନୀୟ ସମସ୍ତ ଖବରଦାତାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନଙ୍କ ସମେତ ବିଜେଡି କାର୍ମକର୍ତ୍ତା ନିତ୍ୟାନନ୍ଦ ପ୍ରଧାନ, ବିଷ୍ଣୁପ୍ରସାଦ ସାହୁ ଓ କେତେଜଣ ନିର୍ବାଚିତ ପ୍ରତିନିଧି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ ମାଟିରେ ନ ମିଶିବାରୁ କମୁଛି ଭୂତଳ ଜଳସ୍ତର

- ବର୍ଜ୍ୟବସ୍ତୁ ପରିଚାଳନାରେ ପଛରେ ରହିଛି କେନ୍ଦ୍ରାପଡ଼ା
- ପ୍ରଚାରରେ ସୀମିତ ରହିଛି ପ୍ଲାଷ୍ଟିକ, ପଲିଥିନ ବର୍ଜନ
- ପୋତିହେଉଛି ଗୋବରୀ ନଦୀ, କେନାଲ ଜଳପଥ

**କେନ୍ଦ୍ରାପଡ଼ା, ୫।୯ (ଜଗନ୍ନାଥ ଧଳ)**


କେନ୍ଦ୍ରାପଡ଼ା ସହରର ଗୋବରୀ କେନାଲରେ ପ୍ଲାଷ୍ଟିକ ଆବର୍ଜନା।

ପ୍ଲାଷ୍ଟିକ ମାଟିରେ ନ ମିଶିବାରୁ ଭୂତଳ ଜଳସ୍ତର କମିବାରେ ଲାଗିଛି। ତେଣୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ସାରାଦେଶରେ ୨୦୧୬ ଅକ୍ଟୋବର ୨ରୁ ବର୍ଜବସ୍ତୁ ପରିଚାଳନା ଆଇନକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାର ପରିଚାଳନାରେ କେନ୍ଦ୍ରାପଡ଼ା ପୌର ପ୍ରଶାସନ ପଛରେ ପଡ଼ିଛି। ଏ ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଆଇନ ପ୍ରଣୟନର ୭ ବର୍ଷ ମଧ୍ୟରେ ଏହା କେବଳ ପ୍ରଚାରରେ ସୀମିତ ରହିଛି। ଗୋବରୀ ନଦୀ ଓ କେନାଲ ଏବେ ବର୍ଜ୍ୟବସ୍ତୁରେ ଭର୍ତ୍ତି ହୋଇ ଜଳପଥ ପୋତି ହେଉଛି। ସେହିପରି ସହରର ଡ୍ରେନରେ ଏହି ସାମଗ୍ରୀ ପଡ଼ି ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି।

ଏ ସମ୍ପର୍କରେ ଖଡ଼ିଅଙ୍ଗର ମନୋଜ କୁମାର ସିଂହ କହିଛନ୍ତି, ୧୫୪ ବର୍ଷର ପୁରୁଣା ଏହି ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଢଙ୍ଗରେ ହୋଇପାରୁନାହିଁ। ପୂର୍ବରୁ ଗୋବରୀ ନଦୀ ଓ କେନାଲ ଜଳକୁ ସ୍ନାନ ଶୌଚ ଆଦିରେ ବ୍ୟବହାର କରାଯାଉଥିଲା। ଏବେ ଏହି ଦୁଇ ଜଳପଥ ଅଳିଆ ଆବର୍ଜନାରେ ଭରିଯାଇଛି। ଘରୋଇ ଅଶୌଚ କାର୍ଯ୍ୟରେ ନଦୀ ଜଳ ବ୍ୟବହାର କରାଯାଉଛି। ମାତ୍ର ଏହି ଜଳ ପ୍ରଦୂଷିତ ହୋଇଥିବାରୁ ସ୍ନାନ କଲେ ଶରୀର କୁଣ୍ଡାଇ ହେଉଛି। ବହୁଦିନ ଧରି ଏହି ଜଳ ଉପରେ ଚିଙ୍ଗୁଡିଆ ଦଳ ଭରି ରହିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଏହାକୁ ସଫା କରିବାକୁ ବ୍ୟଗ୍ର ନୁହନ୍ତି। ଫଳରେ ବର୍ଷାଦିନେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସାମାଜିକ କର୍ମୀ ସେକ୍ ସାବିର କହିଛନ୍ତି, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରାପଡ଼ା ସହର ପାଇଁ ସମସ୍ୟା ସୃଷ୍ଟି କରିଛି। ଜଣେ ଲୋକ ଦିନକୁ ହାରାହାରି ୫୦୦ ଗ୍ରାମର ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ ଆଦି) ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ବେଳେ ମାସକୁ ସହରରେ ୭୫ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ ବହୁ ପାଇଖାନାର ପାଇପ ମୁହଁ ଗୋବରୀ ନଦୀ ଓ କେନାଲକୁ ରହିଛି। ୨୦୧୬ରେ ପ୍ଲାଷ୍ଟିକ ବର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ପ୍ରଶାସନିକ ଅବହେଳା କାରଣରୁ କିଛିଦିନ ପରେ ଏ ନେଇ ଗୁରୁତ୍ୱ ରହିଲା ନାହିଁ। ଫଳରେ ବ୍ୟବସାୟ ଅନୁଷ୍ଠାନଠାରୁ ଆରମ୍ଭ କରି ଘରେ ପ୍ଲାଷ୍ଟିକ ଥଳିର ବ୍ୟବହାର ପୁନର୍ବାର ବଢ଼ିଯାଇଛି। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। କିଛି ବୁଲା ଗୋରୁ ଓ କୁକୁର ଖାଦ୍ୟ ସାମଗ୍ରୀ ସହିତ ପ୍ଲାଷ୍ଟିକକୁ ଗିଳି ଦେଉଛନ୍ତି। ଏହି ପ୍ଲାଷ୍ଟିକ ସମ୍ପୃକ୍ତ ଜୀବଜନ୍ତୁଙ୍କ ପାକସ୍ଥଳୀକୁ ଯାଇ ବିପଦ ସୃଷ୍ଟି କରୁଛି। ସେହିପରି ପ୍ଲାଷ୍ଟିକ ମାଟିରେ ମିଶି ପାରୁ ନ ଥିବାରୁ ବର୍ଷା ଜଳ ଭୂଗର୍ଭକୁ ଯାଇପାରୁନାହିଁ। ଫଳରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ଆଗାମୀ ଦିନରେ ଏହା ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସହରର ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ଏଥିସହ ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୌତମ


@ ପ୍ରସନ୍ନ


@ ମନୋଜ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପାରାଦୀପ ରିଫାଇନେରି ଫାଟକ ଆଗରେ ସନ୍ଦିଗ୍ଧ ଆଟାଚି


ସନ୍ଦିଗ୍ଧ ଆଟାଚିକୁ ଯାଞ୍ଚ କରାଯାଉଛି।

**ପାରାଦୀପ,୫।୯(ଶରତ ରାଉତ)**

ପାରାଦୀପ ରିଫାଇନାରୀ ମୁଖ୍ୟ ଫାଟକ ଆଗରେ ମଙ୍ଗଳବାର ସକାଳୁ ଏକ ସନ୍ଦିଗ୍ଧ ଆଟାଚି ଦେଖି ବୋମା ଆଶଙ୍କା ସୃଷ୍ଟି ହୋଇଥିଲା। ପରେ ଆଟାଚି ରଖିଥିବା ଲୋକ ଆସିବା ପରେ ତାହା ଗୁଜବ ଥିଲା ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ରିଫାଇନାରି ମୁଖ୍ୟ ଫାଟକ ପାଖ ପାର୍କିଂ ଅଞ୍ଚଳରେ ଏକ ଆଟାଚି ଗତ ସୋମବାର ରାତିରୁ ରହିଥିବା ଚର୍ଚ୍ଚା ହୋଇଥିଲା। ଏଥିରେ ବୋମା ଥିବା ସନ୍ଦେହ କରି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ସଂସ୍ଥା ସିଆଇଏ ସ୍କ୍ୱାଡ୍ ଜରିଆରେ ଯାଞ୍ଚ କରାଯାଇଥିଲା। ଏଥିସହ ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚି ଯାଇଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରି ଦିଆଯାଇଥିଲା। ଏହି ସମୟରେ ଜଣେ ଯୁବକ ପହଞ୍ଚି ଆଟାଚି ତାଙ୍କର ବୋଲି ଦାବି କରିବା ସହ ଉଠାଇ ଆଣିଥିଲେ।

**ସୁରକ୍ଷାକର୍ମୀ ନାକେଦମ**

ତାଙ୍କୁ ସଙ୍ଗେ ସଙ୍ଗେ ସିଆଇଏସ୍ଏଫ୍ ଓ ପୋଲିସ ନିଜ ହେପାଜତକୁ ନେଇ ସତ୍ୟାସତ୍ୟ ଯାଞ୍ଚ କରିଥିଲା। ଆଟାଚି ଖୋଲିବା ପରେ ସେଥିରେ ରେଡିଓଗ୍ରାଫି ଟେଷ୍ଟିଂ ଉପକରଣ ଥିଲା। ପ୍ଲାଷ୍ଟିକ ସୂତା, ରେଞ୍ଚି, ସାଲୱାର ଟେପ୍ ଆଦି ଥିଲା। ସମ୍ପୃକ୍ତ ଯୁବକ ହେଲେ ଦେବବ୍ରତ ପଣ୍ଡା। ତାଙ୍କ ଘର କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶୁଖିଲେଶ୍ୱର ଗ୍ରାମରେ। ସେ ଏକ ଠିକାସଂସ୍ଥା ଅଧୀନରେ କାମ କରନ୍ତି। ସୋମବାର ସନ୍ଧ୍ୟାରେ ଡ୍ୟୁଟି ସାରି ଫେରିବା ବେଳେ ପାର୍କିଂ ପାଖରେ ଆଟାଚି ରଖି ପଳାଇଥିବା କହିଛନ୍ତି। ପୋଲିସ ଦେବବ୍ରତଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଡାକ୍ତରଙ୍କୁ ମାଡ଼: ୩ ଯୁବକ ଗିରଫ

**ଧର୍ମଶାଳା,୫।୯(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର ଛକ ନିକଟରେ ଜଣେ ଡାକ୍ତରଙ୍କୁ ମାଡ଼ମାରିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମଙ୍ଗଳପୁର ଗ୍ରାମର ଦେବାଶିଷ ସାମଲ, ଅଜିତ କୁମାର ସାହୁ ଓ ଅଭିଜିତ ମହାନ୍ତି। ରବିବାର ନେଉଳପୁର ନିକଟରେ ଗିରଫ ଅଭିଯୁକ୍ତମାନଙ୍କ ସହ ସ୍ଥାନୀୟ ଲୋକମାନଙ୍କ ବଚସା ସହ ମାଡ଼ଗୋଳ ହୋଇଥିଲା। ଏଥିରେ ଡାକ୍ତର ସତ୍ୟବ୍ରତ ଜେନା ହସ୍ତକ୍ଷେପ କରିଥିଲେ। ତେଣୁ ଅଭିଯୁକ୍ତମାନେ ସୋମବାର ଡାକ୍ତରଙ୍କୁ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ସମ୍ପୃକ୍ତ ଡାକ୍ତର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୫୪୨/୨୩ ରୁଜୁ କରି ତଦନ୍ତ ଚଳାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ଲଙ୍ଗଳେଶ୍ୱର,୫।୯(କମଳାକାନ୍ତ ଦାସ):** ବାଲିଆପାଳ ଥାନା ଅଧୀନ ଛଡ଼ା ଗ୍ରାମର ଶମ୍ଭୁନାଥ ମାଝି (୩୨) ମଙ୍ଗଳବାର ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶମ୍ଭୁନାଥ ଦୀର୍ଘ ଦିନ ଧରି ମାନସିକ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମାତ୍ର ମଙ୍ଗଳବାର ମାନସିକ ଭାରସାମ୍ୟ ହରାଇ ହଠାତ୍ ଅପରାହ୍ନରେ ଘର ଭିତର ଥିବା ଏକ କାଠ କଡ଼ିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର ଟାଉନ,୫।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଫାଷ୍ଟଟ୍ରାକ୍ ଆଡ୍‌ହକ୍ ଏଡିଜେ ପୋକ୍ସୋ କୋର୍ଟ ବିଚାରପତି ଶରତ ଚନ୍ଦ୍ର ଦେହୁରି ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ସେ ତାଙ୍କ ରାୟରେ ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଜାନୁୟାରୀରେ ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳର ସମ୍ପୃକ୍ତ ୧୦ମ ଶ୍ରେଣୀ ନାବାଳିକା ଛାତ୍ରୀ ଘରେ ଶୋଇଥିଲେ। ଏହି ସମୟରେ ଉକ୍ତ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଚନ୍ଦନ ଓରଫ୍ ଅର୍ଜୁନ ପାତ୍ର (୩୨) ଆସି ପୀଡ଼ିତାଙ୍କ ପାଟିରେ ଗାମୁଛା ଭିଡି ତାଙ୍କୁ ଘରୁ ନେଇଯାଇଥିଲେ। ଏକ ଅଜଣା ଜାଗାରେ ରଖି ତାଙ୍କୁ ୩ଦିନ ଧରି ବଳାତ୍କାର କରିଥିଲେ। ପରେ ନିଜ ଘରକୁ ନେଇ ସେଠାରେ ୩ମାସ ରଖି ବଳାତ୍କାର କରିବା ସହ ନିର୍ଯାତନା ଦେଇଥିଲେ। ପୀଡ଼ିତା କୌଶଳକ୍ରମେ ୨୦୧୬ ମାର୍ଚ୍ଚ ୬ ତାରିଖ ରାତିରେ ଖସି ପଳାଇ ଆସି ତାଙ୍କ ପିଉସା ଘରେ ଆଶ୍ରୟ ନେଇଥିଲେ। ପରେ ୧୩ତାରିଖରେ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଜେଲ୍‌ରେ ରହି ସଜା କାଟୁଛନ୍ତି। ୧୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ବୟାନ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରୁଥିଲେ।

## ଗାଧୋଇବାକୁ ଯାଇ ନଦୀରେ ବୃଦ୍ଧା ନିଖୋଜ

**କଳିଙ୍ଗନଗର,୫।୯(ଶୁଭାଶିଷ ରାଉତ):** ଟମକା ଥାନା ଓସ୍ତପାଳ ପଞ୍ଚାୟତ ମାନତିରି ଗ୍ରାମର ବୃଦ୍ଧା ଜୟନ୍ତୀ ବେହେରା (୬୦) ମଙ୍ଗଳବାର ପୂର୍ବାହ୍ନରେ କୁସେଇ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଛନ୍ତି। ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସେ ନଦୀ ସ୍ରୋତରେ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସନ୍ଧ୍ୟାସୁଦ୍ଧା ଜୟନ୍ତୀଙ୍କ ଖୋଜ ଖବର ମିଳିନ ଥିଲା। ଖବର ଲେଖାହେବାବେଳକୁ ଅଗ୍ନିଶମ ବାହିନୀ ଓ ଟମକା ପୋଲିସ ପକ୍ଷରୁ ତାଙ୍କୁ ଖୋଜାଖୋଜି ଜାରି ରହିଥିଲା।

# ମା' ଭିକ୍ଷା ମୁଠେ ମିଳୁ ବଦଳରେ ମା' ଦକ୍ଷିଣା କିଛି ମିଳୁ

**ମାଗଣା ଚାଉଳରେ ଧର୍ମ ନାହିଁ ଏଣୁ ଦକ୍ଷିଣା ଦେଲେ ଧର୍ମ ଅଛି**

**ପାଟକୁରା, ୫।୯ (ରବୀନ୍ଦ୍ର ନାଥ ବାରିକ)**


ଭିକାରୀ ଜଣକ ହାତରେ ଦକ୍ଷିଣା ଧରିଛନ୍ତି।

ସରକାର ଗରିବ ହଟାଇବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ଯୋଜନାର ସୁଫଳ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚି ପାରୁନି। ଭିକ୍ଷା ବୃତ୍ତି ଭଳି ଏକ ଲଜ୍ଜାଜନକ ବୃତ୍ତି ଏବେ ସୁଦ୍ଧା ସମାଜରେ ଚାଲିଛି। ଭିକାରୀଙ୍କୁ ମୁଠେ ଚାଉଳ ଦେଲେ ଧର୍ମ ହୋଇଥାଏ ବୋଲି ବିଶ୍ୱାସ ଅଛି। ହେଲେ ଭିକାରୀମାନେ ଆଉ ଚାଉଳ ନେଉନାହାନ୍ତି। ଚାଉଳ କିଏ ବୋହି କରି ନେବ ବୋଲି ପ୍ରଶ୍ନ କରୁଛନ୍ତି। ମାଗଣା ଚାଉଳ ବଦଳରେ କିଛି ଟଙ୍କା ଦକ୍ଷିଣା ଦେଲେ ମଙ୍ଗଳ ହେବ ବୋଲି କହୁଛନ୍ତି। ସରକାରୀ ମାଗଣା ଚାଉଳ ଉପରେ ଭିକାରୀଙ୍କର ଏଭଳି ଧାରଣା ସୃଷ୍ଟି ହେବା ଖାଦ୍ୟ ନିରାପତ୍ତା ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ଜଣେ ଭିକାରୀ ବେଡ଼ାରୀ ଗ୍ରାମରେ ଭିକ୍ଷାରେ ଚାଉଳ ନେବାକୁ ମନା କରିବାରୁ ଏହି ପ୍ରସଙ୍ଗ ଉଠିଥିଲା। ପାଟକୁରା ଅଞ୍ଚଳରେ ଭିକାରୀମାନେ ଭିକ୍ଷାରେ ପରିବର୍ତ୍ତନ ଆଣିଛନ୍ତି। ସେମାନେ ଏଣିକି ଭିକ୍ଷାରେ ଚାଉଳ ମୁଠେ ନ ନେଇ କିଛି ଟଙ୍କା ଦକ୍ଷିଣା ନେଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ସକ୍ଷମମାନଙ୍କୁ କର୍ମ ସଂସ୍ଥାନ ଏବଂ ଅକ୍ଷମମାନଙ୍କୁ ସରକାର ଭତ୍ତା ଦେବାର ବ୍ୟବସ୍ଥା କରି ଏହି ନିୟମକୁ କଡ଼ାକଡି ଭାବେ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହେଉଛି। ଫଳରେ ସମାଜରୁ ଭିକ୍ଷା ବୃତ୍ତି ଉଠିଯିବ।

# ଭୁଶୁଡ଼ିଲା ବିଜୁସେତୁ ସଂଯୋଗୀକରଣ ରାସ୍ତା

**ଡେରାବିଶ, ୫।୯ (ବେବର୍ତ୍ତା ଅଜୟ ଦାସ)**

- କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ
- ରାସ୍ତାର ଉଭୟ ପାର୍ଶ୍ୱରେ ଫାଟ
- ନବନିର୍ମିତ ସେତୁର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଡେରାବିଶ ବ୍ଲକ ଅନ୍ତର୍ଗତ ବେଲାରପୁର ହଳଦିଆ ରାସ୍ତା ଚାଟରାଚକଡା ପଞ୍ଚାୟତ ଅଧୀନ ଫକିରାବାଦ ଗ୍ରାମ ଦେଇ ବହି ଯାଇଥିବା ୧୯ ନଂ. ଡ୍ରେନେଜ କଟ୍ ଉପରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ରାହ୍ମଣୀ ତୁଠ ନିକଟରେ ବିଜୁ ସେତୁ ନିର୍ମିତ ହୋଇଥିଲା। ଏହି ସେତୁ ନିର୍ମାଣ କାର୍ଯ୍ୟ ଓ ସଂଯୋଗୀକରଣ ରାସ୍ତାର ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାର୍ଯ୍ୟ ପାଇଁ କୌଣସି ସୂଚନା ଫଳକ ବିଭାଗ ପକ୍ଷରୁ ସେଠାରେ ନ ଥିବାରୁ ଏହି କାର୍ଯ୍ୟ କେତେ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ସେ ବିଷୟରେ ସାଧାରଣ ଲୋକଙ୍କ ନିକଟରେ କୌଣସି ସୂଚନା ନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଲେ କୌଣସି ଉତ୍ତର ଦେଉନାହାନ୍ତି। ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ନାୟକ କହିଛନ୍ତି, ଏହି ସେତୁ କାର୍ଯ୍ୟ ଆରମ୍ଭରୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଝରେ ମଧୁଚନ୍ଦ୍ରିକାରେ ଅତି ନିମ୍ନମାନର କାର୍ଯ୍ୟ କରାଯାଇଛି। ଏ ବିଷୟରେ ଅଞ୍ଚଳବାସୀ ବିଭିନ୍ନ ସମୟରେ ପ୍ରଶାସନ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି ଆସିଥିଲେ। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେବେ ଠିକାଦାର ନିଜ ମନମାନିରେ ସେତୁ କାର୍ଯ୍ୟ ନିର୍ମାଣ କରିବା ସହ ବର୍ଷା ଦିନରେ ତରବରିଆ ଭାବେ ନିମ୍ନମାନର ମାଟି ପକାଇ ସେତୁର ଉଭୟ ପଟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାମ କରିଥିଲେ। ବିଭାଗୀୟ ଯନ୍ତ୍ରୀ ଏହାର ଗୁଣବତ୍ତା ପରୀକ୍ଷା କରି ନ ଥିଲେ। ସଂଯୋଗୀକରଣ ରାସ୍ତାକୁ ତରବରିଆ ଭାବେ ପିଚୁ କରାଯାଇଥିଲା। ଏପରି ତରବରିଆ ଓ ନିମ୍ନମାନର କାମକୁ ସ୍ଥାନୀୟ ଗ୍ରାମବାସୀ ଓ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ନିର୍ଭର କରୁଥିବା ଅଞ୍ଚଳବାସୀ ବିରୋଧ କରିଥିଲେ ସୁଦ୍ଧା ଠିକାଦାର ଏଥିପ୍ରତି ଭ୍ରୂକ୍ଷେପ କରି ନ ଥିବା ନାୟକ କହିଛନ୍ତି। ବର୍ଷା ପାଣିରେ ଏହି ସେତୁର ଉଭୟପଟ ସଂଯୋଗୀକରଣ ରାସ୍ତାରେ ଫାଟ ସୃଷ୍ଟି ହୋଇଥିଲା। ଏପରି କି ରାସ୍ତାର ଉଭୟପାର୍ଶ୍ୱରେ ହୋଇଥିବା ନିମ୍ନମାନର ପଥର ପ୍ୟାକିଂ ଅନେକ ସ୍ଥାନରେ ଫାଟି ଯାଇ ପଥର ବାହାରକୁ ବାହାରି ପଡ଼ିଛି। ରସ୍ତାର ଉଭୟପାର୍ଶ୍ୱରେ ଲାଗିଥିବା ଛୋଟ ଛୋଟ ଖମ୍ବଗୁଡ଼ିକ ତଳକୁ ଶୋଇଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଠିକାଦାର ଓ ବିଭାଗ ନାମକୁ ମାତ୍ର ବିଭିନ୍ନ ଫାଟ ସ୍ଥାନରେ କ୍ରଶର ଗୁଣ୍ଡ ପକାଇ ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିଲେ। ହେଲେ ବର୍ତ୍ତମାନ ସମୟରେ ଚାଲିଥିବା ଲଗାଣ ବର୍ଷା ଯୋଗୁ ଉକ୍ତ ବିଜୁସେତୁ ସଂଯୋଗୀକରଣ ରାସ୍ତା ଭୁଶୁଡି ପଡିଛି। ଉଭୟ ପଟ ସଂଯୋଗୀକରଣ ରାସ୍ତାର ଅନେକ ସ୍ଥାନ ଦବି ଯିବା ସହିତ ଫାଟିଯାଇଛି ବୋଲି ଚାଟରାଚକଡା ପଞ୍ଚାୟତ ସମିତି ସଭ୍ୟ ନିରଞ୍ଜନ କର କହିଛନ୍ତି। ସେହିପରି ପୋଲ ଡଲେଇକୁ ଲାଗିଥିବା ସ୍ଥାନର ମାଟି ବର୍ଷାରେ ଧୋଇ ଯାଇଛି। ଫଳରେ ସଂଯୋଗୀକରଣ ରାସ୍ତାଟି ବିପଦ ସଙ୍କୁଳ ଅବସ୍ଥାକୁ ଆସିଯାଇଛି। ଏହି ରାସ୍ତାରେ ଯାତାୟାତ ପାଇଁ ସାଧାରଣ ଲୋକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଉକ୍ତ ପୋଲ ଓ ରାସ୍ତା ସମସ୍ୟାର ତାଳିପକା ସମାଧାନ ବା ଏହି ଘଟଣାକୁ ଲୁଚାଇବା ପାଇଁ ଠିକାଦାରଙ୍କ ପକ୍ଷରୁ ଉକ୍ତ ସ୍ଥାନରେ ଗୋଡି, ବାଲି, ମେଟାଲ ଓ କ୍ରଶର ଗୁଣ୍ଡ ପକାଯାଇ ରାତିଅଧିଆ କାମ କରାଯାଉଥିବା ନେଇ ସମିତିସଭ୍ୟ କର କହିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ ଏହି ବିଷୟରେ ସେ ଅବଗତ ଅଛନ୍ତି। ବର୍ଷା ଛାଡିବା ପରେ ସେତୁକୁ ସଂଯୋଗ କରିଥିବା ଉଭୟ ପାର୍ଶ୍ୱର ରାସ୍ତାକୁ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ବିଜୁ ସେତୁ ପାଖରେ ଗର୍ତ୍ତ ସୃଷ୍ଟି ହୋଇଛି।


ସେତୁକୁ ସଂଯୋଗ କରୁଥିବା ରାସ୍ତା ଭୁଶୁଡ଼ି ଫାଟ ସୃଷ୍ଟି ହୋଇଛି।

# ଭାଜପା ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ପଟ ପରିବର୍ତ୍ତନ

ନୟାଗଡ଼,୫।୯(ଲୋକନାଥ ମିଶ୍ର)


ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଶୋଭାଯାତ୍ରାରେ ଯାଉଛନ୍ତି।

■ବଦଳୁଛି ନୟାଗଡ ଭାଜପାର ରାଜନୈତିକ ଦୃଶ୍ୟପଟ
■ପ୍ରତ୍ୟୁଷା ସମର୍ଥନ ଗୋଟାଇ ଦଳକୁ କରୁଛନ୍ତି ମଜଭୁତ୍
■ବ୍ୟାଙ୍କ ଘର ଜବତ ପରେ ଇରାନୀଙ୍କୁ ଶନି ଦଶା
■ଭାଜପା ଗୋଷ୍ଠୀ କନ୍ଦଳର ଫାଇଦା ନେବାକୁ ବିଜେଡିର ରଣନୀତି

ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଭାଜପା ନେତ୍ରୀ ଇରାନୀ ରାୟଙ୍କ ଗୋଷ୍ଠୀକୁ ଛାଡ଼ି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଗୋଷ୍ଠୀର କାର୍ଯ୍ୟକ୍ରମରେ ଯୋଗଦେବା ପରେ ଭାଜପାର ନୟାଗଡ଼ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଦେଖା ଦେଇଛି। ଯାହାକି ଦଳୀୟ କନ୍ଦଳକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ଘର ଜବତ କରିବା ପରେ ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ ଓ ସ୍ତ୍ରୀ ଇରାନୀ ରାୟଙ୍କୁ ଶନି ଦଶା ପଡ଼ିଥିବା ଚର୍ଚ୍ଚା ହେଉଛି। ଏଭଳି ସମୟରେ ପ୍ରତ୍ୟୁଷା ନିଜ ପାଇଁ ସମର୍ଥନ ଗୋଟାଇ ଭାଜପାରେ ନିଜର ସ୍ଥିତିକୁ ମଜଭୁତ୍ କରିବାରେ ଲାଗି ପଡିଛନ୍ତି। ଯାହାକି ସମ୍ବିତଙ୍କ ସମର୍ଥନକୁ ନଜୀର ଭାବେ ନିଆଯାଇ ପାରେ। ଅନ୍ୟପକ୍ଷେ ଭାଜପାର ଗୋଷ୍ଠୀ ବିବାଦକୁ ନୟାଗଡ଼ ବିଜେଡି ନଜରରେ ରଖି ଦଳୀୟ ନେତା ଏହାର ଫାଇଦା ନେବାକୁ ଗୋଟି ଚାଳନା କରିବାରେ ଲାଗି ପଡ଼ିଛନ୍ତି।

ନୟାଗଡ଼ ନିର୍ବାଚନମଣ୍ଡଳୀରେ ଇରାନୀ ରାୟ ଭାଜପାର ସଙ୍ଗଠନକୁ ସୁଦୃଢ଼ କରି ଚାଲିଥିଲେ। ତେବେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ ଦେବା ପରେ ସମୀକରଣ ବଦଳି ଥିଲା। ୨୦୧୯ସାଧାରଣ ନିର୍ବାଚନରେ ଇରାନୀ ବିଜେଡି ନେତା ଅରୁଣ ସାହୁଙ୍କ ଠାରୁ ପରାସ୍ତ ହୋଇଥିଲେ। ପରେ ମଧ୍ୟ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଲାଗି ପଡିଥିଲେ। କେନ୍ଦ୍ରୀୟ ନେତା ଓ ରାଜ୍ୟସ୍ତରୀୟ ନେତାଙ୍କର ମଧ୍ୟ ଆର୍ଶିବାଦ ରହିଛି। ଇରାନୀଙ୍କ ସ୍ୱାମୀ ଲାଲା ମନୋଜ ରାୟ ଭାଜପାର ଜିଲା ସଭାପତି ଥିବାରୁ ତାଙ୍କର ଅସୁବିଧା ନ ଥିଲା। ତେବେ କିଛି ମାସ ହେଲା ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟୁଷା ସମାନ୍ତରାଳ ଭାବେ ସଙ୍ଗଠନ ଆରମ୍ଭ କରିଛନ୍ତି। ଗୋଟିଏ ଦଳରେ ଇରାନୀ ଓ ପ୍ରତ୍ୟୁଷା ଦୁଇ ନେତ୍ରୀ ପୃଥକ୍ ପୃଥକ୍ ସଙ୍ଗଠନ କରିବାରୁ ଦଳୀୟ କନ୍ଦଳ ଦେଖା ଦେଇଥିଲା। ଧୀରେ ଧୀରେ ଏ ବିବାଦ ଉଗ୍ରରୂପ ନେଉଥିଲା। ଇରାନୀଙ୍କ ଦଳୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତାଙ୍କୁ ଦେଖିବାକୁ ମିଳୁଥିଲା। ପ୍ରତିଟି ଦଳୀୟ କାର୍ଯ୍ୟକ୍ରମକୁ ନିଜେ ଇରାନୀ ପରିଚାଳନା କରୁଥିଲେ। ଏପରିକି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଇରାନୀଙ୍କ ଅଧିକାଂଶ କାର୍ଯ୍ୟକ୍ରମରେ ରହି ୨୦୨୪ ନିର୍ବାଚନରେ ସେ ଟିକେଟ ହାତେଇବେ ବୋଲି ମଧ୍ୟ କହିଛନ୍ତି। ପ୍ରତ୍ୟୁଷାଙ୍କ କାର୍ଯ୍ୟକ୍ରମରେ କେବଳ ନିଜର କର୍ମୀମାନଙ୍କୁ ଦେଖିବାକୁ ମିଳୁଥିଲା। ହେଲେ ମଙ୍ଗଳବାର ପ୍ରତ୍ୟୁଷାଙ୍କ ସ୍ୱାମୀ ପୂର୍ବତନ କନ୍ଧମାଳ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ଯୋଗ ଦେବା ପରେ ସବୁ କିଛି ଏପଟ ସେପଟ ହୋଇଯାଇଛି। ଇରାନୀଙ୍କ ଗୋଷ୍ଠୀ ପକ୍ଷରୁ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ହେମେନ୍ଦ୍ରଙ୍କ ଶ୍ରାଦ୍ଧ ବାର୍ଷିକୀକୁ ଯିବାକୁ ବାରଣ କରାଯାଇଥିଲା। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଏହାକୁ ଅଣଦେଖା କରିବାରୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ପରି ଘଟଣା ମଙ୍ଗଳବାର ଘଟିଛି। ଏ ନେଇ କେତେଜଣ ଭାଜପା କର୍ମୀ ନାମ ଗୋପନ ରଖି କହିଛନ୍ତି, ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଦେଖିଲେ ପ୍ରତ୍ୟୁଷାଙ୍କ ସପକ୍ଷରେ ଭଲ ହାୱା ରହିଛି। ସେ ଧୀରେ ଧୀରେ ଲୋକପ୍ରିୟ ହେଉଛନ୍ତି। ଇରାନୀଙ୍କୁ ସୁଯୋଗ ମିଳିଥିଲେ ମଧ୍ୟ ସେ ସଦୁପଯୋଗ କରି ପାରୁନାହାନ୍ତି। ନୟାଗଡ଼ ବିଧାୟକ ସାହୁଙ୍କୁ ହଟାଇବାକୁ ହେଲେ ନିର୍ବାଚନ ପୂର୍ବରୁ ପ୍ରତ୍ୟୁଷାଙ୍କୁ ସମର୍ଥନ କରିବାକୁ ପଡ଼ିବ। ଯାହାକି ଆଗାମୀଦିନରେ ଦଳ ପାଇଁ ଲାଭ ହେବ। ଏଣୁ ସେ ପଟ ପରିବର୍ତ୍ତନ କରି ବିଜେଡିକୁ ଦୁର୍ବଳ କରିବାକୁ ନୂଆ ରଣନୀତି ଆପଣେଇଛନ୍ତି। ଯାହାକି ସମୟ କହିବ ବୋଲି କହିଛନ୍ତି। ତେବେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତାଙ୍କ ଚିନ୍ତାଧାରକୁ ଇରାନୀ ଓ ଲାଲା ମନୋଜ ରାୟ ସହଜରେ ଗ୍ରହଣ କରିପାରୁନାହାନ୍ତି। ଯାହାକି ଇରାନୀଙ୍କୁ ଦୁର୍ବଳ କରିବା ଆରମ୍ଭ କରିଛି ବୋଲି କହିଛନ୍ତି। ଧୀରେ ଧୀରେ ପ୍ରତ୍ୟୁଷା ଆଗକୁ ବଢ଼ି ଦଳୀୟ ଟିକେଟ ହାତେଇବେ। ଇରାନୀ କିଛି କରିପାରବେ ନାହିଁ ବୋଲି କହିଛନ୍ତି। ଏ ନେଇ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ରଙ୍କୁ ପଚାରିବାରୁ କହିଥିଲେ, ମୁଁ ମୋ ଅଞ୍ଚଳ ନୟାଗଡକୁ ଆସିଛି। ରାଜ ପରିବାର ପକ୍ଷରୁ ନିମନ୍ତ୍ରଣ ପାଇ ଅଣରାଜନୈତିକ କାର୍ଯ୍ୟକ୍ରମ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୯ମ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଛି। ହେମେନ୍ଦ୍ର ସିଂଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଛି। ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ନେଇ ପଚାରିବାରୁ କହିଥିଲେ କାହିଁ କିଛି ତ ଅସୁବିଧା ନ ଥିଲା। କାର୍ଯ୍ୟକ୍ରମର ସବୁଠି ସ୍ନେହ ଓ ଆଦର ମିଳିଥିଲା ବୋଲି ସୂଚନା ଦେଇଥିଲେ। ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି, ଭାଜପା ଦଳରେ କିଛି କନ୍ଦଳ ନାହିଁ। ୨୦୧୯ରେ ଭାଜପାରେ ମୁଁ ମିଶିବା ପରେ ବିଧାୟକ ପ୍ରାର୍ଥୀଙ୍କୁ ସହଯୋଗ କରିଥିଲି। ମୋ ସ୍ୱାମୀ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ମୃତ୍ୟୁ ଏକ ପ୍ରଶ୍ନବାଚୀ ହୋଇ ରହିଯାଇଛି। ଯେଉଁ ଅନ୍ୟାୟ ଅତ୍ୟାଚାର ମୋ ସ୍ୱାମୀ ଓ ମୋ ପ୍ରତି କରାଯାଇଛି ତା'ର ଉଚିତ ଜବାବ ମୋ ପ୍ରିୟ ନୟାଗଡ଼ବାସୀ ଆଗାମୀଦିନରେ ଦେବେ ବୋଲି କହିଛନ୍ତି। ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟଙ୍କୁ ପଚାରିବାରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଇରାନୀ ରାୟ ସଙ୍ଗଠନକୁ ମଜଭୁତ କରି ରଖିଛନ୍ତି। ପଞ୍ଚାୟତ, ପୌର ନିର୍ବାଚନରେ ମଧ୍ୟ ଦଳ ପାଇଁ ସଙ୍ଗଠନ କରିଛନ୍ତି। ତେବେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର କେଉଁଥି ପାଇଁ ଆମକୁ ନ ଜଣାଇ ଦଳର କ୍ଷତି ଚିନ୍ତା କରୁଥିବା ନେତ୍ରୀଙ୍କ ସହ କାର୍ଯ୍ୟକ୍ରମରେ ଯୋଗ ଦେଲେ ଜାଣିନାହାନ୍ତି। ଆମେ ଦଳ ପାଇଁ କାମ କରିଛୁ ଓ କରି ଚାଲିଥିବୁ ବୋଲି ସେ କହିଛନ୍ତି।

# ପଡୋଶୀ ଦମ୍ପତିଙ୍କୁ ଆଜୀବନ କାରାଦଣ୍ଡାଦେଶ

ଓଡ଼ଗାଁ, ୫।୯
(ଆଦର୍ଶ କୁମାର ପଟ୍ଟନାୟକ)

**୩ ବର୍ଷର ଶିଶୁକନ୍ୟା ହତ୍ୟା ମାମଲା**

**ଉଭୟଙ୍କୁ ୧୫ ହଜାର ଟଙ୍କା ଲେଖା ଜରିମନା**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ସାକେରୀ ଗ୍ରାମରେ ୨୦୧୯ରେ ଘଟିଥିବା ବହୁ ଚର୍ଚ୍ଚିତ ୩ ବର୍ଷର ଶିଶୁ କନ୍ୟା ସୋନାଲୀ ନାୟକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ ଦମ୍ପତିଙ୍କୁ ମଙ୍ଗଳବାର ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ଉଭୟଙ୍କୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୯।୯।୨୦୧୯ ସାକେରୀ ହରିଜନ ସାହିର ରୀଲା ନାୟକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ୩ ବର୍ଷର ଶିଶୁ କନ୍ୟା ସୋନାଲୀ ଗାଁ ଦାଣ୍ଡରେ ପିଲାଙ୍କ ସହ ଖେଳୁଥିଲେ। ସେ ପୋଖରୀରୁ ଫେରିଲା ବେଳକୁ ତାଙ୍କ ଶିଶୁକନ୍ୟା ନିଖୋଜ ଥିଲେ। ସେ ଓ ତାଙ୍କ ପରିବାର ସଦସ୍ୟ ସବୁ ଆଡେ ଖୋଜାଖୋଜି କରିବାରେ ଝିଅକୁ ନ ପାଇବାରୁ ସେହିଦିନ ସ୍ଥାନୀୟ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୫/୨୦୧୯ରେ ମାମଲା ରୁଜୁ କରିବା ସହ ଏସ୍‌ଆଇ ସଞ୍ଜୟ କୁମାର ପରିଡାଙ୍କୁ ତଦନ୍ତ ଭାର ଦେଇଥିଲେ। ହେଲେ ନିଖୋଜର ୩ ଦିନ ପରେ ଅର୍ଥାତ ୧୨।୯।୨୦୧୯ରେ ନିଖୋଜ ସୋନାଲୀଙ୍କ ମୃତ ଶରୀର ଏକ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ସେହି ଗ୍ରାମର ସନ୍ତୋଷ ନାୟକଙ୍କ ବାଡି ପଟୁ ପୋଲିସ ଠାବ କରିଥିଲା। ପୋଲିସ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଥିବା ବେଳେ ସେହି ଗ୍ରାମର ମୁନା ନାୟକ ଓ ସ୍ତ୍ରୀ ସଞ୍ଜୁ ନାୟକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋନାଲୀଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ଅନ୍ୟ ଜଣକ ବାଡି ପଡେ ଫୋପାଡି ଦେଇଥିବା ଜାଣିବାକୁ ପାଇଥିଲା। ଫଳରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନେ ଅଦ୍ୟାବଧି ବିଚାର ବିଭାଗୀୟ ଜେଲ ହାଜତରେ ରହିଥିବା ଜଣାଯାଇଛି। ଅନ୍ୟପକ୍ଷେ ଏହି ମକଦ୍ଦମା ଏସଟି କେଶ ପଞ୍ଜୀକୃତ ହୋଇ ସ୍ଥାନୀୟ ଅତିରିକ୍ତ ଜିଲା ଜଜ୍‌ଙ୍କ ଅଦାଲତରେ ବିଚାର ଚାଲିଥିଲା। ୧୮ ଜଣ ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ମଙ୍ଗଳବାର ଓଡ଼ଗାଁ ଅତିରିକ୍ତ ଜିଲା ଜଜ୍ ମାନସ ରଞ୍ଜନ ରଥ ଉଭୟଙ୍କୁ ଭାରତୀୟ ପିଙ୍ଗଳ କୋଡ ଦଫା ୩୦୨, ୩୪ରେ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଲେଖା ଜରିମାନା। ଜରିମନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଏବଂ ଭାରତୀୟ ପିଙ୍ଗଳ କୋଡ ଦଫା ୨୦୧, ୩୪ ମତେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଲେଖା ଜରିମନା ଓ ଜରିମନା ଅନାଦେୟ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବା ପାଇ ରାୟ ପ୍ରଦାନ କରିଛନ୍ତି। ଏ ନେଇ ମାମଲାକୁ ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# କନ୍ଧମାଳର ପୂର୍ବତନ ଏମ୍‌ପି ହେମେନ୍ଦ୍ରଙ୍କ ଶ୍ରାଦ୍ଧବାର୍ଷିକୀ


କନ୍ଧମାଳର ପୂର୍ବତନ ଏମ୍‌ପି ହେମେନ୍ଦ୍ରଙ୍କ ଶ୍ରାଦ୍ଧାବାର୍ଷିକୀରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼,୫।୯ (ଲୋକନାଥ ମିଶ୍ର)

କନ୍ଧମାଳର ପୂର୍ବତନ ଏମ୍‌ପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ନବମ ଶ୍ରାଦ୍ଧବାର୍ଷିକୀ ନୟାଗଡ଼ ପୁରୁଣା ରାଜବାଟୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସମେତ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଜକୁମାର ଅରଣ୍ୟରାଜ କିଶୋର ସିଂ, ରାଜକୁମାରୀ ଦକ୍ଷ୍ୟାଣୀ ମଞ୍ଜରି ସିଂ ଯୋଗ ଦେଇଥିଲେ। ଏହି ଅବସରରେ ୬୦୦ରୁ ଉର୍ଦ୍ଧ୍ୱ ବାଇକ୍ ଏବଂ ୫୦ରୁ ଉର୍ଦ୍ଧ୍ୱ ୪ଚକିଆ ଯାନକୁ ନେଇ ଏକ ବିଶାଳ ଶୋଭାଯାତ୍ରା ନୟାଗଡ଼ ପୁରୁଣା ରାଜବାଟିଠାରୁ ସିନ୍ଦୁରିଆ ସ୍ଥିତ କୁମାର ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଥିଲା। ସେଠାରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସହର ପରିକ୍ରମା କରି ପୁରୁଣା ରାଜବାଟିଠାରେ ପହଞ୍ଚି ଥିଲେ। ପୁରୁଣା ରାଜବାଟୀଠାରେ ବେଦ, କୋରାନ ଓ ବାଇବେଲ ପାଠ ସହ ସ୍ମୃତିସଭା ଆରମ୍ଭ ହୋଇଥିଲା। ପରେ ନୟାଗଡ଼ର ବୁଦ୍ଧିଜୀବୀ, ରାଜନେତା ତଥା ବିଭିନ୍ନ ବକ୍ତାମାନେ ସ୍ୱର୍ଗତ ହେମେନ୍ଦ୍ରଙ୍କ ସ୍ମୃତିଚରଣ କରିଥିଲେ। ତେବେ ନିଜ ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବେ, ଭୟ ଓ ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ କରିବେ ବୋଲି ପ୍ରତ୍ୟୁଷା କହିଛନ୍ତି। ଅନ୍ୟପକ୍ଷେ ହେମେନ୍ଦ୍ର ଯେଉଁ ବିକାଶର ଆଶା ନେଇ ପରିବର୍ତ୍ତନର ଆହ୍ୱାନର ନାରା ଦେଇଥିଲେ ସେହି ନାରାକୁ ସତ୍ୟରେ ପରିଣତ କରାଇବା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ଏହି ସ୍ମୃତି ସଭାରେ ବରିଷ୍ଠ ନେତା ନସିର ଅହମ୍ମଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ, କୃଷକ ନେତା ସନ୍ତୋଷ ପ୍ରଧାନ, କୃପାସିନ୍ଧୁ ଗୌଡ, ସୌମ୍ୟରଞ୍ଜନ ପ୍ରଧାନ, ଦିଲୀପ ବେହେରା, ଆରତି ଗୌଡ, ଧରିତ୍ରୀ ସେଠୀ, ଇଟିରିର ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ପାଳ, ସୂର୍ଯ୍ୟମଣି ବେହେରା, ନୃସିଂହ ଚରଣ ମହାପାତ୍ର, ରଞ୍ଜନ କୁମାର ପଣ୍ଡା, ନୟାଗଡ଼ ପୌରାଞ୍ଚଳ ମଣ୍ଡଳ ସଭାପତି ସନ୍ତୋଷ ରାଉତରାୟ, ବସନ୍ତ ପଟ୍ଟନାୟକ ପ୍ରମୁଖଙ୍କ ସମେତ ନୟାଗଡ଼ର ୨୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ଆଇନଜୀବୀ ତଥା ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ହେମେନ୍ଦ୍ର ସେନା ନୟାଗଡ଼ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରୁ ୩୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କକୁ ପ୍ରଦାନ କରାଯାଇଛି। ସେହିଭଳି ସୋଲପଟାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଶ୍ରମଠାରେ କୁମାର ସାହେବଙ୍କ ସ୍ମୃତିସଭା ସାମାଜିକ କର୍ମୀ ଲକ୍ଷ୍ମଣ ଜେନାଙ୍କ ଉଦ୍ୟମରେ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୪ଟାରେ ରାଣି ମା' ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ସମ୍ବିତ ପାତ୍ର ସୋଲପଟା ଆଶ୍ରମରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗୌରବ


@ ପ୍ରସନ


@ ମନୋଜ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରୋହିବାଙ୍କ ସରପଞ୍ଚଙ୍କ ଗିରଫ ଦାବିରେ ରାସ୍ତାରୋକୋ

ଓଡ଼ଗାଁ, ୫।୯
(ଆଦର୍ଶ କୁମାର ପଟ୍ଟନାୟକ)


ରୋହିବାଙ୍କଠାରେ ୨୧ ନଂ ରାଜ୍ୟ ରାଜପଥକୁ ଅବରୋଧ କରାଯାଇଛି।

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରୋହିବାଙ୍କ ସରପଞ୍ଚଙ୍କ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ପଞ୍ଚାୟତରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସେ ଦେଢ ମାସ ପୂର୍ବେ ଏକ ଆପାରାଧିକ ମାମଲାରେ ଛନ୍ଦି ହୋଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିବା କହୁଛି। ହେଲେ ଅଦ୍ୟାବଧି ଗିରଫ କରିନାହିଁ। ଏ ନେଇ ପୂର୍ବରୁ ବ୍ଲକ ଓ ଜିଲା କଂଗ୍ରେସ କମିଟି ଥାନା ଘେରାଉ କରାଯାଇଥିବା ବେଳେ କୌଣସି ସୁଫଳ ମିଳିନାହିଁ। ଏପରିସ୍ଥିତିରେ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ସରପଞ୍ଚ ମହନ୍ତ ବେହେରାଙ୍କୁ ଗିରଫ କରିବା ସହ ଅନ୍ୟ ୫ ଦୁର୍ନୀତି ଅଭିଯୋଗ ନେଇ ଆନ୍ଦୋଳନ ଓ ରୋହିବାଙ୍କ ବନ୍ଦ ଡାକରା ଦିଆଯାଇଥିଲା। ପୂର୍ବ ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନରେ ଭାଜପା ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ରୋହିବାଙ୍କ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ନାରାବାଜି କରିବା ସହ ସେହି ରାସ୍ତା ଦେଇ ଯାଇଥିବା ୨୧ ନଂ. ରାଜ୍ୟ ରାଜପଥ ଅବରୋଧ କରିଥିଲେ। ହେଲେ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ, ଓଡ଼ଗାଁ ଆଇଆଇସି ରଶ୍ମୀରଞ୍ଜନ ସାହୁ ପୋଲିସ ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ଆଇନ ଅନୁଯାୟୀ ଅଭିଯୁକ୍ତ ସରପଞ୍ଚ ବେହେରାଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ପ୍ରତିଶ୍ରୁତି ଦେବାରେ ରାସ୍ତାରୋକୋ ହଟିବା ସହିତ ଗମନାଗମନ ସ୍ୱାଭାବିକ ହୋଇଥିଲା। ହେଲେ ପୋଲିସ କହିବା ଅନୁସାରେ, ମାତ୍ର ୨୦ରୁ ୨୫ ମିନିଟ୍ ପାଇଁ ରାସ୍ତାରୋକୋ ହୋଇଥିବା ବେଳେ ଉଭୟପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ଭାଜପା ନେତ୍ରୀ ରାୟଙ୍କ ସହ ସ୍ଥାନୀୟ ଦଳୀୟ କର୍ମୀମାନେ ଆନ୍ଦୋଳରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ର ଭାତହାଣ୍ଡିରେ ପଡ଼ି ଶିଶୁ ଗୁରୁତର

ନୂଆଗାଁ, ୫।୯(ଧନେଶ୍ୱର ସାହୁ)



ନୂଆଗାଁ-୨ ଅଙ୍ଗନୱାଡି କେନ୍ଦ୍ର।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ-୨ ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ଶିଶୁମାନଙ୍କ ପାଇଁ ରୋଷେଇ ଚାଲିଥିବା ଭାତହାଣ୍ଡିରେ ପଡି ଜଣେ ଶିଶୁ ଗୁରୁତର ହୋଇଛନ୍ତି। ଅଙ୍ଗନୱାଡି କର୍ମୀ ଆହତ ଶିଶୁକୁ ପ୍ରଥମେ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ପରିବାର ଲୋକେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ସେଠାରେ ଶିଶୁଟିର ଚିକିତ୍ସା ଚାଲିଥିବା ସୂଚନା ମିଳିଛି।

ସୂଚନା ମୁତାବକ, ନୂଆଗାଁ-୨ ଅଙ୍ଗନୱାଡି କେନ୍ଦ୍ରଟି ମୁଦୁରାଙ୍ଗଠାରେ ଅବସ୍ଥିତ। ଉକ୍ତ କେନ୍ଦ୍ରକୁ ମୋଟ ୯ ଜଣ ଶିଶୁ ଆସୁଥିବା ବେଳେ ସେମାନଙ୍କ ଦାୟିତ୍ୱ ନେବା ପାଇଁ ଜଣେ କର୍ମୀ ଓ ଜଣେ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଛି। ଶିଶୁମାନଙ୍କୁ ଘରୁ କେନ୍ଦ୍ରକୁ ନେବା ଓ କେନ୍ଦ୍ର ଛୁଟି ପରେ ସେମାନଙ୍କୁ ଆଣି ଘରେ ପହଞ୍ଚାଇବା ସମ୍ପୃକ୍ତ କର୍ମୀ ଓ ସହାୟିକାଙ୍କର ଦାୟିତ୍ୱ। ତେବେ ଏହି କେନ୍ଦ୍ରରେ ମଙ୍ଗଳବାର ୪ ଜଣ ଶିଶୁ ରହିଥିବା ବେଳେ ଅସାବଧାନତା ଯୋଗୁ ଭାତ ରୋଷେଇ ହେଉଥିବା ବେଳେ ଜଣେ ଶିଶୁ ଭାତ ଡେକଚିରେ ପଡି ଯାଇଥିଲେ। ଶିଶୁଟିକୁ ଗୁରୁତର ଅବସ୍ଥାରେ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ହେବା ପରେ ପରିବାର ଲୋକ ପ୍ରଥମେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ଶିଶୁ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ପରିବାର ଲୋକେ କହିଛନ୍ତି। ଘଟଣା ସଂକ୍ରାନ୍ତରେ ଖବରପାଇ ଅଙ୍ଗନୱାଡି ସୁପରଭାଇଜର ମମତା ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କେନ୍ଦ୍ର ବନ୍ଦ ହୋଇ ସାରିଥିଲା। ଏ ସମ୍ପର୍କରେ ଜାଣିବା ପାଇଁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରେ ସେ କିଛି ନ କହି ଫୋନ କାଟି ଦେଇଥିଲେ। ଏ ନେଇ ନୂଆଗାଁ ବ୍ଲକ ସିଡିପିଓ ଶୁଭ୍ରାକେଶୀ ମଲ୍ଲିକଙ୍କୁ ପଚାରିବାରେ, ଶିଶୁଟି କିଭଳି ଭଲ ଚିକିତ୍ସା ପାଇ ଶୀଘ୍ର ସୁସ୍ଥ ହେବ ସେଥିପାଇଁ ଚେଷ୍ଟା କରୁଛୁ। ଅଫିସ କର୍ମଚାରୀଙ୍କ ସହ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତ ଶିଶୁଙ୍କ ଭଲମନ୍ଦ ବୁଝି ଆସିବି ବୋଲି ସେ କହିଛନ୍ତି। ତେବେ ଅଙ୍ଗନୱାଡି କର୍ମୀ ଓ ସହାୟିକା ନିଜର କର୍ତ୍ତବ୍ୟ ସୁଚାରୁରୂପେ ତୁଲାଉ ନ ଥିବା ଓ ସେମାନଙ୍କ କାର୍ଯ୍ୟକୁ ଅଧିକାରୀମାନେ ତଦାରଖ କରୁ ନ ଥିବା କାରଣରୁ ଏପରି ଅଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ବୈଷ୍ଣବୀ ଓ ସୋନାଲିକା
ପରିବାରବର୍ଗ


କ୍ରିଷ୍ଣୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ସବ ପାଳିବାକୁ ଆସି ଫସିଲେ ୭୦ ହଜାର ଲୋକ

**ୱାଶିଂଟନ**

ନିକଟରେ ଏକ ଉତ୍ସବ ପାଳନ କରିବାକୁ ଯାଇ ସେଠାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଫସି ଯାଇଛନ୍ତି। ଆମେରିକାର ନେୱଡା ରାଜ୍ୟରେ ବର୍ନିଂ ମ୍ୟାନ୍ ଉତ୍ସବ ଆୟୋଜିତ ହୋଇଥାଏ। ଉତ୍ସବକୁ ମନାଇବାକୁ ୭୦ ହଜାରରୁ ଅଧିକ ଲୋକ ଏଠାରେ ପହଞ୍ଚିଥିଲେ। ହେଲେ ସେମାନେ ଏବେ ଏଠାରେ ଫସି ଯାଇଛନ୍ତି। ଦକ୍ଷିଣ ନେୱଡାର ଏକ ମରୁଭୂମିରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ହେଲେ ସେଠାରେ ୨-୩ ଘଣ୍ଟା ବର୍ଷା ହେଲା। ଫଳରେ ମରୁଭୂମିର ବାଲି କାଦୁଅରେ ପରିଣତ ହୋଇଯିବାରୁ ଲୋକେ ସେହି କାଦୁଅରେ ଫସି ଯାଇଛନ୍ତି। କେହି ଚାଲିବାକୁ ସକ୍ଷମ ନୁହନ୍ତି। ଉତ୍ସବରେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଅନେକ କୋଟିପତି ମଧ୍ୟ ଯୋଗ ଦେଇଥାନ୍ତି। ଏପରି ହେବା ଯୋଗୁ ଉତ୍ସବକୁ ବନ୍ଦ କରିଦିଆଯାଇଛି। ଏହା ପୂର୍ବରୁ ୨୦୧୮ରେ ହୋଇଥିବା ଏହି ଉତ୍ସବରେ କିଛି ଅଘଟଣ ଘଟିଥିଲା। ଫଳରେ ଲୋକଙ୍କ ଆସିବାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ଏହାଛଡ଼ା କରୋନା ମହାମାରୀ ସମୟରେ ମଧ୍ୟ ଏହି ଉତ୍ସବକୁ ୨ ଥର ବନ୍ଦ କରାଯାଇଛି। ଆମେରିକାର ଲ୍ୟାଣ୍ଡ ମେଜରମେଣ୍ଟ ବ୍ୟୁରୋର କହିବା ମୁତାବକ, ଅଧିକ କାଦୁଅ ହୋଇଯିବାରୁ ସେଠାରେ ଗାଡ଼ି ଚାଲିବା କଷ୍ଟକର ହୋଇପଡ଼ିଛି। ଆଗକୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଲୋକେ ତାଙ୍କ ପାଖରେ ଖାଦ୍ୟ ଓ ପାଣି ବଞ୍ଚାଇ ରଖିବାକୁ ଅନୁରୋଧ କରାଯାଇଛି। ଏପରି ଅବସ୍ଥା ସତ୍ତ୍ୱେ ଲୋକେ ମଜା କରିବାରେ ଲାଗି ପଡ଼ିଛନ୍ତି। ଏହି ଉତ୍ସବ ନେୱଡା ବ୍ଲାକ ରୋଡ୍ ସହରରେ କରାଯାଏ। ଏହି ମରୁଭୂମି ଦୁନିଆର ସବୁଠୁ ଖରାପ ମରୁଭୂମି ମଧ୍ୟରୁ ଅନ୍ୟତମ। ଏଠାକୁ କେବଳ ଏମର୍ଜେନ୍ସି ସମୟରେ ସେବା ଯୋଗାଇଦେଉଥିବା ଲୋକ ହିଁ ଆସିଥାନ୍ତି। ଏହାଛଡ଼ା ଏହି ମରୁଭୂମିରେ ଅନ୍ୟ ଲୋକଙ୍କ ପ୍ରବେଶ ନିଷେଧ। ଏହି ଉତ୍ସବର ଆରମ୍ଭ ୧୯୯୦ରେ ହୋଇଥିଲା। ସେତେବେଳେ ଉତ୍ସବକୁ କେବଳ ୮୦ ଜଣ ଲୋକ ହିଁ ଆସୁଥିଲେ। ପରେ ୧୯୯୩ରେ ଲୋକଙ୍କ ସଂଖ୍ୟା ବଢ଼ି ହଜାରରେ ପରିଣତ ହେଲା। ଉତ୍ସବ ଆମେରିକାର ଛୁଟି ସମୟରେ ଆୟୋଜିତ ହୋଇଥାଏ। ଉତ୍ସବରେ ଲୋକ ମୋବାଇଲ ଓ ସୋସିଆଲ ମିଡିଆଠାରୁ ଦୂରରେ ରହି ପରିବାର ସହ ନାଚ ଗୀତ କରି ଗୋଟେ ସପ୍ତାହ ବିତାଇଥାନ୍ତି। ଲୋକେ ଉତ୍ସବର ଶେଷ ଦିନ ଏଠାରେ ନିଜେ ପ୍ରସ୍ତୁତ କରିଥିବା କଳାକୃତିକୁ ପୋଡିଥାନ୍ତି। ଫଳରେ ନିଜ ଭିତରେ ଥିବା ଅହଂକାରକୁ ଦୂରେଇ ପାରିବେ। ଏଥିପାଇଁ ଉତ୍ସବର ନାମ ଏପରି ରଖାଯାଇଛି।



# ଶୁଟିଂ ବେଳେ ଶୁଣିଥିଲେ ଗାଳି


କ୍ରୀତି ସାନନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ନିକଟରେ ଚଳଚ୍ଚିତ୍ର 'ମିମି' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ କ୍ରୀତି ଏକ ସାକ୍ଷାତ୍‌କାରରେ ତାଙ୍କ ପୁରୁଣା ଦିନକୁ ମନେପକାଇଛନ୍ତି। ସେ ମୁମ୍ବାଇରେ ଗ୍ରାଜୁଏଟ ମ୍ୟାନେଜମେଣ୍ଟ ଆଡ୍‌ମିଶନ ଟେଷ୍ଟ ପ୍ରସ୍ତୁତିର କୋଚିଂ ନେଉଥିଲେ। ସେତେବେଳେ ସେ ଏକକାଳୀନ ଚଳଚ୍ଚିତ୍ର ଏବଂ ମଡେଲିଂରେ ପ୍ରବେଶ ପାଇଁ ବି ପ୍ରସ୍ତୁତ ହେଉଥିଲେ। ତାଙ୍କର ପ୍ରଥମ ରାମ୍ପ ଶୋ'ର ଅନୁଭୂତି ବାବଦରେ ସେ କହିଛନ୍ତି। ତାହା ତାଙ୍କ ପାଇଁ ବେଶ୍ କଷ୍ଟଦାୟକ ଥିଲା। ସେ କିଛି ଭୁଲ କରିଥିଲେ। ଏଥିପାଇଁ ଜଣେ ମହିଳା କୋରିଓଗ୍ରାଫର ତାଙ୍କୁ ପ୍ରାୟ ୫୦ଜଣ ମଡେଲଙ୍କ ସାମ୍ନାରେ ତାଙ୍କୁ ଅତି କଠୋର ଭାବରେ ଗାଳି କରିଥିଲେ। ସେ ସେତେବେଳେ ବହୁତ କାନ୍ଦିଥିଲେ। ବହୁତ ମନଦୁଃଖ ବି ହୋଇଥିଲା। ସେ ସବୁକିଛି ଛାଡ଼ି ଘରେ ପହଞ୍ଚି ମା'ଙ୍କୁ ସବୁ କହିଥିଲେ। ହେଲେ ସେ ପରେ ମନକୁ ଦୃଢ଼ କରି ପୁଣି ତାଙ୍କ ଲକ୍ଷ୍ୟସ୍ଥଳକୁ ଫେରିଥିଲେ। ଏହାପରେ ସେ ଆଉ ସେହି କୋରିଓଗ୍ରାଫର ସହ କେବେ କାମ କରିନାହାନ୍ତି ବୋଲି କହିଛନ୍ତି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କୈଳାସ କର**
ଆର୍ବିଭାବ : ୨୮/୩/୧୯୫୫
ତିରୋଧାନ : ୨୭.୦୮.୨୦୨୩

ଗତ ୨୭ ତାରିଖ (ରବିବାର)ରେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଆପଣ ଏ ଦୁନିଆରୁ ଚିର ବିଦାୟ ନେଇଗଲ। ଆପଣଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଆମକୁ ସତ୍‌ପଥରେ ଯାତ୍ରୀ କରୁ। ଆଜି ଏକାଦଶାହରେ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ :
ଅଭିଷେକ କର, ରୁଚିତା କର, ରବି ଶାନ୍ତନୁ
ଡ଼ା. ଶ୍ୱେତା କର, ଡ଼ା. ସମିତ ଦାସ ଏବଂ ପରିବାରବର୍ଗ
ଧ-୧୨୨୬


# ସବୁଠୁ ମହଙ୍ଗା ଛେନା



**ନୂଆଦିଲ୍ଲୀ**

ଦୁନିଆର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଛେନା ଉତ୍ପାଦନ ହୋଇଥାଏ। ସେହି ଅନୁସାରେ ତା'ର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ଉତ୍ତର ସ୍ପେନ୍‌ରେ ଏକ ପ୍ରକାରର ନୀଳ ଛେନାର ନିଲାମି ନିକଟରେ ଦୁନିଆର ସବୁଠୁ ମହଙ୍ଗା ଛେନା ହେବାର ରେକର୍ଡ ଭାଙ୍ଗିଛି। ପ୍ରତିବର୍ଷ ଅଗଷ୍ଟରେ ସ୍ପେନ୍‌ର ଲସ୍ ଏରେନାସରେ ଏକ ଉତ୍ସବ ଆୟୋଜନ କରାଯାଏ। ଯେଉଁଠାରେ ଛେନାର ନିଲାମି ହୁଏ। ସେଠାରେ ଲାଗୋର ଦି କଲୋଟୋ ନାମକ ଏକ ରେଷ୍ଟୁରାଣ୍ଟ ୨.୨ କି.ଗ୍ରା. ଓଜନର ଛେନା ୩୦ ହଜାର ୟୁରୋ ଅର୍ଥାତ୍ ୨୭ ଲକ୍ଷ ଟଙ୍କାରେ କିଣିଛି। ଉକ୍ତ ରେଷ୍ଟୁରାଣ୍ଟ କହିଛି, ଏହି କାବ୍ରାଲେସ ଛେନାର ଖାସ୍ କଥା ହେଉଛି, ଏହାକୁ ହାତରେ ପ୍ରସ୍ତୁତ କରାଯାଏ। ତେବେ ୧ କି.ଗ୍ରା. ଛେନାର ଦାମ୍ ୧୩ ଲକ୍ଷ ହେବ। ୪ କି.ଗ୍ରା. ଛେନାର ମୂଲ୍ୟ ୫୨ ଲକ୍ଷ ହେବ। ଗତଥର ଏହି ରେକର୍ଡ ୨୦୧୯ରେ ହୋଇଥିଲା। ସେତେବେଳେ ୨ କି.ଗ୍ରା. ଛେନାର ମୂଲ୍ୟ ୨୦,୫୦୦ ୟୁରୋ ଅର୍ଥାତ୍ ୧୮ ଲକ୍ଷ ୨୫ ହଜାରରେ ନିଲାମ ହୋଇଥିଲା। ଏହି ଛେନା ପ୍ରସ୍ତୁତ ପାଇଁ ଗାଈ ଏବଂ ଛେଳିର କ୍ଷୀରକୁ ଲସ୍ ପିକୋସ ଦି ୟୁରୋପା ପାହାଡ଼ର ଗୁମ୍ଫାରେ କିଛି ମାସ ପାଇଁ ରଖାଯାଏ। ଏହି ଛେନା ଗାଈର କଞ୍ଚା କ୍ଷୀର ନଚେତ୍ ଛେଳିର କ୍ଷୀରରେ ପ୍ରସ୍ତୁତ କରାଯାଏ। ପାହାଡ଼ ଗୁମ୍ଫାରେ ୭ ଡିଗ୍ରୀ ସେଲ୍‌ସିୟସ୍‌ରେ ଏକ ନୀଳ ରଙ୍ଗର ଆବରଣ ସୃଷ୍ଟି ହୁଏ।

# ଅମିଶାଙ୍କ କନ୍ୟାଦାନ କରିବାକୁ ଚାହୁଁଥିଲେ ସଞ୍ଜୟ ଦତ୍ତ



**ମୁମ୍ବାଇ:** 'ଗଦର ୨'ର ଅଭିନେତ୍ରୀ ଅମିଶା ପଟେଲ ନିକଟରେ ଏକ ସାକ୍ଷାତକାରରେ ଅଭିନେତା ସଞ୍ଜୟ ଦତ୍ତଙ୍କ ବିଷୟରେ କିଛି କହିଛନ୍ତି। ସଞ୍ଜୟ ତାଙ୍କ ପାଇଁ ୨୦ ବର୍ଷ ହେବ ଉପଯୁକ୍ତ ସାଥୀ ଖୋଜୁବାକୁ ଚେଷ୍ଟା କରୁଛନ୍ତି। ଏଥିସହ ଅମିଶା ସାଦା ସିଧା, ସରଳ, ଏହି ଇଣ୍ଡଷ୍ଟ୍ରି ପାଇଁ ସେ ଠିକ ବୋଲି ସଞ୍ଜୟ କୁହନ୍ତି। ହେଲେ ଯେତେବେଳେ ଅମିଶା ବିବାହ କରିବେ, ତାଙ୍କ କନ୍ୟାଦନ ସଞ୍ଜୟ କରିବାକୁ ଚାହାନ୍ତି ବୋଲି ଅମିଶା କହିଛନ୍ତି। ତେବେ ଅମିଶା ଅଭିନୀତ ଗଦର ୨ ଏବେ ୫୦୦ କୋଟି କ୍ଲବରେ ପହଞ୍ଚି ଦର୍ଶକଙ୍କ ହୃଦୟକୁ ଜିତି ପାରିଛି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Handsome Brahmin boy 1993, 5'9" B.Tech, MS Serving Engineer USA. Only Son- "SUNASANSAR". 9937512659, 8249969649. D-75210

**GROOM WANTED**

Beautiful Kshyatriya girl 1998, 5'4" M.A., Ph.D. Serving Lecturer Govt. College, Bhubaneswar, "SUNASANSAR". 9937512659, 8249969649. D-75209

Wanted Groom for Beautiful Kayastha Bengali girl 34/5'3" M. Tech working as Teaching Professional, Call / Whatsapp- 9337240881. D-1205

Age-34, Government ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8658267680. D-1224

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

**SALE**

Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162. D-1222

14000sqft. commercial plot for sale at- Dhauli Square, Bhubaneswar, Contact:- 7008381162. D-1223

Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162. D-1221

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208


FOR RENT

Ground floor, 2BHK, 1BHK plot No-9 Neelakantha Nagar near DAV School, Nayapalli, BBSR, Mob- 9078706109. D-1202


Healthcare

Newly open spa positively health benefits with expert therapist. 9938843929. D-75145

Spa Kerala body Massage only best Therapist @699/- Bhubaneswar. 9337672475. D-1199

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Relax, Refresh your body, Mind at Saikrupa Spa with best therapies. 8984068077. D-1190

Home service full body massage only for female Whatsapp 9777267601, 7853083303. D-1219

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା**



**କ୍ରିଷ୍ଣୁ**
ନେରଡ଼ା, ଭଦ୍ରକ
ଆଜି ତୋର ପ୍ରଥମ ଜନ୍ମଦିନରେ "ମାଁ" ସୁନାମୀଙ୍କ ନିକଟରେ ତୋର ଦୀର୍ଘ ଉଜ୍ଜ୍ୱଳମୟ ଜୀବନ କାମନା କରୁଛୁ।
:ଶୁଭ ଆଶୀର୍ବାଦ ସହ: ବାବା, ମାମା ଆଇ, ଜେଜେ, ଜେଜେମା', ମାମୁ, ମଉସା, ମାଉସୀ, ଭାଇ, ଭଉଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୭୩୩୯୮

**LOST**

I, Susama Meher, D/o- Minaketan Meher, R/o. Badabazar, P.O./ P.S.-Sonepur, Dist.- Subarnapur declare that I am the owner of land Khata No.- 1098, Plot No.-491, Area Ac.0.120 re. The original ROR and original Sale Deed (Doc. No.-3289/1991, Volume-93) has been misplaced somewhere between my home and Sonepur Bus Stand. After thorough search I could not found the same. D-1220

**LEGAL NOTICE**

IN THE COURT OF ADDITIONAL COMMISSIONER, CONSOLIDATION & SETTLEMENT, SAMBALPUR.
Consolidation Revision Case No.311/2021
Radharani Jena & 8 others .....Petitioners.
Vrs.
State (Tahasildar, Sambalpur) & another ....Opposite Parties.

To,
Vundavali Veer Venkata Jaganadhan, S/o Late Veer Raju, At: Gujatal, P.S.: Hirakud, District: Sambalpur
NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE 1908.

The above Petitioner has filed the above noted case against you for recording of case land on the basis of Sale Deed No.17 dated 10.3.1977 relating to M.S Khata No.46, Plot No.473 with an area of Ac.0.230 and Plot No.474 with an area of Ac.0.440 corresponding to Hal Chaka Khata No. 55 Plot No.517 with an area of Ac.0.500 of Mouza- Lamdunguri under Sambalpur Tahasil of Sambalpur District and you are avoiding to receive the Notices, you are hereby directed to appear in this Court in person or by a pleader duly instructed on 18th day of October 2023 at 10.30 A.M. by filing counter to said revision case, failing which the said revision case will be heard and determined you as Ex-parte.

Given under my hand and Seal of the Court this the 1st day of September, 2023.
Sd./- Additional Commissioner, Consolidation & Settlement, Sambalpur.
D-1225




ମଙ୍ଗଳବାର ଗୁରୁ ଦିବସ ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ଓଡ଼ିଶାର ଶଶିଶେଖର କରଶର୍ମା, ସୁବାସ ଚନ୍ଦ୍ର ରାଉତ, ସୁନିତା ସିଂ, ରବିନାରାୟଣ ସାହୁ। ନିକଟରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ।

# ୭୫ଜଣଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ

## ଓଡ଼ିଶାରୁ ୪

ଭୁବନେଶ୍ୱର, ୫।୯(ଅସମାପିକା ସାହୁ)

ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୭୫ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩' ମିଳିଛି। ଗୁରୁଦିବସ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୫୦ଜଣ ସ୍କୁଲ ଶିକ୍ଷକ, ଉଚ୍ଚଶିକ୍ଷା ବିଭାଗର ୧୩ଜଣ ଶିକ୍ଷକ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୨ଜଣ ଶିକ୍ଷକ ରହିଛନ୍ତି। ଓଡ଼ିଶାର ୪ଜଣ ଶିକ୍ଷକ ଏହି ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବାବେଳେ ଦୁଇଜଣ ଶିକ୍ଷକ ଓ ଅନ୍ୟ ଦୁଇଜଣ ହେଉଛନ୍ତି ପ୍ରଶିକ୍ଷଣ ଅଧିକାରୀ। ଦୁଇ ଶିକ୍ଷକ ହେଲେ ଭଦ୍ରକ ଜିଲାର କେନ୍ଦୁଆପଡ଼ା ନୋଡାଲ ହାଇସ୍କୁଲର ଶିକ୍ଷକ ଶଶି ଶେଖର କର ଶର୍ମା ଓ ଜଗତ୍‌ସିଂହପୁର ଜିଲାର ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଏବଂ ଦୁଇ ପ୍ରଶିକ୍ଷକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ନିକଟସ୍ଥ ଖୁଦପୁରସ୍ଥିତ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ଆଇଟିଆଇ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ରବିନାରାୟଣ ସାହୁ ଓ ଭୁବନେଶ୍ୱରର ରାଜଭବନ ନିକଟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ(ଏଟିଓ) ସୁନୀତା ସିଂହ।

ସୂଚନାଯୋଗ୍ୟ, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପ୍ରତିବର୍ଷ ଗୁରୁ ଦିବସରେ ଏଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦେଶର ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷରୁ ଜାତୀୟ ଶିକ୍ଷକ ପୁରସ୍କାର ପରିସରକୁ ବ୍ୟାପକ କରାଯାଇ ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

# ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରିବ ଡବ୍ଲ୍ୟୁଓଡିସି

ଭୁବନେଶ୍ୱର,୫।୯(ଅନିଲ ଦାସ)

ନୂଆପଡ଼ା ଜିଲାରେ ଥିବା ତିଖାଲି ଡ୍ୟାମ୍ ପ୍ରକଳ୍ପର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ପୁଞ୍ଜି ନିବେଶ କରିବ। ସରକାରୀ-ଘରୋଇ ସହଭାଗିତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମଙ୍ଗଳବାର ଭର୍ଚୁଆଲରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଯୋଗଦେଇ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି ଯେ ଲୋୟର ଇନ୍ଦ୍ର ପ୍ରକଳ୍ପର ତିଖାଲି ଡ୍ୟାମ୍ ସୌନ୍ଦର୍ଯ୍ୟକରଣ କରାଗଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଅଞ୍ଚଳର ପ୍ରଗତି ସାଧିତ ହେବ। ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହେବେ। ବୋଟ୍ କ୍ଲବ୍, ଫ୍ଲୋଟିଂ ଜେଟି, ବୋଟିଂ, ଶୌଚାଳୟ, କାଫେ ଓ ଫୁଡ୍ ଲାଉଞ୍ଜ, ଷ୍ଟାଫ୍ କ୍ୱାର୍ଟର, ୱାଟର ସ୍ଲାଇଡ୍, ୱାଟର ପ୍ଲେ ମସ୍‌ରୁମ୍ ଆଦିର ବ୍ୟବସ୍ଥା କରାଯିବ। ପରିବେଶ ପର୍ଯ୍ୟଟନ ସହାୟତା କେନ୍ଦ୍ର, ୱାଟର ଫ୍ରଣ୍ଟ ଡେଭଲପମେଣ୍ଟ ଓ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ନେଇ ନୂଆପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୧୯ରେ ତିଖାଲି ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଇନ୍ଦ୍ର ନଦୀ ଉପରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ କୁମାର ମିଶ୍ର, ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏ, ବୈଷୟିକ ପରାମର୍ଶଦାତା ସୁନୀଲ ନାୟକ ଯୋଗଦେଇ ପ୍ରକଳ୍ପ ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ।

# ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ମାଓବାଦୀ ମୃତ

ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)



ଜବତ ମାଓବାଦୀ ସାମଗ୍ରୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହେବା ସହ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଜଗରଗୁଣ୍ଡା ଏରିଆ କମିଟି ଅନ୍ତର୍ଗତ ମାଓ ମିଲିସିଆ କ୍ୟାଡର ତାଡମେଟଲା ନିବାସୀ ସୋଡି ଦେବା ଓ ରବା ଦେବା।

ମାଲକାନଗିରି ଜିଲାକୁ ଲାଗିଥିବା ଛତିଶଗଡ଼ ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ତାଡ଼ମେଟଲା ଓ ଦୁଲେଡ ଜଙ୍ଗଲରେ ଜଗରଗୁଣ୍ଡା ଏରିଆ କମିଟିର ୧୦ ରୁ ୧୨ ମାଓବାଦୀ ଉପସ୍ଥିତ ଥିବା ସୂଚନା ପାଇ ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ମଙ୍ଗଳବାର ସକାଳ ପ୍ରାୟ ୬ ଟାରେ ପୋଲିସ ଉପରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଡିଆର୍‌ଜି ଓ ସିଆର୍‌ପିଏଫ୍ ବାହିନୀ ମଧ୍ୟ ଗୁଳି ଚଳାଇଥିଲେ। ପ୍ରାୟ ୨ ଘଣ୍ଟା ଧରି ଉଭୟ ପକ୍ଷ ଗୁଳି ବିନିମୟ ପରେ ଯବାନମାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ଜଙ୍ଗଲ ମଧ୍ୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସେହି ଅଞ୍ଚଳରେ ତଲାସି କରିବା ସମୟରେ ୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ।

ଏହି ଦୁଇଜଣଙ୍କ ଉପରେ ପୂର୍ବରୁ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହି ଦୁଇଜଣଙ୍କ ଉପରେ ଚିନ୍ତାଗୁଫା ଥାନାରେ ଜୁନ୍ ୨୮ ଦିନ ହୋଇଥିବା ଶିକ୍ଷକ କବାସୀ ସୁକା ଓ ବର୍ତ୍ତମାନ ତାଡମେଟଲା ପଞ୍ଚାୟତର ନାଏବ ସରପଞ୍ଚ ମାଡବୀ ଗଙ୍ଗାଙ୍କ ହତ୍ୟାରେ ସମ୍ପୃକ୍ତ ଥିବାରୁ ମାମଲା ଦାଏର ହୋଇଥିଲା। ଏଥିସହ ଜଙ୍ଗଲରୁ ଗୋଟିଏ ୧୨ ବୋର୍ ଡବଲ ବାରେଲ ରାଇଫଲ, ଗୋଟିଏ ପିସ୍ତଲ ସହ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିଲା। ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ଘଟଣା ଜଣାଯିବ ବୋଲି ପୋଲିସ କହିଛି।

# ସିବିଆଇ ଟିମ୍‌ରେ ଓଡ଼ିଆ ପୋଲିସ ଅଧିକାରୀ

## ମଣିପୁର ହିଂସାର ତଦନ୍ତ କରିବେ

ବାରିପଦା,୫।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମଣିପୁର ହିଂସା ଘଟଣାର ତଦନ୍ତ କରୁଥିବା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ସିବିଆଇ) ଟିମ୍‌ରେ ଜଣେ ଓଡ଼ିଆ ପୋଲିସ ଅଧିକାରୀଙ୍କୁ ସାମିଲ କରାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଇନ୍ସପେକ୍ଟର ବିଶ୍ୱ ପ୍ରକାଶ ରାଉତ। ଏ ନେଇ ସିବିଆଇ ପକ୍ଷରୁ ଓଡ଼ିଶା ପୋଲିସ ମୁଖ୍ୟାଳୟକୁ ଅବଗତ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମଧ୍ୟ ଜିଲା ଏସ୍‌ପିଙ୍କୁ ଚିଠି ନଂ.୧୩୮୩/୪।୯।୨୦୨୩ରେ ସୂଚନା ପ୍ରଦାନ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୁବ୍‌ଶୀଘ୍ର ତାଙ୍କୁ ସ୍ଥାନାନ୍ତର କରିବାକୁ ଚିଠିରେ ଉଲ୍ଲେଖ ରହିଛି ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଣିପୁର ହିଂସା ଘଟଣାରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସିବିଆଇ ଟିମ୍‌ରେ ୫୩ଜଣ ଅଧିକାରୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୨୯ଜଣ ମହିଳା ଅଧିକାରୀ ସାମିଲ ରହିଥିବା ବେଳେ ଓଡ଼ିଶା ପୋଲିସର ଜଣେ ମାତ୍ର ଇନ୍ସପେକ୍ଟର ରାଉତଙ୍କୁ ସାମିଲ କରାଯାଇଛି। ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ଜଣାଶୁଣା ଇନ୍ସପେକ୍ଟର ରାଉତଙ୍କୁ ସିବିଆଇ ଟିମ୍‌ରେ ସାମିଲ କରାଯାଇଥିବା ଖବର ପ୍ରଚାରିତ ହେବା ପରେ ଜିଲା ପୋଲିସ ମହଲରେ ଖୁସିର ଲହରି ଖେଳିଯାଇଛି। ଯାଜପୁର ଜିଲା ସଦର ଥାନା ବଡ଼ବାଗ ସାହିର ବିଶ୍ୱ ପ୍ରକାଶ ୨୦୧୨ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ଟ୍ରେନିଂ ସରିବା ପରେ ପ୍ରଥମେ କନ୍ଧମାଳ ଜିଲା ସଦର ଥାନାରେ ନିଯୁକ୍ତି ମିଳିଥିଲା। ପରେ ଇଓଡବ୍ଲ୍ୟୁ ଓ କ୍ରାଇମ୍ ବ୍ରାଞ୍ଚରେ ଉଲ୍ଲେଖନୀୟ କାର୍ଯ୍ୟକରି ସଫଳତା ହାସଲ କରିଥିଲେ। ତାଙ୍କ ବାପା ଓ ବଡ଼ଭାଇ ଅଗ୍ନିଶମ ବିଭାଗରେ ଚାକିରି କରୁଛନ୍ତି। ୨୦୨୧ରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ସେ ବିଭିନ୍ନ ଥାନାରେ ସୁଚାରୁ ରୂପେ କାର୍ଯ୍ୟଭାର ତୁଲାଇ ଆସିଛନ୍ତି। ସେବା ମନୋବୃତ୍ତି ଓ କର୍ତ୍ତବ୍ୟ ପରାୟଣତାରେ ନିଜକୁ ଉତ୍ସର୍ଗୀକୃତ କରିଚାଲିଥିବା ଯୋଗୁ ତାଙ୍କୁ ସିବିଆଇ ଟିମ୍‌ରେ ସାମିଲ କରାଯାଇଥିବା କୁହାଯାଉଛି। ତେବେ ସିବିଆଇ ଟିମ୍‌ରେ ସାମିଲ ପାଇଁ ମନୋନୀତ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ନିଜର କାର୍ଯ୍ୟଧାରାକୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି ଧରିତ୍ରୀକୁ କହିଛନ୍ତି।



ବିଶ୍ୱ ପ୍ରକାଶ ରାଉତ

# ମା'ଠାରୁ ଅଲଗା ହୋଇଗଲା ହାତୀଛୁଆ



ପିଲାଙ୍କ ସହ ହାତୀଛୁଆ ଖେଳୁଛି।

## ପିଲାଙ୍କ ସହ ଖେଳିଲା, ଦେଖିବାକୁ ଭିଡ଼

ପାଟଣା, ୫।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନରେ ଥିବା ହାତୀପଲରୁ ଏକ ହାତୀଛୁଆ ମଙ୍ଗଳବାର ଅଲଗା ହୋଇଯାଇଥିଲା। ହାତୀଛୁଆକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିବା ବେଳେ ସେ ମଧ୍ୟ ପିଲାଙ୍କ ସହ ଖେଳୁଥିବା ଭିଡିଓ ଭାଇରାଲ ହେଉଛି। ବନ ବିଭାଗ ପକ୍ଷରୁ ହାତୀଛୁଆକୁ ମା'ସହ ମିଶାଇ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସାହାରପଡ଼ା ସେକ୍ସନରେ ୨୩ ବିଶିଷ୍ଟ ହାତୀପଲ ରହିଛନ୍ତି। ପଲରେ ୬ ଦନ୍ତା, ୯ ମାଈ ଓ ୮ ହାତୀଛୁଆ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ପଲରୁ ଗୋଟିଏ ଦନ୍ତାହାତୀ ଗୋଠ ଛାଡ଼ିବା ପରେ ଉକ୍ତ ହାତୀପଲ ମାଛଗଡ଼ ସାଉଥ ବିଟ୍ ଗୋହିରା ଗ୍ରାମ୍ୟ ହୁଡ଼ିରେ ଡେରା ପକାଇଛନ୍ତି। ୧ ବର୍ଷର ହାତୀଛୁଆ ମା'ଠାରୁ ଅଲଗା ହୋଇଯାଇଥିଲା। ହୁଡ଼ିର ପାଦଦେଶ ଗ୍ରାମ୍ୟ ଜଙ୍ଗଲରେ ହାତୀଛୁଆ ଖେଳୁଥିବା ଖବର ପାଇ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ହାତୀଛୁଆ ଉପସ୍ଥିତ ପିଲାଙ୍କୁ ଗୋଡ଼ାଇବା ସହ ଖେଳିଥିଲା। ହାତୀ ପାଖକୁ ନ ଯିବା ଏବଂ ତା' ଦେହରେ ହାତ ନ ମାରିବାକୁ ବନ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ସାହାରପଡ଼ା ବନପାଳ ଭୂପତି ସେଠୀ, ଗାର୍ଡ ଦେବଯାନୀ ମହାନ୍ତ, ପାରଷ୍ଟାଫ୍ ଏମ୍‌ଡି ୱାସିମ, ଅଟଳ ସେଠୀ ପ୍ରମୁଖଙ୍କ ଉଦ୍ୟମରେ ହାତୀଛୁଆକୁ ମା' ପାଖରେ ମିଶାଯାଇଥିଲା। ବନପାଳ ସେଠୀ କହିଛନ୍ତି, ହାତୀଛୁଆକୁ ଗୋହିରା ଜଙ୍ଗଲରେ ତା ମା' ପାଖରେ ସୁରକ୍ଷିତ ଭାବେ ଛାଡ଼ିଦିଆଯାଇଛି। ତା' ଦେହରେ କେହି ହାତ ନ ମାରିବାକୁ ସଚେତନ କରାଯାଇଥିଲା।

# ମହିଳାଙ୍କ ସମେତ ୨ ଗିରଫ

## ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣା

- ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା
- ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ବାସୁଦେବପୁର, ୫।୯
(ନାରାୟଣ ପ୍ରସାଦ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ରାସ୍ତାରେ ଚଲାଇ ମାଡ଼ ଘଟଣାରେ ପୋଲିସ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କରଞ୍ଜଆଡ଼ିଆ ଗ୍ରାମର ଅଜୟ କୁମାର ସେଠୀ(୪୫) ଓ ଉର୍ମିଳା ନାୟକ(୩୫)। ଏଥିସହ ଏହି ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୫୦୫/୨୩) ରୁଜୁ ପରେ ଆକ୍ରମଣକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଅପରପକ୍ଷେ ଯୋଗାଣ ଅଧିକାରୀଙ୍କୁ ଆକ୍ରମଣ ପ୍ରତିବାଦରେ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର କଲମଛାଡ଼ ଆନ୍ଦୋଳନ କରାଯାଇଥିଲା। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଡିଓ ସତ୍ୟଜିତ ରାଉତ, ଭଦ୍ରକ ଏସ୍‌ଡିପିଓ ସୌରଭ ଓତା ଏବଂ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ବ୍ଲକ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣକାରୀଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସେହିପରି ବ୍ଲକ ଓ ପୌରପାଳିକାରେ କାର୍ଯ୍ୟରତ ରିଟେଲର ଏକତ୍ର ହୋଇ ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣାକୁ ଦୃଢ଼ ବିରୋଧ କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ନଚେତ୍ ରିଟେଲରମାନେ ବଣ୍ଟନ ବ୍ୟବସ୍ଥାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେବା ସହ ଏ ବାବଦରେ ବିଭାଗୀୟ ଅଧିକାରୀ ଓ ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ଓ ମାର୍ଚ୍ଚ ମାସର ପିଡିଏସ୍ ଚାଉଳ ପାଇ ନ ଥିବାରୁ ଶତାଧିକ ମହିଳା ହିତାଧିକାରୀ ଓ ଅନ୍ୟମାନେ ସୋମବାର ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ଘୋଷାରି ନେଇ ରାସ୍ତାରେ ଚଲାଇବା ସହ ମାଡ଼ ମାରିଥିଲେ।



କଲମଛାଡ଼ ଆନ୍ଦୋଳନ କରୁଛନ୍ତି ବାସୁଦେବପୁର ବ୍ଲକ କର୍ମଚାରୀ।

# ଆଗ ଟଙ୍କା ଫେରସ୍ତ ପାଇବେ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀ

## ଚିଟ୍ ଫଣ୍ଡ

କଟକ,୫।୯ (କାର୍ତ୍ତିକ ସାହୁ): ସରକାରଙ୍କ ଦ୍ୱାରା ଚିଟ୍‌ଫଣ୍ଡ ଘୋଷିତ ଜିଏଲ୍‌ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ପ୍ରାଥମିକତା ଭିତ୍ତିରେ ଆଗ ଫେରସ୍ତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀରେ ଥିବା ଜିଏଲପି ଡେଭଲପର୍ସ ଲିମିଟେଡ୍ ଓ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ୍ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି କରି ବିଚାରପତି ବିଶ୍ୱନାଥ ରଥ ଆସନ୍ତା ୨ ମାସ ମଧ୍ୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସଂସ୍ଥା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇନଜୀବୀ ଅଜିତ୍ ରାଉତ, ଶାରଦା ପ୍ରସାଦ ତ୍ରିପାଠୀ ଓ ବିଶ୍ୱଭୂଷଣ ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି ହୋଇଥିବା କମ୍ପାନୀର ଅର୍ଥ କଟକ ଅତିରିକ୍ତ ଜିଲାପାଳଙ୍କ ହେପାଜତରେ ରଖାଯାଇଛି। ତେବେ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରାଇବାକୁ ଆବେଦନ କରି କମ୍ପାନୀ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ହାଇକୋର୍ଟ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ଅର୍ଥ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ପରେ ଅତିରିକ୍ତ ଜିଲାପାଳ ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ କରନ୍ତୁ ବୋଲି କମ୍ପାନୀ ପକ୍ଷରୁ ନିବେଦନ କରାଯାଇଛି। ଏଭଳି ଜମାକାରୀଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ବୋଲି କୁହାଯାଇଛି। ତେବେ ଏହି କମ୍ପାନୀରେ ମୋଟ ୬ ଲକ୍ଷରୁ ଅଧିକ ଜମାକାରୀ ରହିଥିବାବେଳେ ଅଦ୍ୟାବଧି ପ୍ରାୟ ୪ ଲକ୍ଷ ଜମାକାରୀ କଟକ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅର୍ଥ ଫେରସ୍ତ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ରୁଜୁ ଏହି ମାମଲାକୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ ପରିଚାଳନା କରୁଥିଲେ।

# ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଡବ୍ଲ୍ୟୁଓଡିସିର ଅନୁମୋଦନ

- ନଭେମ୍ବର ୪,୫ରେ ଗୋପାଳନ ସମ୍ମିଳନୀ

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)

ପଶ୍ଚିମଓଡ଼ିଶାବିକାଶପରିଷଦ(ଡବ୍ଲ୍ୟୁଓଡିସି) ଦ୍ୱାରା ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକ ଓ ବିତରଣ ପ୍ରୋଜେକ୍ଟକୁ ଅନୁମୋଦନ ମିଳିଛି। ଦୁଗ୍ଧ ଉତ୍ପାଦକ ଓ ବିତରଣକୁ ସୁପରିଚାଳନା କରିବା ଏବଂ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବା ସକାଶେ ମଙ୍ଗଳବାର ଆଭାସି ମାଧ୍ୟମରେ ସମ୍ବଲପୁର ଜିଲା ପ୍ରଶାସନ ପ୍ରସ୍ତାବ ଉପସ୍ଥାପନ କରିଥିଲା। ବୈଠକରେ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି, ସମ୍ବଲପୁର ଜିଲାର ଦୁଗ୍ଧ ଉତ୍ପାଦକଙ୍କ ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସର୍ବଦା ଚେଷ୍ଟିତ। ଏହି ନିବେଶ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ(ସାମୁଲ୍)କୁ ଅଧିକ ଉତ୍ସାହିତ କରିବ। ଏହାସହ ଗୋପାଳକଙ୍କ ସମୃଦ୍ଧି ଓ ପ୍ରଗତିରେ ସହାୟକ ହେବ। ସେହିଭଳି ଆସନ୍ତା ନଭେମ୍ବର ୪ ଓ ୫ରେ ପଶ୍ଚିମ ଓଡ଼ିଶା ଗୋପାଳନ ସମ୍ମିଳନୀର ଆୟୋଜନ କରାଯିବା ନେଇ ଆଲୋଚନା କରାଯାଇଛି। ସମ୍ବଲପୁର ଜିଲାର ଦୁଗ୍ଧଚାଷୀଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଦୁଗ୍ଧ ଶୀତଳଭଣ୍ଡାର, ମିଲ୍କ ଟ୍ୟାଙ୍କର, ଆଲୁମିନିୟମ ମିଲ୍କ କ୍ୟାନ୍, ଦୁଗ୍ଧର ମାନ ପରିଖିବା ପାଇଁ ଯନ୍ତ୍ର ଆଦି ଚାଷୀଙ୍କୁ ଯୋଗାଇ ଦିଆଯିବ। ଏହାର ସୁପରିଚାଳନା ନିମନ୍ତେ ୩୦ ଦୁଗ୍ଧ ସମବାୟ ସମିତି ଗଠନ କରାଯିବ। ପ୍ରାୟ ୧,୫୦୦ ଦୁଗ୍ଧଚାଷୀଙ୍କ ପଞ୍ଜୀକରଣ କରାଯିବା ସହ ସେମାନଙ୍କଠାରୁ ଦୁଗ୍ଧ ସଂଗ୍ରହକରି ବିତରଣକୁ ମଧ୍ୟ ସୁନିଶ୍ଚିତ କରାଯିବ। ଏହି ଯୋଜନା ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡିରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ସମ୍ବଲପୁର ଜିଲା ପ୍ରଶାସନ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଭିମ୍‌ସାରରେ ମୃତଦେହକୁ ଅସମ୍ମାନ

- ବ୍ୟବଚ୍ଛେଦରେ ହାତୁଡ଼ି, ଛେଣି ବ୍ୟବହାର
- ପଲିଥିନ ଅଭାବ, ବାହାରୁ କିଣୁଛନ୍ତି ପରିବାର

ସମ୍ବଲପୁର,୫।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁରର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ସେଣ୍ଟରରେ ଅବ୍ୟବସ୍ଥା କିଛି ନୂଆ କଥା ନୁହେଁ। ବିଭିନ୍ନ ବିଭାଗରେ ସମସ୍ୟା ଲାଗିରହିଥିବା ବେଳେ ବ୍ୟବଚ୍ଛେଦ ଗୃହରେ ମଧ୍ୟ ମୃତଦେହକୁ ଅସମ୍ମାନ କରାଯାଉଛି। ବ୍ୟବଚ୍ଛେଦ ସମୟରେ ମୁଣ୍ଡକୁ ଫଟାଇବା ଓ ଶରୀର କାଟିବାରେ ଅତ୍ୟାଧୁନିକ ସରଞ୍ଜାମ ପରିବର୍ତ୍ତେ ଛେଣି, ହାତୁଡ଼ି ବ୍ୟବହାର କରାଯାଉଛି। ଏହାସହ ବ୍ୟବଚ୍ଛେଦ ପରେ ମୃତ ଶରୀର ନେବା ପାଇଁ ବ୍ୟବହାର ହେଉଥିବା ପଲିଥିନ ଉପଲବ୍ଧ ନାହିଁ। ଫଳରେ ମୃତକ ପରିବାର ମୃତଦେହ ନେବା ପାଇଁ ବାଧହୋଇ ବାହାରୁ ପଲିଥିନ କିଣି ଆଣୁଛନ୍ତି। ପ୍ରାୟ ୩ମାସ ହେବ ପଲିଥିନ ଷ୍ଟକ୍‌ରେ ନାହିଁ। ଏହି ଘଟଣାରୁ ଭିମ୍‌ସାର ପରିଚାଳନା କିଭଳି ହେଉଛି ତାହା ସହଜରେ ଅନୁମେୟ।

ଆତ୍ମୀୟଙ୍କୁ ହରାଇ ପରିବାର, ପରିଜନ ଶୋକରେ ରହିଥାନ୍ତି। ଶୀଘ୍ର ବ୍ୟବଚ୍ଛେଦ କରାଇ କିଭଳି ମୃତଦେହ ଘରକୁ ନେଇ ଅନ୍ତିମ ସଂସ୍କାର କରିବେ ସେହି ଚିନ୍ତାରେ ରହିଥାନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କୁ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ହେଉଥିବା ପଲିଥିନ, ଲୁଣ, ପ୍ଲାଷ୍ଟିକ ଡବା ଆଣିବାକୁ କୁହାଯାଇଥାଏ। ଏସବୁ ସାମଗ୍ରୀ ଆଣିବା ପରେ ମୃତକ ପରିବାର ବ୍ୟବଚ୍ଛେଦ କରାଇ ମୃତଦେହ ନେଇ ଘରକୁ ଯାଆନ୍ତି। ମେଡିକାଲ ହେବାର ୬୩ବର୍ଷ ପରେ ମଧ୍ୟ ବ୍ୟବଚ୍ଛେଦ ଗୃହରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରି ନାହିଁ। ଏବେ ମଧ୍ୟ ଡାକ୍ତରମାନେ ମୃତଦେହରେ ହାତୁଡ଼ି ଓ ଛେଣି ବ୍ୟବହାର କରି ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ମୃତ ଶରୀର ମୁଣ୍ଡକୁ ଛେଣି ସାହାଯ୍ୟରେ ଫଟାଇଲେ ପୂର୍ବରୁ ଥିବା କ୍ଷତ ବୃଦ୍ଧି ପାଇ ରିପୋର୍ଟ ତିଆରି କରିବାରେ ବ୍ୟତିକ୍ରମ ଘଟିବା ସମ୍ଭାବନା ରହିଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥାଏ। ୩ରୁ ୪ ଗୋଟି ମୃତଦେହ ବ୍ୟବଚ୍ଛେଦ କରିବାକୁ ଥିଲେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ମେଡିକାଲ ଶିକ୍ଷାଦାନରେ ମଧ୍ୟ ବିଶେଷ ସମସ୍ୟା ହେଉଛି। ମେଡିକାଲ କଲେଜ ତୃତୀୟ ଓ ଚତୁର୍ଥ ବର୍ଷର ମୋଟ ୪ ଶହ ଛାତ୍ରୀଛାତ୍ର ବ୍ୟବଚ୍ଛେଦ କରିବା ଓ ଏହାର ରିପୋର୍ଟ ତିଆରି କରିବା ନେଇ ଅଧ୍ୟୟନ କରନ୍ତି। ସେମାନଙ୍କୁ ସିନିୟର ଡାକ୍ତରମାନେ ପାଠ ପଢ଼ାଇବା ସହ ପ୍ରାକ୍ଟିକାଲ ଦେଖାଇଥାନ୍ତି। ହେଲେ ଆବଶ୍ୟକ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ହେଉଛି। ଆନୁଷଙ୍ଗିକ ସୁବିଧା ମଧ୍ୟ କରାଯାଉ ନାହିଁ। ପୂରା ବ୍ୟବଚ୍ଛେଦ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଭିମ୍‌ସାରର ଅନ୍ୟ ସ୍ଥାନରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବ୍ୟବଚ୍ଛେଦ ଗୃହ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ସୂଚନାଯୋଗ୍ୟ, ଭିମ୍‌ସାରରେ ପ୍ରତିବର୍ଷ ୧୮ ଶହରୁ ୨ ହଜାର ମୃତଦେହ ବ୍ୟବଚ୍ଛେଦ କରାଯାଉଛି। ମାସିକ ହାରାହାରି ୧୫୦ରୁ ଅଧିକ ହେଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଜୟଶ୍ରୀ ଡୋରା କହିଛନ୍ତି, ଏଭଳି ହେବା କଥା ନୁହେଁ। ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯାଇ ସମାଧାନ କରାଯିବ ବୋଲି ସେ କହିଥିଲେ।



ବୁର୍ଲା ଭିମ୍‌ସାର ବ୍ୟବଚ୍ଛେଦ ଗୃହ।

# ଭାରତୀୟ ବାହିନୀ



**ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା ହୋଇଛି। ଆହତ ସମସ୍ୟା ପାଇଁ ଦୀର୍ଘଦିନ କ୍ରିକେଟରୁ ଦୂରେଇ ରହିଥିବା ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ ଦଳରେ ୭ ସ୍ପେଶାଲିଷ୍ଟ ବ୍ୟାଟର, ୨ ଅଲ୍ ରାଉଣ୍ଡର, ୨ ସ୍ପିନର ଓ ୪ ପେସ୍ ବୋଲରଙ୍କୁ ନିଆ ଯାଇଛି।**

ICC MEN'S CRICKET WORLD CUP INDIA 2023



## ଶୁବମନ ଗିଲ୍

ଜନ୍ମ: ସେପ୍ଟେମ୍ବର ୮, ୧୯୯୯, ମ୍ୟାଚ୍: ୨୯, ରନ୍: ୧୫୧୪। ମାତ୍ର ୨୩ ବର୍ଷ ବୟସରେ ଗିଲ୍ କ୍ରିକେଟର ୩ଟି ଯାକ ଫର୍ମାଟରେ ନିଜର ଉପସ୍ଥିତି ଜାହିର କରିବାରେ ସମର୍ଥ ହୋଇଛନ୍ତି। ଆଇସିସି ଇଭେଣ୍ଟରେ ଭାରତର ଶ୍ରେଷ୍ଠ ବ୍ୟାଟର ରହିଥିବା ଶିଖର ଧାୱନଙ୍କ ସ୍ଥାନରେ ଗିଲ୍ ବିଶ୍ୱକପ୍ ଦଳରେ ସାମିଲ ହୋଇଛନ୍ତି। ଦିନିକିଆରେ ଦ୍ୱିଶତକ ହାସଲ କରି ସାରିଥିବା ଗିଲ୍‌ଙ୍କଠାରୁ ଟପ୍ ଅର୍ଡରରେ ସମାନ ସଫଳତା ଆଶା କରିବ ଟିମ୍ ମ୍ୟାନେଜମେଣ୍ଟ।

## ହାର୍ଦ୍ଦିକ ପାଣ୍ଡ୍ୟା (ଉପ-ଅଧିନାୟକ)



ଜନ୍ମ: ଅକ୍ଟୋବର ୧୧, ୧୯୯୩, ମ୍ୟାଚ୍: ୭୯, ରନ୍: ୧୫୭୩, ଉଇକେଟ: ୭୪। ୧୯୮୩ ବିଶ୍ୱକପ୍‌ରେ ମହିନ୍ଦର ଅମରନାଥ ଓ ୨୦୧୧ ବିଶ୍ୱକପ୍‌ର ଯୁବରାଜ ସିଂଙ୍କ ଦାୟିତ୍ୱରେ ନଜର ଆସିବେ ଉପ ଅଧିନାୟକ 'ବରୋଦା ବମ୍ବର' ହାର୍ଦ୍ଦିକ ପାଣ୍ଡ୍ୟା। ବିସ୍ଫୋରକ ବ୍ୟାଟିଂ ପାଇଁ ଫିନିଶର ଦାୟିତ୍ୱରେ ନଜର ଆସୁଥିବା ପାଣ୍ଡ୍ୟା ବର୍ତ୍ତମାନ ନିଜକୁ ଜଣେ ସ୍ପେଶାଲିଷ୍ଟ ମଧ୍ୟକ୍ରମ ବ୍ୟାଟରରେ ପରିଣତ କରି ସାରିଛନ୍ତି। ଏହା ସହିତ ୧୦ ଓଭର ବୋଲିଂ କରିବାର ଦକ୍ଷତା ରଖୁଥିବା ପାଣ୍ଡ୍ୟା ଯେକୌଣସି ମୁହୂର୍ତ୍ତରେ ନିଜର ବ୍ୟାଟିଂ ଗିଅର ମଧ୍ୟ ବଦଳାଇବାର ଦକ୍ଷତା ରଖିଥାନ୍ତି।

## ରୋହିତ ଶର୍ମା(ଅଧିନାୟକ)

ଜନ୍ମ: ୩୦ ଏପ୍ରିଲ୍ ୧୯୮୭, ମ୍ୟାଚ୍:୨୪୬, ରନ୍: ୯୯୨୨। ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ୨୦୧୧ର ସଫଳତା ଆଉଥରେ ଦୋହରାଇବାକୁ ଉଦ୍ୟମ କରିବ। ୨୦୧୧ ଦିନିକିଆ କ୍ରିକେଟ ବିଶ୍ୱକପ୍ ଦଳରେ ରୋହିତ ସ୍ଥାନ ପାଇ ନ ଥିବା ବେଳେ ଏହାର ୩ଟି ବିଶ୍ୱକପ୍ ମଧ୍ୟରେ ସେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଦିନିକିଆରେ ୯୯୨୨ ରନ୍ କରି ସାରିଥିବା ବେଳେ ବିଶ୍ୱକପ୍‌ରେ ତାଙ୍କ ନାମରେ ରହିଛି ୬ଟି ଶତକ। ଆଉ ଏକ ଶତକ ହାସଲ କଲେ ସେ ବିଶ୍ୱକପ୍‌ରେ ସର୍ବାଧିକ ଶତକର ରେକର୍ଡ ନିଜ ନାମରେ କରିବେ। ୨୦୧୩ ପରଠାରୁ ଭାରତୀୟ ଦଳ ଏକ ଆଇସିସି ଟ୍ରଫି ହାସଲ କରି ନ ଥିବା ବେଳେ ରୋହିତଙ୍କ ନେତୃତ୍ୱରେ ଦଳ ଟ୍ରଫି ମରୁଡି ଶେଷ କରିବାକୁ ପ୍ରୟାସ କରିବ।



## ବିରାଟ କୋହଲି

ଜନ୍ମ: ନଭେମ୍ବର ୫, ୧୯୮୮, ମ୍ୟାଚ୍: ୨୭୭, ରନ୍: ୧୨୯୦୨। ଯୁବ ଖେଳାଳି ଭାବରେ ବିରାଟ କୋହଲି ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ଉକ୍ତ ବିଶ୍ୱକପ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଭାରତୀୟ ଦଳର ଉପହାର ରହିଥିବା ବେଳେ ଏହା ପରେ ତେନ୍ଦୁଲକରଙ୍କ ପରି ଭାରତୀୟ କ୍ରିକେଟର ଭାର କୋହଲି ନିଜ କାନ୍ଧକୁ ନେଇଥିଲେ। ଇତିମଧ୍ୟରେ ୪୬ ଶତକ ହାସଲ କରିଥିବା କୋହଲି ଆଉ ୪ ଶତକ ହାସଲ କଲେ ଦିନିକିଆରେ ତେନ୍ଦୁଲକରଙ୍କ ରେକର୍ଡକୁ ଅତିକ୍ରମ କରିବେ। ବିଶ୍ୱକପ୍ ପରି ଏକ ବଡ ଟୁର୍ନାମେଣ୍ଟ ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଏହାଠାରୁ ବଡ ମୁହୂର୍ତ୍ତ ମିଳିବା ଅସମ୍ଭବ। ୩ ବର୍ଷ ଧରି ଗୋଟିଏ ବି ଶତକ ହାସଲ କରି ନ ଥିବା କୋହଲି ବର୍ତ୍ତମାନ ଚମତ୍କାର ଫର୍ମକୁ ଫେରିଛନ୍ତି। ଆଇସିସି ଇଭେଣ୍ଟରେ ପୁନର୍ବାର ଭଲ ପ୍ରଦର୍ଶନ କରିବା ସହିତ ସେ ଭାରତକୁ ଏହାର ତୃତୀୟ ଦିନିକିଆ ବିଶ୍ୱକପ୍ ଜିତାଇବା ନେଇ ଫ୍ୟାନ୍‌ଙ୍କ ଆଶା ରହିବ।



## ଇଶାନ କିଶନ (ଉଇକେଟକିପର)

ଜନ୍ମ: ଜୁଲାଇ ୧୮, ୧୯୯୮, ମ୍ୟାଚ୍: ୧୯, ରନ୍: ୭୭୬। ଚଳିତ ଟିମ୍‌ରେ ଇଶାନ କିଶନ୍‌ଙ୍କୁ ଭିନ୍ନ ଭିନ୍ନ ରୋଲରେ ଦେଖିବାକୁ ମିଳିବ। ଜଣେ ବ୍ୟାକ୍ ଅପ୍ ଓପନର, ମଧ୍ୟକ୍ରମ ବ୍ୟାଟର ଓ ଉଇକେଟକିପର ଭଳି ୩ଟି ଭୂମିକାରେ ସେ ଫିଟ୍ ହୋଇ ପାରନ୍ତି। ଲୋକେଶ ରାହୁଲ ଦଳର ପ୍ରଥମ ପସନ୍ଦର ଉଇକେଟକିପର-ବ୍ୟାଟର ରହିଥିଲେ ହେଁ ପାକିସ୍ତାନ ବିପକ୍ଷରେ ଖେଳିଥିବା ୮୨ ରନ୍‌ର ଇନିଂସ ତାଙ୍କୁ ଆଗୁଆ ରଖିଛି। ଏହା ସହିତ ବାମହାତୀ ବ୍ୟାଟର ଭାବରେ ସେ ଦଳକୁ ବିବିଧତା ପ୍ରଦାନ କରିପାରିବେ।

## ସୂର୍ଯ୍ୟକୁମାର ଯାଦବ



ଜନ୍ମ: ସେପ୍ଟେମ୍ବର ୧୪, ୧୯୯୦, ମ୍ୟାଚ୍: ୨୬, ରନ୍: ୫୧୧। ଟି୨୦ କ୍ରିକେଟରେ ମିଷ୍ଟର ୩୬୦ ଡିଗ୍ରୀ ଭାବରେ ପରିଚିତ ସୂର୍ଯ୍ୟକୁମାର ବିଶ୍ୱର ଏକ ନମ୍ବର ବ୍ୟାଟର ରହିଛନ୍ତି। ୩୦ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ଟି୨୦ରେ ୪୬ ହାରାହାରି ସହିତ ୧୮୪୧ ରନ୍ ସ୍କୋର କରିଛନ୍ତି। ତେବେ ଦିନିକିଆରେ ସେ ସମାନ ସଫଳତା ଦୋହରାଇବାରେ ସମର୍ଥ ହୋଇନାହାନ୍ତି। ଚୂଡାନ୍ତ ଏକାଦଶରେ ସୂର୍ଯ୍ୟକୁମାରଙ୍କ ସ୍ଥାନ ପାଇବାର ସମ୍ଭାବନା କମ୍ ରହିଥିବା ବେଳେ ତାଙ୍କୁ ଶ୍ରେୟସ ଆୟରଙ୍କ ବ୍ୟାକ୍ ଅପ୍ ଭାବରେ ରଖାଯାଇଛି।

## ଲୋକେଶ ରାହୁଲ (ଉଇକେଟକିପର)



ଜନ୍ମ: ଏପ୍ରିଲ୍ ୧୮,୧୯୯୨, ମ୍ୟାଚ୍: ୫୪, ରନ୍:୧୯୮୬। ଆହତ ହୋଇ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଚ୍ ପ୍ରାକ୍ଟିସ୍ ମିଳି ନ ଥିଲେ ମଧ୍ୟ ରାହୁଲ ବିଗତ କିଛି ବର୍ଷ ଧରି ୪ ନମ୍ବର ସ୍ଥାନରେ ଭାରତର ବ୍ୟାଟିଂ ମେରୁଦଣ୍ଡ ରହି ଆସିଛନ୍ତି। ସମାନ କାରଣରୁ ଅନ୍ୟ ଖେଳାଳିଙ୍କ ଅପେକ୍ଷା ରାହୁଲଙ୍କୁ ଦଳରେ ସାମିଲ କରିଛି ଟିମ୍ ମ୍ୟାନେଜମେଣ୍ଟ।

## ଯଶପ୍ରୀତ ବୁମ୍‌ରା

ଜନ୍ମ: ଡିସେମ୍ବର ୬, ୧୯୯୩, ମ୍ୟାଚ୍: ୭୩, ଉଇକେଟ:୧୨୧। ଚଳିତ ଟୁର୍ନାମେଣ୍ଟରେ ଭାରତର ବୋଲିଂ ଆଟାକ୍ ଏତେଟା ପ୍ରଭାବଶାଳୀ ରହିନାହିଁ। ମାତ୍ର ବୁମ୍‌ରାଙ୍କ ଉପସ୍ଥିତି ଭାରତ ପାଇଁ ଏକ ସକାରାତ୍ମକ ଖବର। ୨୯ ବର୍ଷୀୟ ଏହି ବୋଲର ଜଣଙ୍କ ବ୍ୟାକ୍ ସର୍ଜରି ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ନୂଆ ବଲ୍ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିବାର ଦକ୍ଷତା ରଖୁଥିବା ବୁମ୍‌ରା ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ।





## ରବୀନ୍ଦ୍ର ଜାଡେଜା

ଜନ୍ମ: ଡିସେମ୍ବର ୬, ୧୯୮୮,ମ୍ୟାଚ୍ : ୧୭୯, ରନ୍: ୧୫୭୪, ଉଇକେଟ: ୧୯୭। ଭାରତୀୟ ଦଳର ଏହି ସ୍ପିନ୍ ବୋଲିଂ ଅଲରାଉଣ୍ଡର ଉଭୟ ବ୍ୟାଟ ଓ ବଲ୍ ଜରିଆରେ ସମାନ ଭାବରେ ପ୍ରଭାବଶାଳୀ। ଇକୋନୋମିକାଲ୍ ବୋଲିଂ ସହିତ ଆକ୍ରମଣାତ୍ମକ ବ୍ୟାଟିଂ ଓ ଚମତ୍କାର ଫିଲ୍ଡିଂ କାରଣରୁ ଅକ୍ଷର ପଟେଲଙ୍କ ସ୍ଥାନରେ ଟିମ୍ ମ୍ୟାନେଜମେଣ୍ଟ ଜାଡେଜାଙ୍କୁ ପ୍ରାଧାନ୍ୟ ଦେବ। ଚୂଡାନ୍ତ ଏକାଦଶରେ ଜାଡେଜାଙ୍କ ସ୍ଥାନ ନିଶ୍ଚିତ ରହିଥିବା ବେଳେ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ୍ ବିଭାଗ ସମ୍ଭାଳିବେ। ଏହା ସହିତ ଜାଡେଜାଙ୍କ ଉପସ୍ଥିତିରେ ବାମ-ଡାହାଣ ବ୍ୟାଟିଂ କମ୍ବିନେଶନ ମଧ୍ୟ ମିଳିପାରିବ।



## ଶ୍ରେୟସ ଆୟର

ଜନ୍ମ: ଡିସେମ୍ବର ୬, ୧୯୯୪, ମ୍ୟାଚ୍: ୪୪, ରନ୍: ୧୬୪୫। ଭାରତୀୟ ମଧ୍ୟକ୍ରମରେ ଆୟର ବିଗତ କିଛି ବର୍ଷ ଧରି ଚମତ୍କାର ପ୍ରଦର୍ଶନ କରିଛନ୍ତି। ସ୍ପିନ୍ ବିପକ୍ଷରେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ରହିଥିବା ଆୟର ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ତାଙ୍କୁ ସାମାନ୍ୟ ଚାପରେ ରଖିବ। ତେବେ କ୍ୱାଲିଟି ବୋଲିଂ ଆଟାକ ବିପକ୍ଷରେ ଆୟରଙ୍କ ଶର୍ଟ ବଲ୍ ଦୁର୍ବଳତା ତାଙ୍କୁ ଅସୁବିଧାରେ ପକାଇପାରେ।



## ଶାର୍ଦ୍ଦୂଳ ଠାକୁର

ଅକ୍ଟୋବର ୧୬, ୧୯୯୧, ମ୍ୟାଚ୍: ୪୦, ରନ୍: ୩୧୮, ଉଇକେଟ: ୫୯। ମୁମ୍ବାଇରୁ ଆସୁଥିବା ତଥା ପାଲଗଡ ଏକ୍ସପ୍ରେସ୍ ନାମରେ ପରିଚିତ ଶାର୍ଦ୍ଦୂଳ ଠାକୁର ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର ତଥା ଉଇକେଟ ଟେକିଙ୍ଗ ବୋଲର। ପାର୍ଟନରଶିପ୍ ଭାଙ୍ଗିବାରେ ଶାର୍ଦ୍ଦୂଳଙ୍କ ଦକ୍ଷତା କାରଣରୁ ସୋସିଆଲ ମିଡିଆରେ ତାଙ୍କୁ ଲର୍ଡ ବୋଲି ମଧ୍ୟ କୁହାଯାଏ। ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଙ୍ଗ କରାଇବାରେ ମାହିର ଶାର୍ଦ୍ଦୂଳଙ୍କ ଦକ୍ଷତା ହେଉଛି ସ୍ଲୋ ଭ୍ୟାରିଏସନ୍। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ସେ ଯେଉଁ ସନ୍ତୁଳନ ପ୍ରଦାନ କରନ୍ତି ତାହା ତାଙ୍କୁ ତୃତୀୟ ପେସ୍ ବୋଲର ଭାବରେ ସାମିଲ କରିବାକୁ ମ୍ୟାନେଜମେଣ୍ଟକୁ ବାଧ୍ୟ କରିବ। ତେବେ ଫିଲ୍ଡିଂ ଓ ଫିଟନେସ୍ ଶାର୍ଦ୍ଦୂଳଙ୍କର ଦୁଇଟି ବଡ ସମସ୍ୟା ରହିଛି।

## ମହମ୍ମଦ ଶାମି



ଜନ୍ମ: ସେପ୍ଟେମ୍ବର ୩, ୧୯୯୦, ମ୍ୟାଚ୍: ୯୧, ଉଇକେଟ:୧୬୩। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ମହମ୍ମଦ ଶାମି ମଧ୍ୟ ନିଜର ତୃତୀୟ ତଥା ଅନ୍ତିମ ବିଶ୍ୱକପ ଖେଳୁଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଶାମି ଅଧିକ ଦକ୍ଷ ଏହା ନିଃସନ୍ଦେହ । ତେବେ ବ୍ୟାଟିଂ ଅର୍ଡରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ଶାର୍ଦ୍ଦୂଳ ଠାକୁରଙ୍କୁ ଏସିଆ କପ୍‌ରେ ଖେଳାଉଛି। ବୁମ୍‌ରା, ସିରାଜ କିମ୍ବା ଶାର୍ଦ୍ଦୂଳଙ୍କ ମଧ୍ୟରୁ ଜଣେ ଆହତ ହେଲେ ବା ବିଶ୍ରାମ ପାଇଲେ ଶାମି ଦଳରେ ସାମିଲ ହୋଇପାରିବେ। ତେବେ କ୍ୱାଲିଟି ବ୍ୟାଟିଂ ଲାଇନଅପ୍ ବିପକ୍ଷରେ ଶାର୍ଦ୍ଦୂଳଙ୍କ ଅପେକ୍ଷା ଶାମି ଭଲ ବିକଳ୍ପ ରହିବେ।

## ଅକ୍ଷର ପଟେଲ

ଜାନୁୟାରୀ ୨୦, ୧୯୯୪, ମ୍ୟାଚ୍: ୫୨, ରନ୍: ୪୧୩, ଉଇକେଟ: ୫୮। ଦିନିକିଆ କ୍ରିକେଟରେ ଅଲରାଉଣ୍ଡରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅକ୍ଷର ପଟେଲ ଟି୨୦ରେ ନିଜ ଦକ୍ଷତା ଦେଖାଇ ସାରିଥିବା ବେଳେ ବର୍ତ୍ତମାନ ଦିନିକିଆରେ ମଧ୍ୟ ତାଙ୍କ ପାଖରେ ସମାନ ସୁଯୋଗ ରହିଛି। ବାମହାତୀ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ସ୍ଲୋ ଲେଫ୍ଟ ଆର୍ମ ଅର୍ଥୋଡକ୍ସ ବୋଲିଂ କରୁଥିବାରୁ ସେ ଜାଡେଜାଙ୍କ ବିକଳ୍ପ ସାବ୍ୟସ୍ତ ହେବେ। ଏହା ସହିତ ଉଇକେଟ ଟୁ ଉଇକେଟ ବୋଲିଂ କରି ସଫଳତା ପାଉଥିବାରୁ ସେ ଭାରତୀୟ ପରିବେଶରେ ସଫଳ ହେବା ନେଇ ଆଶା କରାଯାଏ।



## କୁଲଦୀପ ଯାଦବ

ଜନ୍ମ: ଡିସେମ୍ବର ୧୪, ୧୯୯୪, ମ୍ୟାଚ୍:୮୬, ଉଇକେଟ: ୧୪୧। ୨୦୧୯ରେ ଯୁଜବେନ୍ଦ୍ର ଚହଲଙ୍କ ସହ ମିଶି ବୋଲିଂ ପାର୍ଟନରଶିପ୍ ଗଢିଥିବା କୁଲଦୀପ ଚଳିତ ବିଶ୍ୱକପରେ ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଛନ୍ତି। ବର୍ଷେ ତଳେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା କୁଲଦୀପ ପ୍ରତ୍ୟାବର୍ତ୍ତନ କରିବା ସହ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ନିଜ ସ୍ଥାନ ପକ୍କା କରିଛନ୍ତି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ କୁଲଦୀପଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।





## ମହମ୍ମଦ ସିରାଜ

ଜନ୍ମ: ମାର୍ଚ୍ଚ୧୩, ୧୯୯୪, ମ୍ୟାଚ୍: ୨୬, ଉଇକେଟ: ୪୬। ଏକ ବର୍ଷ ତଳେ ଭାରତର ବିଶ୍ୱକପ ସ୍କ୍ୱାଡ ପରିକଳ୍ପନାରେ ମଧ୍ୟ ନ ଥିବା ସିରାଜ୍ ବର୍ତ୍ତମାନ ଦଳର ଷ୍ଟ୍ରାଇକ୍ ବୋଲର ରହିଛନ୍ତି। ସ୍କ୍ରାମ୍ବଲଡ୍ ସିମ୍ ବ୍ୟବହାର କରିବାରେ ସିରାଜଙ୍କ ଦକ୍ଷତା ତାଙ୍କୁ ଅନ୍ୟ ବୋଲରଙ୍କ ତୁଳନାରେ ଘାତକ ସାବ୍ୟସ୍ତ କରିଥାଏ। ୨୬ ମ୍ୟାଚ୍‌ରୁ ୪୬ ଉଇକେଟ ନେଇଥିବା ସିରାଜ ଚଳିତ ବିଶ୍ୱକପରେ ଭାରତର ଷ୍ଟ୍ରାଇକ୍ ବୋଲର ଭୂମିକାରେ ନଜର ଆସିବେ।

# ବାଇଗଣରେ ପୋକ ନିୟନ୍ତ୍ରଣ



**ବା**ଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ରୋଗ ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ରାଶି ବୁଣୁଥିଲେ...



**ଢି**ପ ଜମିରେ ରାଶି ବୁଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବରଖତ ସହ ୬କି.ଗ୍ରା . ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ ଓ ୬କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ। ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

# ଧାନଚାଷରେ ସମନ୍ୱିତ ରୋଗପୋକ ପରିଚାଳନା



ଡ. ପରେଶ କୁମାର ପଣ୍ଡା

**ଧା**ନ ଫସଲରେ ସମନ୍ୱିତ ରୋଗପୋକ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତନ୍ମଧ୍ୟରେ ଚାଷ କାର୍ଯ୍ୟ, ଜୈବ ନିୟନ୍ତ୍ରଣ ଓ ରାସାୟନିକ ଉପାୟ ଇତ୍ୟାଦି ରହିଛି। ଚାଷ କାର୍ଯ୍ୟ ମଧ୍ୟରେ ଖରାଟିଆ ଚାଷ, ବିହନ ବିଶୋଧନ, ସଅଳ ବୁଣା ବା ରୁଆ ପ୍ରତି ୨୦ ଧାଡ଼ି ପରେ ୧ଟି ଧାଡ଼ି ଛାଡ଼ି ରୋଇବା, ସୁଷମ ସାର ପ୍ରୟୋଗ, ଜଳ ଠିକ୍ ପରିମାଣରେ ଦେବା, ସବୁଜ ସାର ପ୍ରୟୋଗ, ଜୀବାଣୁ ସାର ପ୍ରୟୋଗ, ୨-୩ ବର୍ଷରେ ଥରେ ଗଭୀର ଚାଷ କରିବା ଆବଶ୍ୟକ। ଯାନ୍ତ୍ରିକ ଉପାୟରେ ବାଉଁଶ ଯନ୍ତା, ଫେରୋମୋନ୍ ବା ସଙ୍ଗ ଆକର୍ଷକ ଯନ୍ତା, ଆଲୋକ ଯନ୍ତା, ଦଉଡ଼ି ଟାଣି ଗଛରୁ ପତ୍ରମୋଡ଼ା ଓ ନୀଳପୋକକୁ ଝଡ଼ାଇ କିରାସିନ ଭାସୁଥିବା ପାଣିରେ ପଡ଼ିବା, ତଳି ରୋଇବା ପୂର୍ବରୁ ଅଗ ଛିଡାଇ ବା କାଟି ଲଗାଇବା ଦ୍ୱାରା ପୋକ ସଂକ୍ରମଣ କମ୍ ହୋଇଥାଏ।

ଜୈବ ନିୟନ୍ତ୍ରଣ ସ୍ୱରୂପ : ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ିବା, ଫସଲରେ ଏକର ପ୍ରତି ୫-୧୦ଟି କଣି ବା ଡାଳ ପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା, ବିଟି ଔଷଧ ଓ ନିମ୍ବଜାତୀୟ ଔଷଧ ପ୍ରୟୋଗ କରିବା ଭଲ। ଦରକାର ପଡ଼ିଲେ ଜମିରେ ରିଜେଣ୍ଟ ଏକର ପ୍ରତି ୪ କି.ଗ୍ରା. ପ୍ରୟୋଗକରି ଫସଲକୁ ରୋଗପୋକ ଦାଉରୁ ୩୦-୪୦ ଦିନ ପର୍ଯ୍ୟନ୍ତ ରକ୍ଷା କରାଯାଇପାରିବ।

ପ୍ରଥମେ ମିଳିତ ଭାବେ ଚାଷୀଭାଇମାନେ ଜୈବିକ ଉପାୟ ଅବଲମ୍ବନ କରିବା ଆବଶ୍ୟକ। ଜୈବିକ ଉପାୟ ଦ୍ୱାରା ଦେଶୀୟ ଜ୍ଞାନ୍ କୌଶଳର ସଦୁପଯୋଗ ହୋଇଥାଏ। ଖର୍ଚ୍ଚ ମଧ୍ୟ କମ୍ ପଡ଼ିଥାଏ। ଏହାକୁ ମଧ୍ୟ ସହଜରେ ପ୍ରସ୍ତୁତ କରାଯାଇପାରେ। ଶସ୍ୟରେ କୀଟନାଶକର କୁପ୍ରଭାବ ନ ଥାଏ। ଫସଲରୁ ଅଧିକ ଆୟ ମିଳିଥାଏ। ଫସଲ ତଳି ଘରାରେ ଥିବା ଅବସ୍ଥାରୁ ଲିଟର ପାଣି ପ୍ରତି ୫ ମି.ଲି. ନିମ୍ବଜାତୀୟ ଜୀବନନାଶକ ବିଷ ପ୍ରତି ୮-୧୦ଦିନ ଅନ୍ତରରେ ଏକର ପ୍ରତି ୨୦୦ ଲିଟର ଦ୍ରବଣ ସିଞ୍ଚନ କରାଯାଇଥାଏ। ନଚେତ୍, ହାଣ୍ଡି ଖତର ତରଳ ଜୀବନାଶକ ୧:୫୦ ଅନୁପାତରେ ପାଣି ସହ ମିଶାଇ ସିଞ୍ଚନ କଲେ ଫସଲରେ ରୋଗପୋକ ସଂକ୍ରମଣ ସହଜରେ ହୋଇ ନ ଥାଏ। ଏହି ହାଣ୍ଡି ଖତ ସହଜରେ କୃଷକ ନିଜ ଘରେ, ବାଡ଼ି ବଗିଚାରେ ଥିବା ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରକୁ ବ୍ୟବହାରକରି ଗୋବର, ଗୋମୂତ୍ର ଓ ଗୁଡ଼ରେ ମିଶାଇ ପୋଚ ପ୍ରସ୍ତୁତକରି ଦ୍ରବଣ ପ୍ରସ୍ତୁତ କରିପାରିବେ। ଗୋବର ୧ କି.ଗ୍ରା., ଗୋମୂତ୍ର ୨.୩ ଲି., ଗୁଡ଼ ୫୦ ଗ୍ରାମ, ନିମ୍ବ, କରଞ୍ଜ, ଅରଖ/କୋଚିଲା ପତ୍ରରୁ ପ୍ରତ୍ୟେକ ୧ କି.ଗ୍ରା. ଏଥିପାଇଁ ଦରକାର ହୋଇଥାଏ। ଗୋମୂତ୍ରରେ ଗୋବର, ଗୁଡ଼ ଓ କଟାହୋଇଥିବା ପତ୍ରକୁ ଗୋଳାଇ ମୁହଁ ବନ୍ଦ ରଖା ପାତ୍ରରେ ୧୨ ଦିନ ପର୍ଯ୍ୟନ୍ତ ପଚାଯାଏ। ତା'ପରେ ସେହି ଘୋଳକୁ ମିଶାମିଶି କରି ପିଆଜ ଅଖାରେ ଛଣାଯାଏ। ତାହାକୁ ୩-୪ ମାସ ପର୍ଯ୍ୟନ୍ତ ବ୍ୟବହାର ପାଇଁ ରଖାଯାଇପାରେ। ତାହାକୁ ପୁନର୍ବାର ପତଳା କନାରେ ଛାଣି ଅନୁପାତରେ ପାଣି ସହ ମିଶାଇ ଫସଲରେ ୮-୧୦ ଦିନ ଅନ୍ତରରେ ସିଞ୍ଚନ କରାଯାଏ। ଏହାକୁ ଅନୁପାତରେ ସିଞ୍ଚନ କଲେ ଭଲ। ଆବଶ୍ୟକ ପରିମାଣର କୀଟନାଶକ ବାହାରେ ଗୋଳାଇ ଟିକେ ସାମ୍ପୋ ଫେଣ୍ଟି ଦ୍ରବଣ ପ୍ରସ୍ତୁତ ହେଲେ ଗଛରେ ଏହା ଠିକ୍ ଭାବରେ ପଡ଼ିଥାଏ। ସ୍ଥଳ ବିଶେଷରେ ପୋକ ଆକ୍ରମଣ 'ଆର୍ଥିକ ଦେହଳୀ ସୀମା' ଠାରୁ ଅଧିକ ହେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଦରକାର ପଡ଼ିଥାଏ। ଦରକାର ପଡିଲେ ୮-୧୦ଦିନ ବ୍ୟବଧାନରେ ପୁନର୍ବାର କୀଟନାଶକ ପକାଇ ଫସଲକୁ ରକ୍ଷା କରାଯାଏ।



**ଧାନ ଫସଲରେ ମୁଖ୍ୟ ପୋକ**

ଧାନ ଫସଲରେ ମୁଖ୍ୟ ପୋକଗୁଡ଼ିକ ହେଲା-ଲେଡା ପୋକ, କର୍ତ୍ତନ କୀଟ, ମାଟିଆଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ, କାହାଳିଆ ପୋକ, ପତ୍ର ମୋଡ଼ା ପୋକ, ସବୁଜ ପତ୍ରଡିଆଁ ପୋକ, ନଳୀପୋକ, ଗନ୍ଧିପୋକ, ବିରିହା ପୋକ, ଦହିଆ ପୋକ ଓ କେଣ୍ଡା କଟା ପୋକ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଲେଡ଼ା ପୋକ ତଳି ଓ ମୁଖ୍ୟ ଫସଲର ପତ୍ର ଖାଇଯାଆନ୍ତି। ଆକ୍ରାନ୍ତ ଫସଲ ଗୋରୁ ଚରିଲା ପରି ଦିଶିଥାଏ। ଲେଡ଼ା, କର୍ତ୍ତନ କୀଟ ଓ କେଣ୍ଡାକଟା ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୫୦ ପ୍ରତିଶତ ସହ ସାଇପରସମେଥ୍ରିନ୍ ୫ ପ୍ରତିଶତ ଇସି ଅଥବା ପୋଫେନୋଫସ୍ ୫୦ ପ୍ରତିଶତ ଇସିର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ମାଟିଆଗୁଣ୍ଡି ପୋକ ଖୁବ୍ ଶୀଘ୍ର ବଂଶବୃଦ୍ଧି କରି ଗଛ ମୂଳରେ ରହି ଫସଲରୁ ରସ ଶୋଷି ଖାଇବା ଫଳରେ ଗଛ ହଳଦିଆ ପଡ଼ି ଶୁଖିଯାଏ। ଆର୍ଥିକ ଦେହଳୀ ସୀମା ବୁଦା ପ୍ରତି ୫-୭ ପୋକ। କିଆରିରେ ମଳା ମଳା ଧାନ ପୋଡ଼ିଯାଇଥିବା ପରି ଦେଖାଯାଏ। ତାହାର ନିୟନ୍ତ୍ରଣ ଲାଗି ଇଥୋଫେନପ୍ରକ୍ସ ୧୦ ପ୍ରତିଶତ ଇସି ୧୦ ମିଲି/ଫ୍ଲୋନିକାମାଇଡ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି, ୩ ଡବ୍ଲ୍ୟୁଜି ୬ ଗ୍ରାମ/ଫ୍ଲୋନିକକାମିଡ ୫୦ ପ୍ରତିଶତ ଡବ୍ଲ୍ୟୁଜି ୩ ଗ୍ରାମ/ଥାୟୋମେଥୋକ୍ସଜାମ୍ ୨୫ ଡବ୍ଲ୍ୟୁଜିର ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲକୁ ସିଞ୍ଚନ କରିବା ଜରୁରୀ।

କାଣ୍ଡବିନ୍ଧା ପୋକର ଶୁକ, କାଣ୍ଡ ମଧ୍ୟରେ ପ୍ରବେଶକରି ମଞ୍ଜି ଖାଇଯାଏ, ଯାହାକୁ 'ମଲା ମଞ୍ଜ' କୁହାଯାଏ। କେଣ୍ଡା ବାହାରିବା ଅବସ୍ଥାରେ ଆକ୍ରାନ୍ତ ଗଛରୁ ମଲାକେଣ୍ଡା ବାହାରିଥାଏ। ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ। ଏହାକୁ 'ଧଳା କେଣ୍ଡା' ବା 'ବଗପକ୍ଷିଆ' ବୋଲି ମଧ୍ୟ କୁହାଯାଏ। ଆର୍ଥିକ ଦେହଳୀ ସୀମା ହେଲା ମଲା ମଞ୍ଜ ୫ ଗ୍ରାମ/ଇମିଡାକ୍ଲୋପ୍ରିଡ୍, ୧୭.୮, ଏସ୍‌ଏଲ୍ ୨.୮ ମି.ଲି./ଥାୟୋମେଥୋକାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପ୍ରତି ଫସଲରେ ସିଞ୍ଚନ କରାଯାଏ।

ସବୁଜ ପତ୍ରଡିଆଁ ପୋକ ଦେଖାଗଲେ ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡ଼କୁ ଫିକା ହଳଦିଆ ହୋଇ ପରେ ଧୂସର ପଡ଼ିଯାଏ। ଏମାନେ ଟୁଙ୍ଗ୍ରୋ ଭୂତାଣୁକୁ ସଂକ୍ରମଣ କରିବାରେ ସହାୟକ ହୋଇଥାଆନ୍ତି। ଏହି ଦୁଇ ପୋକ ସହଜରେ ଧଳାପିଠିଆ ପତ୍ରଡିଆଁ ପୋକର ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପ୍ରିଡ ୧୭.୮ ପ୍ରତିଶତ, ଏସ୍‌ଏଲ୍ ୨.୮ ମି.ଲି./ପାଇମୋଟ୍ରୋଜିନ୍ ୫୦ ପ୍ରତିଶତ ପ୍ରତିଶତ। କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫ ପ୍ରତିଶତ ଏସ୍‌ସି ୧ ମି.ଲି./ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍‌ସି ୨୦-୩୦ ମି.ଲି./ପ୍ରୋଫେନଫସ୍ ୫୦ ପ୍ରତିଶତ ଇସିର ୨୦ ମି.ଲି. ଏବଂ କାହାଳିଆ ପୋକ ନିୟନ୍ତ୍ରଣ ନିମନ୍ତେ କାର୍ବୋସଲ୍‌ଫାନ୍ ୨୫ ପ୍ରତିଶତ ଇସିର ୧୬-୨୦ ମି.ଲି./କ୍ଲୋରୋପାଇରିଫସ୍ ୨୦ ଇସିର ୨୫ ମି.ଲି./ଥାୟୋମେଥୋକାମ୍ ୨୫ ଡବ୍ଲ୍ୟୁଜି ୨ ଗ୍ରାମ ୧୦ ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରାଯାଏ। (କ୍ରମଶଃ...)

-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

# କୋଳଥ କିସମ



**କୋ**ଳଥର ଉର୍ମି ଡିଏସ୍-୧-୨,ଡିଏସ୍୧-୨-୨ ଆଦି କିସମ ସଂଗ୍ରହକରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କି.ଗ୍ରା. ଫସ୍‌ଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ବିଷ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କି.ଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

## ଜାଣିରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମାଛ ଯାଆଁଳ ଛାଡ଼ିବା ପରେ...



**ମାଛ** ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବା ପରେ ମାଛ ଯାଆଁଳ ଛାଡ଼ନ୍ତୁ।

# ପାଳଛତୁ ଚାଷ



**ପା**ଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

# ନଳିତା ଶଢ଼ାଇବା ପ୍ରଣାଳୀ

**ଗ**ଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ଶଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟହେବାକୁ ଦିଏ ନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ଶଢ଼ାଇବା ପାଇଁ ଅଧିକ ଉପଯୋଗୀ। ଗଛର ମୂଳଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ଶଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିପାଇଁ ବିଡ଼ାଗୁଡିକୁ ୬୦ସେ.ମି. ପାଣି ଥିବା ସ୍ଥାନରେ ୨-୩ ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଢ଼େଇ ୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡ଼ାଇ ରଖାଯିବା ପରେ ବିଡ଼ାଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ଲଳିତା ଶଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କବକ କଲ୍‌ଚର ବ୍ୟବହାର କରନ୍ତୁ। ନଳିତାରେ ଘୋଡ଼ାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲ୍‌ଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡଶଢ଼ା ରୋଗ ଦେଖାଯାଇଥାଏ ; ଯଦ୍ୱାରା ପତ୍ର ଝଡ଼ିଯାଏ ଏବଂ କାଣ୍ଡ କଳା ପଡି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।



# ଜାତୀୟ ଜୁନିୟର ଫୁଟବଲ ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଓଡ଼ିଶା ଓ ହରିୟାଣା ଦଳର ଖେଳାଳି।

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟବଲ ଫେଡେରେଶନର କାର୍ଯ୍ୟକାରିଣୀ ସଦସ୍ୟ ଅଭିଜିତ ପାଲ, ଫାଓ ଉପସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରର ଭେନ୍ୟୁରେ ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ହରିୟାଣା ବିପକ୍ଷରେ ବୃହତ୍ ବିଜୟ ସହ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିଛି। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଦଳ ପକ୍ଷରୁ ଶଙ୍ଖ ଶେଖର ହେମ୍ବ୍ରମ ୩, ୪୯ ଓ ୮୫ତମ ମିନିଟରେ ୩ଟି

### ବି.ସି. ରୟ ଟ୍ରଫି
### ବିଜୟ ସହ ଓଡ଼ିଶାର ଅଭିଯାନ

ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ ସହ ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆକାଶ ସାହୁ ୧୪ତମ ମିନିଟରେ ଅନ୍ୟ ଗୋଲଟି କରିଥିଲେ। ୩୬ତମ ମିନିଟରେ ଓଡ଼ିଶାର ମୋହନ ଗୁଣ୍ଡା ଓ ୫୭ତମ ମିନିଟରେ ହରିୟାଣା ଅଧିନାୟକ ଭବେଶ ୟେଲୋ କାର୍ଡ ପାଇଥିଲେ। ସପ୍ତମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ମହାରାଷ୍ଟ୍ର ୩-୧ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କର୍ଣ୍ଣାଟକ ପକ୍ଷରୁ କ୍ରିସ୍ ଥୋମାସ ଜୋସେଫ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ନିଆଲ ଗୋଘାଭଲା ୪୫ ଓ ୫୪ତମ ମିନିଟରେ ୨ଟି ଏବଂ ପାର୍ଥ ବିଜୟ ତାଲକୋକୁଲ ୬୯ତମ ମିନିଟରେ ଗୋଟିଏ ଗୋଲ ଦେଇ ମହାରାଷ୍ଟ୍ରକୁ ବିଜୟୀ କରିଥିଲେ। କ୍ୟାପିଟାଲ ଆରେନାରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଝାଡ଼ଖଣ୍ଡ ୫-୨ ଗୋଲରେ ମିଜୋରାମକୁ ହରାଇ ଦେଇଛି। ଝାଡ଼ଖଣ୍ଡ ପକ୍ଷରୁ ଜେମ୍ସ ଥୋଙ୍ଗମିନ ଚେଙ୍ଗଲୋଇ ୩୦, ୪୮, ୮୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଲମ୍‌ସାଙ୍ଗଜୁଆଲା ୧୨ ଓ ମହେନ୍ଦ୍ର ବେଦିୟା ୮୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମିଜୋରାମ ପକ୍ଷରୁ ଲାଲରିନଫେଲା ରାଲ୍‌ଟେ ୪୧ ଓ ଇଡି ଲାଲହମାଙ୍ଗାଇଜୁଆଲା ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୫-୧ ଗୋଲରେ ଛତିଶଗଡ଼କୁ ହରାଇଛି। ବିଜୟୀ ଦଳ ପକ୍ଷରୁ ନିରଞ୍ଜନ ଜୁଙ୍ଗ ଶାହି ୨ ଓ ୬ଷ୍ଠ ମିନିଟରେ ୨ଟି ଏବଂ ମହମ୍ମଦ ନଦିମ ୨୪, କୈଫ ଖାଁ ୩୧ ଓ ଅବିନାଶ ଥାପା ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଛତିଶଗଡ଼ ପକ୍ଷରୁ ଅଧିନାୟକ କେଓ୍ୱାତ କୋଲା ୭୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ଏସିଆ କପ୍: ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ

**ପାଲେକେଲ୍, ୫।୯(ପି.ଟି.)** ଏସିଆ କପ୍ କ୍ରିକେଟ୍ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୩ ରନ୍‌ରେ ଜିତି ନେଇଛି ଶ୍ରୀଲଙ୍କା। ମଙ୍ଗଳବାର ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ ସହିତ ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। କୁଶାଲ ମେଣ୍ଡିସ୍‌ଙ୍କ ୯୨ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୩୭.୪ ଓଭରରେ୨୮୯ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା। ୮୬ ରନ୍‌ରେ ୩ ଉଇକେଟ ହରାଇବା ପର କୁଶାଲ ମେଣ୍ଡିସ୍(୯୨) ଓ ଚରିଥ୍ ଅସଲଙ୍କା (୩୬) ଚତୁର୍ଥ ଉଇକେଟରେ ୧୦୨ ରନ୍ ଯୋଡିଥିଲେ। ମେଣ୍ଡିସ୍ ୮୪ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଅସଲଙ୍କା ୪୩ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଆଫଗାନିସ୍ତାନ ୨୭ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା।୫୦ ରନ୍‌ରେ ୩ ଉଇକେଟ ହରାଇବା ପରେ ଅଧିନାୟକ ହସମତଉଲ୍ଲା ଶାହିଦି (୫୯) ଓ ରେହମତ ଶାହ(୪୫) ଚତୁର୍ଥ ଉଇକେଟରେ ୭୧ ରନ୍ ଯୋଡିଥିଲେ। ମହମ୍ମଦ ନବି ୩୨ ବଲ୍ ଖେଳି ୬ ଚୌକା ଓ ୫ ଛକା ସହିତ ୬୫ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ଦୁନିଥ ୱେଲିଲାଗେ ଓ ଧନଞ୍ଜୟ ଡି ସିଲ୍‌ଭା ଦୁଇଟି ଲେଖାଏ ଉଇକେଟ ନେଇ ଶ୍ରୀଲଙ୍କାକୁ ଜିତାଇଥିଲେ। ଶ୍ରୀଲଙ୍କା ପକ୍ଷରୁ କସୁନ ରଜିଥା ୪ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୯୧/୮ (କୁଶାଲ ମେଣ୍ଡିସ୍-୯୨, ପାଥୁମ୍ ନିଶଙ୍କା-୪୧, ଚରିଥ୍ ଅସଲଙ୍କା-୩୬, ଗୁଲବଦିନ ନାଇବ-୪/୬୦, ରଶିଦ୍ ଖାନ-୨/୬୩)। ଆଫଗାନିସ୍ତାନ ୩୭.୪ ଓଭରରେ ୨୮୯/୧୦ (ମହମ୍ମଦ ନବି-୬୫, ହସମତଉଲ୍ଲା ଶାହିଦି-୫୯, ରେହମତ ଶାହ-୪୫, କସୁନ୍ ରଜିଥା-୪/୭୯, ଦୁନିଥ୍ ୱେଲିଲାଗେ-୨/୩୬, ଧନଞ୍ଜୟ ଡି ସିଲ୍‌ଭା-୨/୧୨)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ